# ଓଡ଼ିଶା ବିଧାନସଭା

## ଚତୁର୍ଥ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୪ ସେପ୍ଟେମ୍ବର, ୨୦୨୫

----

**[କୃଷି ଓ କୃଷକ ସଶକ୍ତିକରଣ - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ସମବାୟ - ଶକ୍ତି - ଉପ ମୁଖ୍ୟମନ୍ତ୍ରୀ - ବିଜ୍ଞାନ ଓ କାରିଗରୀ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ].**

**ମୋଟ ପ୍ରଶ୍ନର ସଂଖ୍ୟା - 358**

----

### Odisha Start-up Policy-2016

735 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Odisha Start-up Policy-2016 କ'ଣ ଥିଲା, ଏହି ଆଧାରରେ କେଉଁ ଜିଲ୍ଲାର କେତେ ଉଦ୍ୟୋଗୀଙ୍କୁ Certificate ପ୍ରଦାନ କରାଯାଇଛି ତା'ର ଜିଲ୍ଲାୱାରୀ ଏକ ତାଲିକା ଦେବା ସହ, ଉକ୍ତ Startup ଗୁଡିକର validity କେତେ ବର୍ଷ ପାଇଁ ରହିଥିଲା ଏବଂ ସେଗୁଡିକର ସମୟସୀମା ଥାଇ କେଉଁ start-up ଗୁଡିକୁ Works Department କେଉଁ କାରଣ ପାଇଁ invalidate କରିଛି ତା'ର ସମସ୍ତ କାରଣ ସହ ଉପଯୁକ୍ତ ତଥ୍ୟ ସହ ବିବରଣୀ ପ୍ରଦାନ କରିବେ କି, (ଖ) କେନ୍ଦ୍ର ସରକାର ଷ୍ଟାର୍ଟ-ଅପ୍ ନୀତି ନିୟମ ଅପରିବର୍ତ୍ତିତ ରଖୁଥିବା ସ୍ଥଳେ ରାଜ୍ୟ ସରକାର ଏହାକୁ ପରିବର୍ତ୍ତନ କରିବାର କାରଣ କ'ଣ ରହିଛି ଜଣାଇବେ କି ?

----

### ରାଜ୍ୟ ଅର୍ଥ ନିଗମ କୁ ପୁନଃ କାର୍ଯ୍ୟକ୍ଷମ

1128 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡିଶା ରାଜ୍ୟ ଅର୍ଥ ନିଗମରେ ତାଲା ପଡିଥିବା ସତ୍ୟ କି, ଋଣ ଅନାଦେୟ ଯୋଗୁଁ କେତେ ଟଙ୍କା ହରାଇଛନ୍ତି ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, (ଖ) ଏହାକୁ ପୂର୍ଣ୍ଣକ୍ଷମ କରିବା ପାଇଁ କି ଯୋଜନା ରହିଛି ?

----

## ଅର୍ଥ ନିଗମକୁ ପୁନଃ କାର୍ଯ୍ୟକ୍ଷମ

**1135 ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ଆର୍ଥ ନିଗମ କେବେଠାରୁ ବନ୍ଦଅଛି, ଏହି ସଂସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବାପାଇଁ ସରକାରଙ୍କ ଆଭିମୂଖ୍ୟ କଣ ଅତିତରେ ଏହି ସଂସ୍ଥାଦ୍ୱାରା ଓଡିଶାର ଅନେକ ବେକାର ଶିକ୍ଷିତ ଯୁବକ, ଯୁବତୀ ଆତ୍ମନିର୍ଭରଶିଳ ହୋଇ ଓଡିଶା ର ବିକାଶରେ ସହାୟକ ହୋଇଥିଲେ ତେଣୁ ଉକ୍ତ ଅର୍ଥ ଲଗଣକାରୀ ସଂସ୍ଥାକୁ କାର୍ଯ୍ୟକ୍ଷମ କରିବାପାଇଁ ବିଚାର କରିବେ କି ?

----

## 24 ଘଣ୍ଟିଆ ବିଦ୍ୟୁତ୍ ସେବା

**1760 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡିଶାର ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ନା ଅଭାବୀ ରାଜ୍ୟ ; ଯଦି ବଳକା ତେବେ ବଳକା ବିଦ୍ୟୁତର ଉପଯୋଗୀତା କଣ ; ଆଜିବି ଗ୍ରାମାଞ୍ଚଳରେ 24 ଘଣ୍ଟିଆ ବିଦ୍ୟୁତ୍ ସେବା ପ୍ରଦାନ ହେଉ ନଥିବା ସତ୍ୟ କି; କେବେ ସୁଦ୍ଧା 24 ଘଣ୍ଟିଆ ବିଦ୍ୟୁତ୍ ସେବା ସରକାର ଉପଲବ୍ଧ କରାଇବେ ; (ଖ) ODSSP VI ଅନ୍ତର୍ଗତ proposal ଗୁଡିକ କେବେ କାର୍ଯ୍ୟ ଆରମ୍ଭ ହେବ ଏବଂ ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କାର୍ଯ୍ୟ ପାଇଁ ବିଭାଗ କେତେ ଅର୍ଥ ଖର୍ଚ୍ଚ କରିବ ଯୋଜନା କରିଛନ୍ତି ?

----

## PACS ଙ୍କୁ ମିଳିଥିବା ଅର୍ଥ

**1761 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡିଶାରେ ରବି ଓ ଖରିଫରେ ଧାନ ବିକ୍ରି କରି ସେବା ସମବାୟ ସମିତି କେଉଁ head ରେ କେତେ ଅର୍ଥ ପାଇଛନ୍ତି, ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ PACS ଅନୁଯାଇ ଦୁଇ ଆର୍ଥିକ ବର୍ଷରେ ପାଇଥିବା ଅର୍ଥର ତଥ୍ୟ ପ୍ରଦାନ ସହ PACS ୱାରୀ ଅଦ୍ୟାବଧି ବାଲାନ୍ସର ବିବରଣୀ ପ୍ରଦାନ କରିବେ କି ; (ଖ) ଷ୍ଟାଣ୍ଡିଂ କମିଟିରୁ ସମବାୟ ବିଭାଗକୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାଇ Secretary ମାନଙ୍କର ଅନ୍ୟତ୍ର ବଦଳି କଥା କେତେ ଦୂର କାର୍ଯ୍ୟକାରୀ ହୋଇଛି ; Transfer ନିୟମାବଳୀ ସଂଶୋଧନ କେବେ ସୁଦ୍ଧା ହୋଇ କାର୍ଯ୍ୟକାରୀ ହେବ କହିବେ କି?

----

## PM Viswakarma ଯୋଜନାରେ ହିତାଧିକାରୀ ପଞ୍ଜିକରଣ

1762 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ः**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- PM Viswakarma ଯୋଜନାରେ ହିତାଧିକାରୀ ସର୍ଭେ, ହିତାଧିକାରୀ ପଞ୍ଜିକରଣ ଓ ଚୟନ କାର୍ଯ୍ୟ Out sourcing agencies ମାନଙ୍କ ଜରିଆରେ କରାଯାଉଛି କି ; ଯଦି ହଁ, ତେବେ କେଉଁ କେଉଁ ସରକାରୀ କିମ୍ବା ବେସରକାରୀ ସଂସ୍ଥା/ବ୍ୟକ୍ତିଙ୍କୁ ଉକ୍ତ କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଛି ?

----

## ଘରୋଇ ସଂସ୍ଥା ଦ୍ୱାରା LPG ଯୋଗାଣ

1763 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ः**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକରେ କେଉଁ ସ୍ଥାନରେ କେଉଁ LPG Gas ସଂସ୍ଥା ଜରିଆରେ କେତେ କଣ ଘରୋଇ ଓ ବାଣିଜ୍ୟିକ ଉପଭୋକ୍ତାଙ୍କୁ LPG Gas ବିତରଣ କରାଯାଉଛି ; ତାହାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ; (ଖ) ତୁରେକେଲା ବ୍ଲକରେ ବିଗତ 4 ବର୍ଷରୁ ସ୍ଥାୟୀ ରୂପେ କୌଣସି LPG Gas ବିତରଣ ସଂସ୍ଥା ଯୋଗାଣ କରୁନଥିବାରୁ ଅଞ୍ଚଳରେ ଉପଭୋକ୍ତାମାନେ ରୋଷେଇ ଗ୍ୟାସ ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି, ଏଣୁ ଯଥାଶୀଘ୍ର ତୁରେକେଲା ବ୍ଲକ ମୁଖ୍ୟାଳୟରେ ସ୍ଥାୟୀ ଭାବେ ଏକ ନୂତନ LPG Gas ବିତରଣ ସଂସ୍ଥା ନିୟୋଜିତ କରିବାକୁ ପଦକ୍ଷେପ ଗ୍ରହଣ କରିବେ କି?

----

## ସମବାୟ ସମିତି ଦ୍ୱାରା ସାର ଯୋଗାଣ

1764 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର)ः**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡର ଥିବା ସେବା ସମବାୟ ସମିତିକୁ ଗତ 5 ବର୍ଷ ମଧ୍ୟରେ କେତେ ପରିମାଣର କେଉଁ ସାର କେଉଁ କେଉଁ ଚାଷୀମାନଙ୍କୁ ପ୍ରଦାନ କରାଯାଇଛି ତାର ବର୍ଷୱାରୀ ଓ ସମବାୟ ସମିତିୱାରୀ ତଥ୍ୟ ପ୍ରଦାନ କରିବେ କି?

----

## ସମବାୟ ସମିତି ଦ୍ୱାରା ଚାଷୀଙ୍କୁ ଋଣ ପ୍ରଦାନ

1765 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର)ः**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଡଅଁର, ପଞ୍ଚୁପଲ୍ଲୀ, ଶୈଲଙ୍ଗ ସେବା ସମବାୟ ସମିତିରୁ ବିଗତ 5 ବର୍ଷ ଭିତରେ ଋଣ ନେଇଥିବା ଚାଷୀଙ୍କ ତାଲିକା ଚାଷୀଙ୍କ ନାମ, ଠିକଣା, ନେଇଥିବା ଋଣର ପରିମାଣ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; (ଖ) ଗତ ଖରିଫ୍ ଋତୁରେ କେଉଁ ଭାଗଚାଷୀ କେତେ ପରିମାଣର ଧାନ ବିକ୍ରୀ କରିଥିଲେ, ଏଥିନିମନ୍ତେ କେଉଁ ମୌଜାର କାହା ଜମି ପଞ୍ଜିକରଣ କରିଥିଲେ ଓ ଧାନ ବିକ୍ରୀ ବାବଦକୁ କେତେ ଟଙ୍କା ପାଇଥିଲେ ?

----

## Audit ଦ୍ୱାରା ଅର୍ଥ ଅନିୟମିତତା ଜଣାପଡିବା

1766 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୫ ବର୍ଷରେ କେନ୍ଦୁଝର ଜିଲ୍ଲାର କେଉଁ କେଉଁ ସମବାୟ ସମିତିର Audit ରୁ କେତେ ଟଙ୍କାର ଅନିୟମିତତା ହୋଇଥିବା କଥା ଜଣାପଡିଛି ; ଏଥିପାଇଁ କେଉଁ କେଉଁମାନେ ଦାୟୀ ଏବଂ ସେମାନଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେହିପରି ଯେଉଁ ସମବାୟ ସମିତିରେ ଲଗାତର ୩ ବର୍ଷର ଆର୍ଥିକ Audit ହୋଇନାହିଁ ତାର ତଥ୍ୟ ପ୍ରଦାନ କରିବା ସହ ଏଥିପାଇଁ ସରକାର କେବେ ଏବଂ କି ପଦକ୍ଷେପ ନେଉଛନ୍ତି ?

----

## ନିମ୍ନ ମାନର ସାର ଯୋଗାଣ

1767 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚାଷୀମାନେ ୟୁରିଆ ସାର ପାଇଁ ହଲବିକଳ ହେଉଥିବା ବେଳେ ସରକାର ଆବଶ୍ୟକ ପରିମାଣରେ ୟୁରିଆ ଡିଏପି ସାର ଯୋଗାଉନାହାଁନ୍ତି କାହିଁକି, ସରକାରୀ ଅବହେଳାରୁ ଚାଷୀମାନେ କଳାବଜାରୀଙ୍କ ଠାରୁ ନିମ୍ନମାନର ଅପମିଶ୍ରିତ ସାର ଚଢା ରେଟରେ କିଣୁଥିବାରୁ ସରକାର ଚାଷୀଙ୍କ ସ୍ୱାର୍ଥ ପାଇଁ କି ପଦକ୍ଷେପ ନେଉଛନ୍ତି, ଓଡ଼ିଶାକୁ କେତେ ପରିମାଣର ୟୁରିଆ ସାର ଦରକାର ?

----

## ଉତ୍ପାଦିତ ହେଉଥିବା ବିଦ୍ୟୁତ ଶକ୍ତି

1768 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ବର୍ତ୍ତମାନ କେତେ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଆବଶ୍ୟକ ଓ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ହେଉଛି, କେଉଁ କେଉଁ ଉତ୍ସରୁ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ ?

----

## ରିହାତି ଦରରେ ଡଙ୍ଗା, ଜାଲ ଓ ମେସିନ ଯୋଗାଣ

1769 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମତ୍ସ୍ୟଜୀବି ମାନଙ୍କୁ ଗତ ୫ବର୍ଷରେ ବିଭାଗ ତରଫରୁ ରିହାତି ଦରରେ ଦିଆଯାଉଥିବା ଡଙ୍ଗା, ଜାଲ ଓ ମେସିନ କେଉଁ କେଉଁ ହିତାଧିକାରୀଙ୍କୁ (ଲାଭାର୍ଥି) ପ୍ରଦାନ କରାଯାଇଛି ତାହାର ତଥ୍ୟ ପ୍ରଦାନ କରିବେ କି, (ଖ) ବିଭାଗ ତରଫରୁ ଡଙ୍ଗା, ଜାଲ, ଓ ମେସିନରେ ଦିଆଯାଉଥିବା ରିହାତି ପାଇଁ ଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟା କ'ଣ ?

----

## ବିଦ୍ୟୁତ ବଣ୍ଟନ କ୍ଷେତ୍ରରେ ଶୀଘ୍ରତା ଆଣିବା

1770 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମସ୍ତ ନୂତନ ବିଦ୍ୟୁତ ସଂଯୋଗୀକରଣ ଓ Transformer upgradation ଜିଲ୍ଲା ସ୍ତରରେ ହେଉଥିବା DLC ରେ ଅନୁମୋଦନ ହେବା ଆବଶ୍ୟକ କି, ଯଦି ହଁ, ତେବେ DLC ର ଅନୁମୋଦନ ପରେ କେତେ ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ ହେବା କଥା ତାହାର ନିର୍ଦ୍ଦିଷ୍ଟ ସମୟସୀମା କେତେ ଜଣାଇବା ସହ ଏହି ଅତ୍ୟନ୍ତ ଜଟିଳ ପ୍ରକ୍ରିୟାକୁ ସରଳୀକରଣ କରି ବିଦ୍ୟୁତ ବଣ୍ଟନରେ କାର୍ଯ୍ୟରେ ଶୀଘ୍ରତା ଆଣିବା ପାଇଁ ପଦକ୍ଷେପ ନେବେ କି, (ଖ) ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପାଇଁ ଗତ ୩ ବର୍ଷ ମଧ୍ୟରେ କେତେ ଥର କେବେ କେବେ DLC ହୋଇଥିଲା, କେଉଁ କେଉଁ project ଅନୁମୋଦନ ହୋଇଥିଲା ଏବଂ ସେ project ଗୁଡିକର ବର୍ତ୍ତମାନ ସ୍ଥିତି କ'ଣ ?

----

**Co-operative Society ଦ୍ୱାରା ଧାନ ସଂଗ୍ରହ**

1771 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ କେତୋଟି co -operative society /SHG ଧାନ ସଂଗ୍ରହ କରୁଛନ୍ତି, ଗତ ୫ ବର୍ଷ ମଧ୍ୟରେ ସେହି society /SHG ଋତୁ ଭିତ୍ତିକ (ରବି ଓ ଖରିଫ) କେତେ Procurement କରିଛନ୍ତି ?

----

**132 KV/33 KV Grid Sub-station ପ୍ରତିଷ୍ଠା**

1772 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କବାଟବନ୍ଧ, ଚଢେଇଧରା,ଅଂଜିରା, ବାଲିସାହି ଓ ମାଣ୍ଡିଆ ଇତ୍ୟାଦି ପଂଚାୟତଗୁଡିକରେ ବହୁତ ଗୁଡାଏ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି, କିନ୍ତୁ ସୁଦୀର୍ଘ ଚଣ୍ଡିଖୋଲ ନିକଟରୁ ଏଠାକୁ 33 KV ସପ୍ଲାଇ ଆସିଥିବାରୁ ଏହି ଅଂଚଳଗୁଡିକ ଉପଯୁକ୍ତ ବିଦ୍ୟୁତ ପାଇପାରିବେ ନାହିଁ, ତେଣୁ ଏହି ଅଂଚଳର ମଧ୍ୟଭାଗରେ ଗୋଟିଏ 132 KV/33 KV Grid Sub-station ପ୍ରତିଷ୍ଠା କରାଗଲେ ସେଠାକାର ଜନସାଧାରଣ ବିଶେଷ ଭାବରେ ଉପକୃତ ହେବେ ସରକାର ଏ ଦିଗରେ କି ପଦକ୍ଷେପ ନେଇଛନ୍ତି?

----

**ନୂତନ ଶୀତଳ ଭଣ୍ଡାର ସ୍ଥାପନ**

1773 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧର୍ମଶାଳା ବ୍ଲକର ବାରବାଟୀ ଓ ରସୁଲପୁର ବ୍ଲକର ଓଡଙ୍ଗଠାରେ ଗୋଟିଏ ଗୋଟିଏ ନୂତନ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି କିମ୍ବା ଭବିଷ୍ୟତରେ କି ପଦକ୍ଷେପ ନେବେ ?

----

## ଧର୍ମଶାଳାରେ Science Park ସ୍ଥାପନ

1774 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧର୍ମଶାଳାଠାରେ ଏକ Science Park ଏବଂ ଏକ ପ୍ଲାନେଟୋରିୟମ ସ୍ଥାପନ ପାଇଁ ପ୍ରସ୍ତାବ ଥିଲା, ଉକ୍ତ ପ୍ରସ୍ତାବଟି ଧର୍ମଶାଳା ନିର୍ବାଚନମଣ୍ଡଳୀ ର ଜନସାଧାରଣଙ୍କ ପାଇଁ ଏକ ଉପାଦେୟ ହେବ, ଛାତ୍ରଛାତ୍ରୀମାନେ ବିଶେଷଭାବେ ଉପକୃତ ହେବେ, ଉପରୋକ୍ତ ପ୍ରସ୍ତାବ ଉପରେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି କିମ୍ବା ଭବିଷ୍ୟତରେ କି ପଦକ୍ଷେପ ନେବା ପାଇଁ ଯାଉଛନ୍ତି?

----

## କୃଷି ସମ୍ବନ୍ଧୀୟ ଶିଳ୍ପ ପ୍ରତିଷ୍ଠା

1775 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତା ନିର୍ବାଚନମଣ୍ଡଳୀର ବସ୍ତାର ବସ୍ତା ଓ ବାଲିଆପାଳ କୃଷି ପ୍ରବଣ ଅଂଚଳ ଏଠାକାର ପ୍ରାୟ ୫୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ତେବେ ନିଜର କୃଷି ଉତ୍ପାଦିତ ଦ୍ରବ୍ୟ ପାଇଁ ଏଠାରେ ସଠିକ ବଜାର ଉପଲବ୍ଧ ନଥିବାରୁ ଅନେକ ସମୟରେ ଉତ୍ପାଦିତ ସାମଗ୍ରିକୁ ସଠିକ ମୂଲ୍ୟ ମିଳୁନାହିଁ ତେଣୁ ବସ୍ତା ନିର୍ବାଚନମଣ୍ଡଳୀରେ କୃଷି ସମ୍ବନ୍ଧୀତ କୌଣସି ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଶିଳ୍ପ ବିଭାଗ ନିକଟରେ କୌଣସି ପ୍ରସ୍ତାବ ରହିଛି କି?

----

## ବସ୍ତା ନିର୍ବାଚନମଣ୍ଡଳୀର ଉତ୍କଟ ସାର ଅଭାବ

1776 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉତ୍କଟ ସାରର ଅଭାବକୁ ଦୃଷ୍ଟିରେ ରଖି ସମବାୟ ବିଭାଗ ସମଗ୍ର ରାଜ୍ୟରେ ୫୦,014 ମେଟ୍ରିକ ଟନ ୟୁରିଆ ସାର ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି ଏହାସତ୍ତ୍ୱେ ବସ୍ତା ନିର୍ବାଚନମଣ୍ଡଳୀର ବସ୍ତା ଓ ବାଲିଆପାଳ ବ୍ଲକରେ ସାରର ଉତ୍କଟ ଅଭାବ ଦେଖାଦେଇଛି ଏହି ସମସ୍ୟାକୁ ସମାଧାନ କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି?

----

## ଅଭାବି ୟୁରିଆ ସାର ଯୋଗୁଁ ଚାଷୀକୂଳ ପ୍ରଭାବିତ

1777 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଭାବି ୟୁରିଆ ସାର ଯୋଗୁଁ ଚାଷୀକୂଳ ପ୍ରଭାବିତ ହୋଇଥିବା ଘଟଣା ସତ୍ୟ କି, ରାଜ୍ୟରେ ଅଭାବି ୟୁରିଆ ସାର ଯୋଗୁଁ ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକି ଥିବାବେଳେ ଚାଷୀଙ୍କୁ ସାର ଯୋଗାଇବା ପାଇଁ ସରକାର କି କି ବ୍ୟବସ୍ଥା ଗ୍ରହଣ କରିଛନ୍ତି?

----

## ପଞ୍ଜିକରଣ ବ୍ୟବସ୍ଥା ସରଳିକରଣ

1778 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାଷି ପୁଞ୍ଜିକରଣ ବ୍ୟବସ୍ଥାରେ ଲୋକେ ହନ୍ତସନ୍ତ ହେଉଥିବା ଘଟଣା ସତ୍ୟ କି ; ପୁଞ୍ଜିକରଣ ବ୍ୟବସ୍ଥାରେ ସରଳୀକରଣ ଆଳରେ ପ୍ରକୃତ ଚାଷୀ ସେମାନଙ୍କର ନାମ ପଞ୍ଜିକରଣ କରିପାରୁ ନଥିବା ସରକାର ଅବଗତ ଅଛନ୍ତି କି ; ଏହି ଦିଗରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## କଫି ଉତ୍ପାଦନର ଲକ୍ଷଧାର୍ଯ୍ୟ

1779 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର କାଶୀପୁର ଏବଂ ବିଷମକଟକ ବ୍ଲକରେ କଫି ଚାଷ ପାଇଁ କେତେ ହେକ୍ଟର ସରକାରୀ ଏବଂ ବେସରକାରୀ ଜମିରେ ମିଶ୍ରିତ ଛାୟାଦାର ଗଛ ରୂପେ ସିଲଭର ଓକ ଗଛ ଲଗାଯାଇଛି, ସେ ସବୁର ମୌଜା ଖାତା ଓ ପ୍ଲଟ ନମ୍ବର ଜମିର ପରିମାଣ ହିତାଧିକାରୀଙ୍କୁ ଦିଆଯାଇଥିବା ଅନୁଦାନ ମୂଲ୍ୟ, ବ୍ୟାଙ୍କ ଖାତା ସଂଖ୍ୟା, ବର୍ତ୍ତମାନ ସେହିସବୁ ଗଛର ସ୍ଥିତି କଣ, କେବେ ସୁଧା କପି ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ?

----

## ଚଢ଼ାଦରରେ ୟୁରିଆ ସାର ବିକ୍ରି

1780 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ଜୁନ ୨୬ ତାରିଖରେ ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ୬୦୪ .୩୦୫ ମେଟ୍ରିକ ଟନ ୟୁରିଆ କଳା ବଜାର ଖୁଲାସା କରାଯାଇଥିଲା ବର୍ତ୍ତମାନ ଜିଲ୍ଲାରେ ୟୁରିଆ କୃତ୍ରିମ ଅଭାବ ବିକ୍ରୀ ଯୋଗୁଁ ଚଢ଼ା ଦରରେ ଚାଷୀ କିଣୁଛନ୍ତି, ଏ ପର୍ଯ୍ୟନ୍ତ ସମ୍ପୃକ୍ତ କଳା ବଜାରୀ ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## Low Voltage ସମସ୍ୟାର ସମାଧାନ

1781 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ଗ୍ରାମ ଓ ପଡ଼ାମାନଙ୍କର Low Voltageକୁ ଦୂରକରି ନିୟମିତ ବିଦ୍ୟୁତ ଯୋଗାଣ କରିବା ପାଇଁ ୦୧.୦୪.୨୦୧୯ ଠାରୁ ଆଜି ପର୍ଯ୍ୟନ୍ତ କେତେ ପାଣ୍ଠି ବିନିଯୋଗ କରି କ'ଣ ପଦକ୍ଷେପ ନିଆଯାଇଛି ଓ କେଉଁ ପଦକ୍ଷେପ ନେବାକୁ ପ୍ରସ୍ତାବ ରହିଛି ବ୍ଲକୱାରୀ ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## ଜଳ ବିଦ୍ୟୁତ ପ୍ରକଳ୍ପରୁ ବିଦ୍ୟୁତ ଉତ୍ପାଦନ

**1782 କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି)ः**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷରେ କେଉଁ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ କେତେ ଜଳ ବିଦ୍ୟୁତ୍ ଉତ୍ପାଦିତ ହୋଇଛି, ପ୍ରକାଶ କରି ଜଳ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି; ମୟୁରଭଞ୍ଜ ଜିଲ୍ଲା ରେ ଜଳ ବିଦ୍ୟୁତ ଉତ୍ପାଦନ ପାଇଁ ପଦକ୍ଷେପ ଗ୍ରହଣ କରିବେ କି?

----

## ମାଛ ଚାଷ ପାଇଁ ପଦକ୍ଷେପ

**1783 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ः**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିସ୍ତିର୍ଣ୍ଣ ବ୍ରାହ୍ମଣୀ ନଦୀର ରେଙ୍ଗାଳି ବନ୍ଧ ଜଳଭଣ୍ଡାରରେ ସରକାରଙ୍କ ତରଫରୁ ମାଛ ଚାଷ ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରାଯାଇଅଛି ; ଏବଂ ବ୍ରାହ୍ମଣୀ ନଦୀର ମଧୁର ମାଛର ବ୍ୟବସାୟ ନିମନ୍ତେ ବାରକୋଟ ବ୍ରାହ୍ମଣୀ ନଦୀ କୂଳରେ ଏକ ଆଉଟଲେଟ ଯାହାକି ବ୍ରାହ୍ମଣୀ ଫ୍ରେସ ନାମରେ ନାମିତ କରି ଖୋଲିବା ନିମିତ୍ତ ଯୋଜନା କରିବେ କି ?

----

## ଯୋଗ୍ୟ ହିତାଧିକାରୀ ରାସନକାର୍ଡ଼ରୁ ବଞ୍ଚିତ

**1784 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ः**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ରାଜ୍ୟରେ କେତେ ଜଣ ହିତାଧିକାରୀ ରାସନ କାର୍ଡ ଦ୍ୱାରା ଉପକୃତ ହେଉଛନ୍ତି ଏବଂ କେତେ ଜଣ ଯୋଗ୍ୟ ହିତାଧିକାରୀ ରାସନ କାର୍ଡ ପାଇବାରୁ ବଞ୍ଚିତ ଅଛନ୍ତି ତାର ପ୍ରତ୍ୟେକ ହିତାଧିକାରୀ ଙ୍କ ନାମ ସହ ଜିଲ୍ଲାୱାରୀ ସାରଣୀ ପ୍ରଦାନ କରିବେ କି; ଏବଂ କେବେ ସୁଦ୍ଧା ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯିବ ?

----

## ଚାଷ ପାଇଁ ଚାଷୀଙ୍କୁ ବିହନ ଓ ସାର ଯୋଗାଇବା

**1785 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ବର୍ଷ ଖରିଫଋତୁର ଧାନ ଚାଷୀପାଇଁ କେଉଁ ଜିଲ୍ଲାକୁ କେତେ ପରିମାଣର ବିହନ ଏବଂ ସାର ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଅଛି ତାର ଜିଲ୍ଲା ୱାରୀ ଚାଷୀଙ୍କ ନାମ ଏବଂ ଠିକଣା ସହ ବିବରଣୀ ପ୍ରଦାନ କରିବେ କି ?

----

## ଟିକିଟି ବ୍ଲକରେ ଖାଲିଥିବା VLW ପଦବୀ

**1786 ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଟିକିଟି)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ବ୍ଲକରେ ୯ ଗୋଟି VLW ପଦବୀରୁ ୬ ଗୋଟି ପଦବୀ ଖାଲିଅଛି, ତତସହିତ Block Agriculture Officer (BAO) ପଦବୀ ଖାଲିଅଛି, ଯାହାଫଳରେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା କୃଷି ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ ହୋଇପାରୁନାହିଁ, ଫଳତଃ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହାର ବିହୀତ ପ୍ରତିକାର ପାଇଁ ବ୍ୟବସ୍ଥା କରିବେ କି ?

----

## ପାତ୍ରପୁର ବ୍ଲକରେ ଖାଲିଥିବା VLW ପଦବୀ

1787 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ବ୍ଲକରେ ୧୩ କୋଟି VLW ଅଛି, କିନ୍ତୁ ୧୦ ଗୋଟି ପଦବୀ ଖାଲିଅଛି ତା ସହିତ BTM ଓ ATM ଗୋଟିଏ ଲେଖାଁ ପଦବୀ ଖାଲିଅଛି ତତସହିତ ଅନ୍ୟାନ୍ୟ ପଦବୀ ଖାଲି ପଡ଼ିଛି, ଯାହାଫଳରେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା କୃଷି ଏବଂ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ ହୋଇପାରୁନାହିଁ, ଫଳତଃ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହାର ତୁରନ୍ତ ପ୍ରତିକାର ପାଇଁ ବ୍ୟବସ୍ଥା ଗ୍ରହଣ କରିବେ କି?

----

## ଗୋ ଖାଦ୍ୟରେ ସବସିଡ଼ି ପ୍ରଦାନ

1788 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ः**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ କ୍ଷୀରର ଚାହିଦା ପୂରଣ ପାଇଁ କେତେ ପରିମାଣର ଆବଶ୍ୟକତା ସ୍ଥଳେ ଉତ୍ପାଦନ ପରିମାଣ କେତେ; ଆବଶ୍ୟକ କ୍ଷୀରର କେତେ ପ୍ରତିଶତ; କ୍ଷୀରଚାଷ ପାଇଁ ରାଜ୍ୟରେ କେଉଁ ଜିଲ୍ଲାରୁ କେତେ ଚାଷୀ ସଂଶ୍ଲିଷ୍ଟ ଅଛନ୍ତି; ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ କେବେ ସୁଦ୍ଧା କାର୍ଯ୍ୟକାରୀ ହେବାର ଯୋଜନା ରହିଛି; ବର୍ତ୍ତମାନ ରାଜ୍ୟରେ ଜିଲ୍ଲାୱାରୀ କେତୋଟି ଦୁଗ୍ଧ ସମବାୟ ସମିତି କାର୍ଯ୍ୟକ୍ଷମ ଏବଂ କେତୋଟି ଅଚଳ ସମବାୟ ସମିତିକୁ ପୁନଃକ୍ଷମ କରିବାକୁ ପଦକ୍ଷେପ ନେଇଛନ୍ତି କି; ଗୋ ଖାଦ୍ୟରେ ସରକାର କେତେ ଟଙ୍କାର ସବସିଡ଼ି ପ୍ରଦାନ କରୁଛନ୍ତି; ସମବାୟ ସମିତି ସଂଖ୍ୟା ହ୍ରାସ ହେତୁ ଚାଷୀମାନେ ଅଭାବୀ ବିକ୍ରିର ସାମ୍ନା କରୁଥିବା ସତ୍ୟ କି; ପ୍ରାଇଭେଟ କ୍ଷୀର ଉତ୍ପାଦନକାରୀ ଫାର୍ମ ମାନଙ୍କର କ୍ଷୀରର ମାନ କେତେଥର ପରିକ୍ଷଣସ୍ଥଳେ କେତେଥର ହେଉଛି ?

----

## ଉତ୍ପାଦନବେଳେ ଚାଷୀଙ୍କଠାରୁ ଆଳୁ କିଣିବା

1789 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ପରିମାଣର ଆଳୁ ଆବଶ୍ୟକସ୍ଥଳେ କେତେ ଉତ୍ପାଦନ ହେଉଛି, ଉତ୍ପାଦନବେଳେ ଚାଷୀଙ୍କଠାରୁ କିଣିବା ପାଇଁ ସରକାରୀ ବ୍ୟବସ୍ଥା କଣ ରହିଛି, ରାଜ୍ୟରେ ଆଳୁ ମିଶନ ଆରମ୍ଭ ହେବାଠାରୁ ରାଜ୍ୟରେ ଆଳୁ ଉତ୍ପାଦନ କେତେ ବଢ଼ିଛି ଏବଂ ଏହାର ସଂରକ୍ଷଣ ପାଇଁ କେଉଁ ଜିଲ୍ଲାରେ କେତେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଇଛି, ବର୍ତ୍ତମାନର ପରିବେଶ ଆଳୁ ଚାଷ ପାଇଁ କେଉଁ ଜିଲ୍ଲାମାନଙ୍କରେ ଉପଯୁକ୍ତ ଏବଂ ସେହି ଜିଲ୍ଲା ମାନଙ୍କରେ ବାର୍ଷିକ ଉତ୍ପାଦନ ପରିମାଣ କେତେ, ଆମ ରାଜ୍ୟରେ ଆଳୁ ସଂରକ୍ଷଣ ପାଇଁ କେତୋଟି ଶୀତଳ ଭଣ୍ଡାର ରହିଛି ଏବଂ ସେଠାରେ କେତେ ପରିମାଣର ସଂରକ୍ଷିତ ହୋଇପାରିବ, 2024 ଜୁଲାଇ ମାସଠାରୁ ଅଗଷ୍ଟ 2025 ମଧ୍ୟରେ କେଉଁ ଜିଲ୍ଲାର କେଉଁଠାରେ କେତୋଟି ଶୀତଳ ଭଣ୍ଡାର ନିର୍ମାଣ ସ୍ଥଳେ କେତୋଟିର ନିର୍ମାଣ ସରିଛି ?

----

## ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି

1790 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ର ସରକାରଙ୍କ ଅକ୍ଷୟ ଶକ୍ତି ପ୍ରଣୀତ କୁସୁମ-ଏ ଯୋଜନାରେ ଆମ ରାଜ୍ୟ ପାଇଁ ପୂର୍ବରୁ 500 ମେଗାୱାର୍ଟ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ କେଉଁ କାରଣରୁ 40 ମେଗାୱାର୍ଟ କରାଗଲା, ରାଜ୍ୟ ପାଇଁ ଏହା ଯଥେଷ୍ଟ କିମ୍ବା ଅତିରିକ୍ତ ମେଗାୱାର୍ଟ ମଗାଯାଉଛି, 2024 ଜୁନ୍ ମାସଠାରୁ ଅଗଷ୍ଟ 2025 ମଧ୍ୟରେ କେଉଁଠାରେ ବିଦ୍ୟୁତ୍ ଆଘାତରେ କେତେଜଣ ମୃତ୍ୟୁ ବରଣ କରିଛନ୍ତି, ଏହି ମୃତ୍ୟୁବରଣ କିଏ ଦାୟୀ, ସେମାନଙ୍କୁ ସହାୟତା ରାଶି ଦେବାର କି ବ୍ୟବସ୍ଥା ରହିଛି, 2023 ମସିହାରେ ଓରେଡା ୟୁନିଟ୍ ପିଛା ଟ.3.33 ହାରରେ ବିଦ୍ୟୁତ୍ ଯୋଗାଇବାକୁ ନିବେଦନ କରିଥିବାବେଳେ ଟାଟା ପାୱାର ଏହି ଟାରିଫକୁ ବିରୋଧ କରିଥିଲା କିନ୍ତୁ ସ୍ୱୀକୃତି ପରେ ଟାଟା ପାୱାରକୁ କେଉଁ ଆଧାରରେ ଟ.4.40 ପଇସା ୟୁନିଟ୍ ପିଛା ଦରକୁ ଆୟୋଗ ମଞ୍ଜୁର କରିଥିଲେ ?

----

## ମୃର୍ତ୍ତିକା ସଂରକ୍ଷଣ ବିଭାଗଦ୍ୱାରା ବିଭିନ୍ନ କାର୍ଯ୍ୟ

1791 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ "ମୃତ୍ତିକା ସଂରକ୍ଷଣ" ବିଭାଗ କି କି କାର୍ଯ୍ୟ ସମ୍ପାଦନ କରୁଛି ଏବଂ କେତେ ଜଣ କର୍ମଚାରୀ ଅଛନ୍ତି, ମାଟି କିପରି ସଂରକ୍ଷଣ କରୁଛନ୍ତି କେତେ ଗଛ ରୋପଣ କରିଛନ୍ତି ଏହାର ବ୍ଲକୱାରୀ ତାଲିକା ଦେବା ସହ ଉକ୍ତ ବିଭାଗ ଆଗାମୀ ଦିନରେ କି କି ପ୍ରକଳ୍ପ project କରିବ ?

----

## ଅଧିକ ରାଇସ୍ ମିଲ୍ ଖୋଲିବା

1792 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗୁଣାତ୍ମକ ମାନର ଚାଉଳ ରପ୍ତାନୀ ପାଇଁ କି କି ବ୍ୟବସ୍ଥା ଅଛି, ଅଧିକ ରାଇସ୍ ମିଲ୍ ଖୋଲାଯିବା ପାଇଁ ଇଚ୍ଛୁକ ହିତାଧିକାରୀମାନେ କିପରି ଉପକୃତ ହେବେ, subsidy ରିହାତି ପାଇବେ, ଉକ୍ତ ବିଭାଗ କଣ ସହାୟକ ହେଉଛି ?

----

## ଧାନ ବିକ୍ରୟ କରିବା ସମସ୍ୟାର ସମାଧାନ

1793 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସନ୍ତପୁରର ଚାଷୀମାନେ ସେମାନଙ୍କର ଧାନ ବିକ୍ରୟ କରିବା ପାଇଁ ବହୁତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି; ଖରିଫ ଋତୁରେ ପ୍ରାୟ ୬୦ ଜଣ ଚାଷୀଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା; ଏହି ଋତୁରେ କୌଣସି ଚାଷୀ ସେମାନଙ୍କର ମୌଳିକ ଅଧିକାରରୁ ବଞ୍ଚିତ ହେବେ ନାହିଁ କି ?

----

## Grade pay ବୃଦ୍ଧି ପାଇଁ ପଦକ୍ଷେପ

1794 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଜିଲ୍ଲା ଅଫିସରେ କାର୍ଯ୍ୟ କରୁଥିବା ବରିଷ୍ଠ /କନିଷ୍ଠ କର୍ମଚାରୀଙ୍କୁ ତାଙ୍କର RACP ବେନିଫିଟ 4200 ଟଙ୍କା ପରିବର୍ତ୍ତେ ସେମାନଙ୍କୁ 2800 ଟଙ୍କା ଦିଆଯାଇଛି, ଏହାର କାରଣ ଏହି କର୍ମଚାରୀ ମାନେ 1985 GA Department ନିୟମରେ ପ୍ରବେଶ କରିନାହାନ୍ତି କି; ବିସ୍ତୃତ ଭାବରେ ଜଣାଇବେ କି ; ଏହି ବରିଷ୍ଠ / କନିଷ୍ଠ କର୍ମଚାରୀ ମାନଙ୍କୁ 2nd RACP ବେନିଫିଟ 4200 Grade Pay କେବେ ସୁଦ୍ଧା ପ୍ରଦାନ କରାଯିବ ଅବଗତ କରିବେ କି; ଏବଂ ଏହି ସମ୍ବନ୍ଧରେ କେତେ ଗୋଟି ଦରଖାସ୍ତ ବିଚାର ପାଇଁ ପଡିରହିଛି 2018 ରୁ ଆଜି ପର୍ଯ୍ୟନ୍ତ, ତାର ସମ୍ପୂର୍ଣ୍ଣ ବିବରଣୀ ଓ ବିଳମ୍ବର କାରଣ ଜଣାଇବେ କି ?

----

## ପ୍ରମୋସନ ଅଦାଲତର ଆଦେଶ ବଳରେ ପ୍ରମୋସନ ଦେବା

1795 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ କେତେ ଜଣ କର୍ମଚାରୀ ଗ୍ରୁପ 'ବି', 'ସି' ଓ 'ଡି' ରୁ ଦୁଇ ଗୋଟି ପ୍ରମୋସନ ଅଦାଲତକୁ ବିଗତ ଦିନରେ ଦରଖାସ୍ତ କରିଥିଲେ, ଏହାର ଗ୍ରୁପ/ପୋଷ୍ଟ ଅନୁସାରେ ବିବରଣୀ ପ୍ରଦାନ କରିବେ କି, ଏହି ମଧ୍ୟରୁ କେତେ ଜଣକୁ ପ୍ରମୋସନ ଦିଆଯାଇଛି ତାହା କେଉଁ ଗ୍ରୁପରୁ /କେଉଁ ପୋଷ୍ଟରୁ କେଉଁ ଗ୍ରୁପ/ କେଉଁ ପୋଷ୍ଟ କୁ ପ୍ରମୋସନ ଦିଆଯାଇଛି ଓ କେଉଁ ଆଧାରରେ କରାଯାଇଛି ଓ ସେମାନଙ୍କୁ ପ୍ରମୋସନ ବେନିଫିଟ ଦିଆଯାଇଛି କି ନାହିଁ, ଏହାର ପୋଷ୍ଟ ଅନୁସାରେ ବିବରଣୀ ଜଣେଇବେ କି, ଏହି ପ୍ରମୋସନ ଅଦାଲତରେ କେତେ ଜଣ ଚୌକିଦାର କୁ ପ୍ରମୋସନ ଦିଆ ଯାଇଛି କି, ତାହା ଜିଲ୍ଲା ଅନୁସାରେ ବିବରଣୀ ପ୍ରଦାନ କରିବେ ଚୌକିଦାରକୁ ପ୍ରମୋସନ ଦିଆଗଲା ପରେ ଅଫିସ କୁ କିଏ ଜଗୁଛି ତାହା ଜିଲ୍ଲା ଅନୁସାରେ ବିବରଣୀ ପ୍ରଦାନ କରିବେ କି, ଆଉ କେତେ ଜଣ ପ୍ରମୋସନ ଅଦାଲତ ର ଆଦେଶ ଥିବା ସୁଦ୍ଧା ଆଜି ପର୍ଯ୍ୟନ୍ତ ପ୍ରମୋସନ ଦିଆଯାଇନାହିଁ ତାହାର କାରଣ ଜଣାଇବା ସହ ସେମାନକୁ କେତେ ଦିନ ଭିତରେ ପ୍ରମୋସନ ଦିଆଯିବ ତାହ ଜଣାଇବେ କି ?

----

## ରାଜ୍ୟରେ ଥିବା ଶୀତଳ ଭଣ୍ଡାର

1796 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୨୪ ବର୍ଷ ବେଳକୁ ରାଜ୍ୟରେ କେତୋଟି ସରକାରୀ ଓ ଘରୋଇ ଶୀତଳ ଭଣ୍ଡାର ଥିଲା ଏବଂ ଜୁନ୍, ୨୦୨୪ ପରଠାରୁ କେତୋଟି ନୂତନ ଶୀତଳ ଭଣ୍ଡାର ନିର୍ମାଣ କରାଯାଇଛି, ତା'ର ଏକ ଜିଲ୍ଲା ୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ୨୦୨୫-୨୬ ଆର୍ଥିକ ବର୍ଷରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ କେତେ ଅର୍ଥ ବରାଦ କରାଯାଇଛି ଓ ରାଜ୍ୟର କେଉଁ କେଉଁ ସ୍ଥାନରେ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି, ଶୀତଳ ଭଣ୍ଡାର ନିର୍ମାଣ ପାଇଁ କୌଣସି ଘରୋଇ ବ୍ୟକ୍ତି ବା ସଂସ୍ଥା ଠାରୁ ପ୍ରସ୍ତାବ ଆସିଛି କି, ଯଦି ହଁ, ତାର ଏକ ବିଶଦ ବିବରଣୀ ପ୍ରଦାନ କରିବେ କି ?

----

## ରାଜ୍ୟରେ ଥିବା ଲେୟାର କୁକୁଡା ଫାର୍ମ

1797 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେତେ ସଂଖ୍ୟକ ଲେୟାର କୁକୁଡା ଫାର୍ମ ରହିଛି ଓ ସେସବୁର ବାର୍ଷିକ ଅଣ୍ଡା ଉତ୍ପାଦନ କ୍ଷମତା କ'ଣ ରହିଛି, ତାର ଏକ ଫାର୍ମୱାରୀ ତାଲିକା ପ୍ରଦାନ କରିବେ କି, (ଖ) ରାଜ୍ୟରେ ୨୦୧୦ମସିହା, ୨୦୨୦ମସିହା, ୨୦୨୪ ମସିହା ଓ ୨୦୨୫ ମସିହାରେ ମୋଟ ଅଣ୍ଡା ଉତ୍ପାଦନ କ'ଣ ରହିଛି, ଅଲ ଓଡିଶା ଲେୟାର ଫାର୍ମସ ଆସୋସିଏସନ ସରକାରଙ୍କ ନିକଟରେ କ'ଣ ସବୁ ଦାବି ରଖିଛନ୍ତି ଓ ତା' ଉପରେ ସରକାର କ'ଣ ବିଚାର କରୁଛନ୍ତି ?

----

## ଅଣ୍ଡିରା ବାଛୁରୀ ଓ ଷଣ୍ଢ ଉପଦ୍ରବ

1798 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ଅଣ୍ଡିରା ବାଛୁରୀ ଓ ଷଣ୍ଢଙ୍କ ଉପଦ୍ରବ କାରଣରୁ ଚାଷି ମାନଙ୍କ ପାର୍ଯ୍ୟାପ୍ତ ଫସଲ ନଷ୍ଟ ହେବାର ଖବର ସରକାରଙ୍କ ପାଖରେ ଅଛି କି, ଯଦି ଥାଏ ଏ ସଂକ୍ରାନ୍ତରେ କି ପଦକ୍ଷେପ ନେଇଛନ୍ତି ଓ କେବେ ତାହା କାର୍ଯ୍ୟାକାରୀ ହେବ ?

----

## PACS ଓ LAMPCS ରେ କାର୍ଯ୍ୟରତ DEO ମାନଙ୍କୁ ନିୟମିତ କରିବା

1799 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ PACS ଓ LAMPCS ରେ କାର୍ଯ୍ୟରତ DEO ମାନଙ୍କ ଚାକିରୀ ନିୟମିତ ଓ ଷ୍ଟାଫ ସର୍ଭିସ ରୁଲରେ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଜନା ଅଛି କି, ଏହା କେବେ କାର୍ଯ୍ୟାକାରୀ ହେବ?

----

## PM Kusum ଯୋଜନାରେ ପଦକ୍ଷେପ

1800 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୌରଶକ୍ତିରେ ଆମ ରାଜ୍ୟରେ PM Kisan ଯୋଜନାରେ ସରକାରଙ୍କ କ'ଣ ପଦକ୍ଷେପ ନେଉଛନ୍ତି ଓ କେତେଜଣ ଆଜି ପର୍ଯ୍ୟନ୍ତ PM Kusum ରେ ଓଡ଼ିଶାରେ Benefit ପାଇଛନ୍ତି ତା'ର List ଦେବେ କି, ସୌର ଶକ୍ତି ବୃଦ୍ଧି କ୍ଷେତ୍ରରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ଏବଂ କେତେ ନୂତନ Entrepreneur ପ୍ରୋତ୍ସାହନ କରାଇଛନ୍ତି ?

----

## ଜଙ୍ଗଲ ଅଞ୍ଚଳରେ Solar ଶକ୍ତି ବ୍ୟବହାର

1801 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନିଳଗିରୀ ନିର୍ବାଚନ ମଣ୍ଡଳୀରେ ଜଙ୍ଗଲ ଅଞ୍ଚଳରେ ଆଦିବାସୀମାନେ ହାତୀ ମାନଙ୍କର ଭୟାବହକୁ ନିୟନ୍ତ୍ରଣ କରିବା ପାଇଁ Solar Fence କୁ Priority ଦେବେ କି, ଓ ଏହା ପାଇଁ କ'ଣ ପଦକ୍ଷେପ ନେବେ କି, ସରକାର ତରଫରୁ ପ୍ରଦାନ କରାଯାଇଥିବା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହେବାର କାରଣ ଜଣାଇବେ କି ?

----

## ରବି ଋତୁରେ ଧାନ କିଣା ପାଇଁ ଟାର୍ଗେଟ୍

1802 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ରବି ଋତୁରେ ଓଡ଼ିଶାରେ ମୋଟ କେତେ ଧାନ କିଣା ଲାଗି ଟାର୍ଗେଟ ରଖାଯାଇଥିଲା ଏବଂ ସେଥିରୁ କେତେ ପରିମାଣର ଧାନ କିଣାଗଲା ତାହାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, ଆଗାମୀ ଖରିଫ ଋତୁ ପାଇଁ ଏଯାଏଁ କେତେ ଚାଷୀ ପଞ୍ଜିକରଣ କଲେଣି ଏବଂ କେତେ ଧାନ କିଣିବାକୁ ସରକାର ଟାର୍ଗେଟ ରଖିଛନ୍ତି ?

----

## ନୂତନ ଶୀତଳ ଭଣ୍ଡାର ପାଇଁ ପ୍ରସ୍ତାବ

1803 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ରାଜ୍ୟର ପ୍ରତି ଉପଖଣ୍ଡରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ନିର୍ମାଣ ଲାଗି ଯେଉଁ ପ୍ରତିଶୃତି ଦେଇଥିଲେ ସେଥିମଧ୍ୟରୁ ଏଯାଏଁ କେତୋଟି ଶୀତଳ ଭଣ୍ଡାର ଲାଗି ପ୍ରସ୍ତାବ ଆସିଛି, କେତୋଟି ପାଇଁ ଅର୍ଥ ମଞ୍ଜୁର ହୋଇଛି, ସମସ୍ତ ପ୍ରସ୍ତାବିତ ଶୀତଳ ଭଣ୍ଡାର ଲାଗି ଜାଗା ସ୍ଥିର ହୋଇଛି ନା ନାହିଁ ?

----

## ମାଛ ପୋଖରୀ ଖନନ

1804 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷରେ କେତେ ମାଛ ପୋଖରୀ ନୂତନ ଭାବେ ଖନନ କରାଯାଇଥିବା ବେଳେ କେତୋଟି ପୋଖରୀ ପୁନଃରୁଦ୍ଧାର କରାଯାଇ ମାଛ ଚାଷ ଉପଯୋଗୀ କରାଯାଇଛି, ରାଜ୍ୟକୁ ମାଛ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଅଭାବୀ ଧାନ ବିକ୍ରୀ

1805 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ 2024-2025 ଖରିଫ ଧାନ ଓ ରବି ଧାନ କ୍ରୟ ପାଇଁ ବ୍ୟବସ୍ଥା କରି ଚାଷୀମାନଙ୍କ ଠାରୁ କେତେ ଧାନ କ୍ରୟ କରାଯାଇଛି ଓ ଚାଷୀମାନେ ଯେପରି ଅଭାବୀ ଧାନ ବିକ୍ରୀର ସମ୍ମୁଖୀନ ନ ହୁଅନ୍ତି ସେ ଦିଗରେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କୃଷି ଭିତ୍ତିଭୂମୀ ଉନ୍ନୟନ

1806 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୃଷିନୀତି ଅନୁଯାୟୀ ଅଦ୍ୟାବଧି ରାଜ୍ୟର କେଉଁ ଜିଲ୍ଲାରେ କେତେ ଚାଷୀଙ୍କୁ ଉଦ୍ୟାନ କୃଷିଫାର୍ମ, କୃଷିଫାର୍ମ(ମାଛ ପୋଖରୀ) ଉନ୍ନତ କୃଷିଯନ୍ତ୍ରପାତି, ସହ ଆନୁସଙ୍ଗୀକ କୃଷି ଭିତ୍ତିଭୂମୀ ଉନ୍ନୟନ ପାଇଁ ଋଣ ଓ ସବସିଡି ପ୍ରଦାନ କରାଯାଇଛି ; କେତେଜଣ ଚାଷୀ କୃଷି ଭିତ୍ତିଭୂମୀ ଉନ୍ନୟନ ପାଇଁ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି ସେମାନଙ୍କୁ ଏ ସୁବିଧା ସୁଯୋଗ ପ୍ରଦାନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ରାଜ୍ୟର ଆରମ୍ଭ ହୋଇଥିବା ମାଣ୍ଡିଆ ମିଶନ

1807 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେବେ ମାଣ୍ଡିଆ ମିଶନ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ରାଜ୍ୟରେ କେତେ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇ କେତେ ପରିମାଣର ମାଣ୍ଡିଆ ଉତ୍ପାଦନ ହେଉଛି ; ମାଣ୍ଡିଆ ଚାଷ ମାଧ୍ୟମରେ ବଡମ୍ବା ଏବଂ ନରସିଂହପୁର ବ୍ଲକକୁ କେତେ ଟଙ୍କା ଆସିଅଛି କେତେ ହେକ୍ଟର ମାଣ୍ଡିଆ ଚାଷ ହେଉଛି କେଉଁ କେଉଁ ହିତାଧିକାରୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି ଏବଂ କେତେ ଟଙ୍କାର ଦିଆଯାଇଅଛି?

----

## ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗ ଦ୍ୱାରା ପ୍ରକଳ୍ପ କାର୍ଯ୍ୟ

1808 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ବିଭାଗ ଦ୍ୱାରା ବିଗତ 2020-21 ରୁ 2024-25 ଆର୍ଥିକ ବର୍ଷ ମଧ୍ୟରେ ବଡମ୍ବା ବ୍ଲକ ଏବଂ ନରସିଂହପୁର ବ୍ଲକର କେଉଁ କେଉଁ ଗ୍ରାମରେ କେଉଁ ଯୋଜନା ଅନ୍ତର୍ଗତ ଉନ୍ନୟନ ପ୍ରକଳ୍ପ ଫାର୍ମ ପଣ୍ଡ, ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ତଥା ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରାଯାଇଛି ଓ କେତେ ଟଙ୍କାର ପ୍ରକଳ୍ପ କରାଯାଇଛି ; କେତେକ ପ୍ରକଳ୍ପ ଅଂସପୂର୍ଣ୍ଣ ଅଛି ଏବଂ କେଉଁ କେଉଁ ହିତାଧିକାରୀଙ୍କୁ ସାମିଲ କରାଯାଇଅଛି ତାହାର ପ୍ରକଳ୍ପ ନାମ ସହ ଗ୍ରାମଓ୍ୱାରୀ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି ; (ଖ) ବଡମ୍ବା ବ୍ଲକ ଏବଂ ନରସିଂହପୁର ବ୍ଲକରେ ଉକ୍ତ ବିଭାଗର କେଉଁ କେଉଁ ଅଧିକାରୀ କେଉଁ ବର୍ଷରୁ କାର୍ଯ୍ୟରତ ଅଛନ୍ତି, ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ; ବଡମ୍ବା ବ୍ଲକ ଏବଂ ନରସିଂହପୁର ବ୍ଲକରେ ଅନେକ ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟରେ ବହୁ ମାତ୍ରାରେ ଅନିୟମିତତା ହୋଇଥିବାର ଅଭିଯୋଗ ଦୃଷ୍ଟିକୁ ଆସିଅଛି କି ; ଯଦି ହଁ, ତେବେ ବିଗତ 5 ବର୍ଷରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ କାର୍ଯ୍ୟର ବିଭାଗୀୟ ଆର୍ଥିକ ଅଡିଟ୍ କରିବାକୁ ପଦକ୍ଷେପ ନେବେ କି?

----

## କପା ନିଗମରେ କପା କିଣିବା ପ୍ରଣାଳୀରେ ସରଳୀକରଣ

1809 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭାରତୀୟ କପା ନିଗମରେ କପା କିଣିବା ପ୍ରଣାଳୀରେ ସରଳୀକରଣ ପାଇଁ କି କି ଯୋଜନା କରିଛନ୍ତି, ଚାଷୀ କପା ବିକ୍ରି ସମୟରେ ginning mill ରେ କପା ଚାଷୀ ଗାଡିରେ ଦୁଇ ତିନି ଦିନ ପର୍ଯ୍ୟନ୍ତ ଧାଡିରେ ଅପେକ୍ଷା କରିବା ଦ୍ୱାରା ଅନେକ ଖର୍ଚ୍ଚାନ୍ତ ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ଏହାର ସମାଧାନ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ଗୃହପାଳିତ ପଶୁ ପକ୍ଷୀ ଅନେକ ରୋଗର ଶିକାର

1810 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗୃହପାଳିତ ପଶୁ ପକ୍ଷୀ ଅନେକ ରୋଗର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି, ଯେଉଁ ଭଳି ମନୁଷ୍ୟମାନଙ୍କ ପରୀକ୍ଷାଗାର (Laboratory) ରକ୍ତ, ମଳ, ମୁତ୍ର ପରୀକ୍ଷାଗାର ରହୁଛି ସେହିଭଳି ପଶୁପକ୍ଷୀଙ୍କ ପାଇଁ ଜିଲ୍ଲା ଅନୁଯାଇ କେଉଁ କେଉଁ ଜିଲ୍ଲାରେ

----

## ସୂର୍ଯ୍ୟଘର ଯୋଜନାରେ ଆର୍ଥିକ ସହାୟତା

1811 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- PM-ସୂର୍ଯ୍ୟଘର ଯୋଜନାରେ ଜଣେ ଉପଭୋକ୍ତାଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କେତେ ଟଙ୍କାର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି, ଏହି ଯୋଜନାର ହିତାଧିକାରୀ ହେବା ନିମନ୍ତେ ରାଜ୍ୟର କେତେ ଜଣ ବ୍ୟକ୍ତି ଆବେଦନ କରିଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କର ଘର ଛାତ ଉପରେ ସୋଲାର ପ୍ୟାନେଲ୍ ସ୍ଥାପନ ସରିଛି, (କ) ସୋଲାର ପ୍ୟାନେଲ ସ୍ଥାପନର ଜାତୀୟ ଏବଂ ଓଡ଼ିଶାର ହାର କେତେ, ସୋଲାର ପ୍ୟାନେଲ ସ୍ଥାପନରେ ଅହେତୁକ ବିଳମ୍ବ ହେଉଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଯଦି ହଁ, ଏହାର ନିରାକରଣ ପାଇଁ କି ପଦକ୍ଷେପ କେବେ ସୁଦ୍ଧା ନେବେ ?

----

## ବିଦ୍ୟୁତ୍ ସେବାରୁ ବଞ୍ଚିତ ବ୍ୟକ୍ତିଙ୍କୁ ବିଦ୍ୟୁତ୍ ଯୋଗାଣ

1812 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ 2025 ସୁଦ୍ଧା କେଉଁ କେଉଁ ଗ୍ରାମ ଗୁଡିକରେ ବାସଗୃହ ବିଦ୍ୟୁତ ସୁବିଧା ପାଇବାରେ ବଂଚିତ ଅଛନ୍ତି ଓ ସେମାନଙ୍କୁ ବିଦ୍ୟୁତର ସୁବିଧା ଯୋଗେଇବା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ?

----

## କୃଷି ପାଇଁ ସ୍ୱତନ୍ତ୍ର ବଜେଟ୍

1813 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୃଷି ଓ କୃଷକଙ୍କର ଉନ୍ନତି ନିମନ୍ତେ 2025-26 ଆର୍ଥିକ ବର୍ଷରେ ସ୍ୱତନ୍ତ୍ର କୃଷି ବଜେଟରେ ୩୭,୪୩୪ କୋଟି ବ୍ୟୟ ବରାଦ ହୋଇଥିଲା, ଚଳିତ ଆର୍ଥିକ ବର୍ଷର ପ୍ରଥମ 5 ମାସ ଶେଷ ସୁଦ୍ଧା, ଏହି ବ୍ୟୟ ବରାଦର କେତେ ଅର୍ଥ ଖର୍ଚ୍ଚ ହୋଇଛି, (କ) ପ୍ରତ୍ୟେକ ସବ୍-ଡିଭିଜନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ । ପ୍ରସ୍ତାବିତ ୫୪ଟି ଶୀତଳ ଭଣ୍ଡାର ନିର୍ମାଣର ବର୍ତ୍ତମାନର ସ୍ଥିତି କଣ, ଚଳିତ ଆର୍ଥିକ ବର୍ଷରେ କେତୋଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେବ?

----

## Establish a Agriculture University in Balangir

1814 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- Whether the Government has any proposal to establish a full-fledged Agriculture University in Balangir district, considering its agrarian population and strategic location, (a) Has any DPR or feasibility study been prepared for such a university, (b) Is the Government considering upgrading existing Krishi Vigyan Kendras or agricultural colleges in western Odisha into a university, and What steps have been taken to identify land or funding sources for such an institution in Balangir?

----

**Total Amount Govt. used payment of MSP**

**1815 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (a) What is the total quantity of paddy procured during kharif 2024-25 season across Odisha as of 3rd March 2025, and how does this compare with the target, details districts wise, (b) What explains the disparity between high-performing districts and low-performing districts, Please list production vs % procured for each district and no, of farmers benefitted, What is the total amount that the Government used for payment of MSP for paddy procurement and what is the average paid per quintal to farmers who sold paddy; details district wise including Balangir District ?

----

**Total installed power generation**

**1816 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (a) the present total installed power generation capacity of Odisha from thermal, hydro and renewable sources separately, (b) the average demand and supply of electricity in the State during peak and off-peak hours, and whether Odisha is a power surplus or power deficit State at present?

----

**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ମାଗଣା ବିଦ୍ୟୁତ୍ ଯୋଗାଇବା ପାଇଁ ଆବେଦନ**

**1817 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2024 2025 ଆର୍ଥିକ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ମାଗଣା ବିଜୁଳି ଯୋଜନା ପାଇଁ କେତେଜଣ ହିତାଧିକାରୀ ଆବେଦନକ କରିଥିଲେ ଏବଂ 31 ମାର୍ଚ୍ଚ 2025 ସୁଦ୍ଧା କେତେଜଣ ହିତାଧିକାରୀଙ୍କ ଘରେ ଏହି ବ୍ୟବସ୍ଥାର installation ସଂପୂର୍ଣ୍ଣ ହୋଇଛି, (ଖ) 2024 2025 ଆର୍ଥିକ ବର୍ଷ ପାଇଁ ସରକାର କେତେଜଣ ହିତାଧିକାରୀଙ୍କୁ ଏହି ଯୋଜନା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ କେତେ ପରିମାଣ ପରିମାଣ ସବସିଡି ପ୍ରଦାନ ପାଇଁ ବଜେଟରେ ପ୍ରବଧାନ କରିଥିଲେ ଏବଂ ଆର୍ଥିକ ବର୍ଷ ଶେଷ ସୁଦ୍ଧା କେତେଜଣ ହିତାଧିକାରୀ ଏହି ସୁବିଧା ପାଇଛନ୍ତି ଏବଂ କେତେ ପରିମାଣର ସବସିଡି ପ୍ରଦାନ କରାଯାଇଛି, ଜିଲ୍ଲାୱାରୀ, ବ୍ଲକୱାରୀ ଏବଂ ପଂଚାୟତୱାରୀ ହିତାଧିକାରୀଙ୍କ ତଥ୍ୟ ପ୍ରଦାନ କରିବେକି, ଧାର୍ଯ୍ୟ ଲକ୍ଷ୍ୟ ପୁରଣ ନହେବାର କାରଣ କଣ ଏବଂ ଏଥିପାଇଁ ଉତ୍ତରଦାୟୀ କିଏ, ଲୋକଙ୍କ ମଧ୍ୟରେ ଏହି ଯୋଜନା ଆଦୃତ ନହେବାର କାରଣ କଣ ଏବଂ ଏହି ବିଷୟରେ ସରକାର କେନ୍ଦ୍ର ସରକାରଙ୍କୁ ଅବଗତ କରିଛନ୍ତି କି, ଯଦି ହଁ, କେନ୍ଦ୍ର ସରକାରଙ୍କ ଉତ୍ତର କଣ, ଯଦିଓ ଏଯାବତ ଯୋଜନା ମୁତାବକ କେତେଜଣ ହିତାଧିକାରୀ electric grid କୁ କେତେ ୟୁନିଟ୍ ବିଜୁଳି ଶକ୍ତି ବିକ୍ରୟ କରିଛନ୍ତି ଏବଂ କେତେ ପରିମାଣର credit ପାଇଛନ୍ତି ତାହାର ଏକ ଜିଲ୍ଲାୱାରୀ ପରିସଂଖ୍ୟାନ ପ୍ରଦାନ କରିବେକି?

----

## ରାସନକାର୍ଡ ଧାରୀଙ୍କୁ ଗହମ ଯୋଗାଇବା

1818 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର କେବେସୁଦ୍ଧା ରାସନକାର୍ଡ ଧାରୀଙ୍କୁ ଗହମ ଯୋଗାଇ ଦେବା ପାଇଁ ଦେଇଥିବା ପ୍ରତିଶୃତିକୁ କେବେ କାର୍ଯ୍ୟକାରୀ କରୁଛନ୍ତି, ଏବଂ ଏହି ଗହମ ପ୍ରତି ମାସରେ କେଉଁ ଜିଲ୍ଲାପାଇଁ କେତେ କ୍ୱିଣ୍ଟାଲର ଆବଶ୍ୟକତା ରହିଛି ତାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେକି, (ଖ) ରାଜ୍ୟରେ ରାସନକାର୍ଡ ହିତାଧିକାରୀମାନଙ୍କର e-KYC ପରେ କେତେ ହିତାଧିକାରୀ ରହିଲେ ଏବଂ କେତେ ଅଯୋଗ୍ୟକୁ କେଉଁ କାରଣ ପାଇଁ ବାଦ୍ ଦିଆଗଲା ତାର ନିର୍ଦ୍ଦିଷ୍ଟ ତଥ୍ୟଭିତ୍ତିକ ଏକ ତାଲିକା କଟକ ଜିଲ୍ଲାର ବ୍ଲକୱାରୀ ପ୍ରଦାନ କରିବେକି ଏବଂ ଯେଉଁ ପରିବାରରେ ବୃଦ୍ଧା ଓ ଛୋଟପିଲାଙ୍କ e-KYC ହୋଇପାରିନାହିଁ ସେମାନଙ୍କ ପାଇଁ ବିଭାଗ ତରଫରୁ କି ପ୍ରକାର ବ୍ୟବସ୍ଥା ନିଆଯାଇଛି ଏବଂ NFSA ରେ ଯେଉଁମାନେ ରାସନକାର୍ଡ ରେ ନାମ ଯୋଗ କରିବକୁ ଚାହୁଁଛନ୍ତି ସେମାନଙ୍କୁ କେବେସୁଦ୍ଧା ଏହି ସୁବିଧା ପାଇପାରିବେ ?

----

## Street light ପାଇଁ AB କେବୁଲ ଟଣାଯିବା

1819 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର ପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଂଚାୟତରେ ଲାଗିଥିବା Street light ରେ Energy Meter ଲାଗିଛି କି, ଯଦି ହଁ, ତେବେ Energy Meter ନଂ ଏବଂ ଗତ ମାସର ବିଦ୍ୟୁତ ବିଲ୍ ପରିମାଣ ପଂଚାୟତୱାରୀ ପ୍ରଦାନ କରିବେ କି, ଲାଗିଥିବା Street light ପାଇଁ ସ୍ୱତନ୍ତ୍ର AB କେବୁଲ ଟଣାଯାଇଛି କି ନାହିଁ ତା'ର ତଥ୍ୟ ପ୍ରଦାନ କରିବେ କି, କେଉଁ କେଉଁ ଗ୍ରାମ ପଂଚାୟତରେ ଉକ୍ତ କେବୁଲ ଟଣା ଯାଇନାହିଁ ତା'ର ତାଲିକା ପ୍ରଦାନ କରିବେକି?

----

## କେନ୍ଦୁଝର ଜିଲ୍ଲାରେ ଥିବା ଗୋଶାଳା

**1820 ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କେତେଗୋଟି ଗୋଶାଳା ରହିଛି ଓ ସେଠାରେ କେତେ ସଂଖ୍ୟକ ଗୋରୁ ରହିଛନ୍ତି ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେକି, ରାଜ୍ୟରେ ନୂତନ ଗୋଶାଳା ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ନିକଟରେ କିଛି ପ୍ରସ୍ତାବ ଅଛି କି, ଯଦି ହଁ, ତେବେ ଏହାର ସଂପୁର୍ଣ୍ଣ ତାଲିକା ପ୍ରଦାନ ସହ ନୂତନ ଗୋଶାଳା ନିମନ୍ତେ ମିଳୁଥିବା ସରକାରୀ ସହାୟତା ସଂପର୍କରେ ତଥ୍ୟ ପ୍ରଦାନ କରିବେକି?

----

## ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ପ୍ରଦାନ

**1821 ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ 2015 ମସିହାରୁ ଆଜି ପର୍ଯ୍ୟନ୍ତ କେତେଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଛି ତା'ର ବ୍ଲକୱାରୀ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି ;ଏହି ଯୋଜନାରେ କେଉଁ ହିତାଧିକାରୀ କେଉଁ ଯନ୍ତ୍ରପାତି କ୍ରୟ କରିଛନ୍ତି ଓ ଏଥିନିମନ୍ତେ କେତେ ଟଙ୍କାର ରିହାତି ସବସିଡ଼ି ପାଇଛନ୍ତି ତା'ର ବ୍ଲକୱାରୀ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି ?

----

## ମୃତ୍ତିକା ଓ ଜଳବାୟୁ ଅନୁଧ୍ୟାନ କରି ଚାଷ କାର୍ଯ୍ୟ

**1822 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭୁବନେଶ୍ୱର କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ତରଫରୁ କେଉଁ କେଉଁ ଜିଲ୍ଲାର ମୃତ୍ତିକା ଓ ଜଳବାୟୁ ଅନୁଧ୍ୟାନ କରି ସେହି ସେହି ଜିଲ୍ଲାର କି କି ପ୍ରକାର ଖାଦ୍ୟ ଶସ୍ୟ ତଥା ଉଦ୍ୟାନ କୃଷି ସମ୍ଭବ ହୋଇପାରିବ ତା'ର ନକ୍ସା ପ୍ରସ୍ତୁତ କରିଛନ୍ତି କି; ଯଦି ହଁ, ତେବେ ତାହାର ବିଶଦ ବିବରଣୀ ଉପସ୍ଥାପନ କରିବେ କି ; ଯଦି ନା, ତେବେ ଏହି କାର୍ଯ୍ୟ କେବେ ସୁଦ୍ଧା ସମ୍ପାଦିତ ହେବ ?

----

## ସାର ସଙ୍କଟର ସମାଧାନ

**1823 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସାର ସଙ୍କଟ ସୃଷ୍ଟି ହୋଇଥିବା ସରକାର ଜାଣନ୍ତି କି; ଯଦି ହଁ, ତାହାଲେ ଏହି ସଙ୍କଟର ସମାଧାନ ପାଇଁ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଟାରିଫଠାରୁ ଆବଣ୍ଟନ କମ୍ପାନୀମାନେ ଅଧିକ ବିଲ ଆଦାୟ

**1824 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ସର୍ବଭାରତୀୟ ସ୍ତରଠାରୁ ଅଧିକ ବିଦ୍ୟୁତ ବିଲ ପୈଠ କରୁଥିବା ଓ ଏଇଆରସି ଧାର୍ଯ୍ୟ କରୁଥିବା ହାରାହାରି ଟାରିଫଠାରୁ ଆବଣ୍ଟନ କମ୍ପାନୀମାନେ ଅଧିକ ଆଦାୟ କରୁଥିଲେ ବି ତାହାକୁ ସୁଧସହ ଫେରସ୍ତ ନକରି ପୁନଶ୍ଚ ଟାରିଫ ବୃଦ୍ଧି କରୁଥିବା ସତ୍ୟ କି; (ଖ) ଯଦି ହଁ, ତେବେ ସରକାର ଏ କ୍ଷେତ୍ରରେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବଳିକା ବିଦ୍ୟୁତ ଅନ୍ୟ ରାଜ୍ୟକୁ ବିକ୍ରି

**1825 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ ବିଦ୍ୟୁତ ଚାହିଦା କେତେ ରହିଛି ଏବଂ କେଉଁ ସୂତ୍ରରୁ କେତେ ପରିମାଣର ବିଦ୍ୟୁତ ଉତ୍ପାଦନ ହେଉଛି; ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏବେ ଏକ ବଳକା ରାଜ୍ୟ କି; ଯଦି ହଁ ତେବେ କେତେ ପରିମାଣର ବଳକା ବିଦ୍ୟୁତକୁ ଓଡ଼ିଶା ସରକାର କେଉଁ କେଉଁ ରାଜ୍ୟକୁ କେତେ ଦରରେ ବିକ୍ରି କରୁଛନ୍ତି ତାହାର ଗତ ୫ ବର୍ଷର ଏକ ବର୍ଷୱାରୀ ତାଲିକା ଦେବେ କି ;ସେହିଭଳି ରାଜ୍ୟରେ ଏବେ ବିଦ୍ୟୁତ ପରିବହନ ଏବଂ ବଣ୍ଟନ ( ଟି. ଆଣ୍ଡ.ଡ଼ି ) କ୍ଷତି କେତେ ରହିଛି ଏବଂ ସର୍ବଭାରତୀୟ ସ୍ତରରେ ଏହା ସ୍ଥାନ କ'ଣ ଓ ଏହି କ୍ଷତିକୁ ୨୦୩୦ ସୁଦ୍ଧା କେତେ ପରିମାଣରେ ହ୍ରାସ ଲାଗି ଯୋଜନା କରି ସରକାର କି କି ପଦକ୍ଷେପ ନେଉଛନ୍ତି ?

----

## ଚାଷ ଜମିର ପରିମାଣ

**1826 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ କେତେ ଜମି ରହିଛି ଏବଂ ସେଥିରୁ ଚାଷ ଜମିର ପରିମାଣ କେତେ; ଏହି ଚାଷ ଜମି ମଧ୍ୟରୁ ରବି ଓ ଖରିଫ ଋତୁରେ କେତେ ଜମିରେ ଚାଷ କରାଯାଏ ଓ ସେଥି ମଧ୍ୟରୁ କେତେ ଜମି ଜଳସେଚିତ ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି; ଚାଷ ପାଇଁ ଓଡ଼ିଶା ରବି ଓ ଖରିଫ ଋତୁରେ କେତେ ପରିମାଣର ରସାୟନିକ ସାର ଓ କୀଟନାଶକ ଆବଶ୍ୟକ ଦରକାର କରୁଛି ଏବଂ ଚଳିତବର୍ଷ ଏଥିପାଇଁ କେତେ ପରିମାଣର ସାର ଓ କୀଟନାଶକ ଉପଲବ୍ଧ ହୋଇଛି ତାହାର ବିବରଣୀ ପ୍ରଦାନ କରିବା ସହିତ ରାଜ୍ୟରେ କେତେ ସଂଖ୍ୟକ ବଡ଼, ମଧ୍ୟମ ଓ କ୍ଷୁଦ୍ର ଚାଷୀ ରହିଛନ୍ତି ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ମାଛ ଚାଷ ପାଇଁ ପୋଖରୀ ଖନନ

**1827 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ମାଛ ଚାଷ ପାଇଁ କେତେଗୋଟି ମତ୍ସ୍ୟ ପୋଖରୀ ତିନି ବର୍ଷରେ ଖନନ କରାଯାଇଅଛି ଏବଂ ଏଥିପାଇଁ କେତେ ଜଣ ଚାଷୀଙ୍କୁ ରିହାତି ପ୍ରଦାନ କରାଯାଇଅଛି, ତାହାର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି; ଏହାକୁ ପରିଚାଳନା ପାଇଁ Geo-ICT Platformର ବ୍ୟବହାର ହେଉଛ କି; ଯଦି ହଁ ହୁଏ, ତେବେ ବାଲେଶ୍ୱର ଜିଲ୍ଲାର ବ୍ଲକୱାରୀ ପୋଖରୀ ଗୁଡ଼ିକର longitude and latitude value ସହିତ ତାଲିକା ଦେବେ କି ?

----

## ବାଦ ପଡ଼ିଥିବା ଗ୍ରାମକୁ ବିଦ୍ୟୁତ କରଣ

1828 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲାର ସିମୁଳିଆ ନିର୍ବାଚନ ମଣ୍ଡଳୀରେ କେତୋଟି ରାଜସ୍ୱଗ୍ରାମ, ପଡ଼ା ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇନାହିଁ, ତାହାର ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି; ବାଦ ପଡ଼ିଥିବା ଗ୍ରାମଗୁଡ଼ିକୁ କେଉଁ ଯୋଜନାରେ କେବେସୁଦ୍ଧା ବିଦ୍ୟୁତ ସଂଯୋଗ କରିବା ପାଇଁ ସ୍ଥିର କରାଯାଇଛି ଓ ଏଦିଗରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ଜୈବିକ ସାର ପ୍ରସ୍ତୁତ ଓ ପ୍ରୟୋଗ

1829 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଗତ ୩ ବର୍ଷରେ କେଉଁ ଜିଲ୍ଲାରେ କେତେ ଶତାଂସ ରାସାୟନିକ ସାର ଓ ଜୈବିକ ସାର ପ୍ରୟୋଗ ହୋଇଛି, ତାହାର ବିବରଣୀ ଦର୍ଶାଇ ଜୈବିକ ସାର ପ୍ରୟୋଗ ଯୋଗୁଁ ଜମିର ମୌଳିକତା ଓ ଉର୍ବରତା ହ୍ରାସ ପାଇବା ପରି ପ୍ରେକ୍ଷୀରେ ଆଗାମୀ ଦିନରେ ରାଜ୍ୟରେ ଜୈବିକ ସାର ପ୍ରସ୍ତୁତି ଓ ପ୍ରୟୋଗ ପାଇଁ ଚାଷୀ ମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଅଛି ?

----

## ଭୁତ ରେସନକାର୍ଡ଼ ଚିହ୍ନଟ

1830 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଏପର୍ଯ୍ୟନ୍ତ କେତେ ଭୂତ ରେସନ କାର୍ଡ଼ ଚିହ୍ନଟ ହୋଇଛି, ସେ ଗୁଡ଼ିକ ବଦଳରେ ଅପେକ୍ଷାରତ କେତେଦଣଙ୍କୁ ନୂଆ ରାସନ କାର୍ଡ଼ ବଣ୍ଟନ ହେଲା ସରକାର ଏହାର ସବିଶେଷ ତଥ୍ୟ ଜିଲ୍ଲାୱାରୀ ଉପସ୍ଥାପନ କରିବେ କି; ୨୦୨୪-୨୫ ଓ ଚଳିତବର୍ଷ SFSAରୁ NFSAକୁ କେତେଜଣ ହୀତାଧିକାରୀ ରେସନ ପାଇସାରିଛନ୍ତି ଜିଲ୍ଲାୱାରୀ ଏହାର ହିସାବ ତାଲିକା ଉପସ୍ଥାପନ କରିବେ କି ?

----

## ଲୁଣି ଓ ଖାର ଜଳ ମାଛର ଚାହିଦା

1831 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଲୁଣି ଓ ଖାରଜଳ ମାଛର ଚାହିଦା ଅଧିକ କି, ମଧୁରଜଳ ମାଛ ଚାଷରେ କେମିକାଲ୍ ତଥା ସାର ପ୍ରୟୋଗ ହେଉଥିବା ତଥା ଏପରି ମାଛ ଖାଇବାରେ ସ୍ୱାଦ କମି କମି ଯାଉଥିବା ସତ୍ୟ କି, ଯାହା ଶରୀର ପକ୍ଷେ କ୍ଷତି କାରକ; ଏଥିରୁ ନିବୃତ ରହିବାକୁ ସରକାରଙ୍କର ନୀତିଗତ ବ୍ୟବସ୍ଥା କ'ଣ ?

----

## ନୂଆ ଚାଷ ଜମି ସୃଷ୍ଟି କରିବାକୁ ପଦକ୍ଷେପ

1832 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ ଚାଷ ଜମି ବର୍ତ୍ତମାନ କେତେ, ସେଥିରୁ 2024-25 ଏବଂ ଚଳିତ ବର୍ଷ ମୋଟ କେତେ ନୂଆ ଚାଷ ଜମି ସୃଷ୍ଟି ହୋଇଛି ଏବଂ କେତେ ଚାଷ ଜମି କେଉଁ କାରଣରୁ କମିଛି ଏବଂ କେଉଁ କାରଣରୁ କେତେ ଚାଷ ଜମିରେ ଚାଷ ହୋଇପାରୁନାହିଁ, ନୂଆ ଚାଷ ଜମି ସୃଷ୍ଟି କରିବାକୁ ସରକାର କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି?

----

## DRCS Khurda submitted the enquiry report

1833 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Is it a fact that the DRCS Khurda has submitted the enquiry report against the corrupt president of Alaka Co-operative Society, Bhubaneswar, Khurda vide inquiry report no.-1679, dtd.30.06.25 and if so, whether the corrupt president has been removed or not and if not, what is the reason of delay ?

----

## କାମଧେନୁ ଓ ମତ୍ସ୍ୟ ସହାୟତା ଯୋଜନାରେ ଆର୍ଥିକ ସହାୟତା

1834 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ 2024-25 ଆର୍ଥୀକ ବର୍ଷରେ ମୁଖ୍ୟମନ୍ତ୍ରୀ କାମଧେନୁ ଓ ମତ୍ସ୍ୟ ସହାୟତା ଯୋଜନାରେ କେତେଜଣ ଚାଷୀଙ୍କୁ ଆର୍ଥୀକ ସାହାଯ୍ୟ ପ୍ରଦାନ କରିଛନ୍ତି, ମାଛକୁଣ୍ଡ ଡ୍ୟାମ୍ ଠାରେ ମତ୍ସ୍ୟଜୀବି ଚାଷୀଙ୍କୁ ଅଧିକ ଆର୍ଥୀକ ସାହାଯ୍ୟ ଦେଇ ମାଛ ବିହନ ଉତ୍ପାଦନ (Fish Seeds) ପ୍ରତି ଗୁରୁତ୍ୱ ଦେବେ କି ?

----

## ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ MSME ଶିଳ୍ପ ସ୍ଥାପନ

1835 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଚ୍ଚାଙ୍ଗୀ ନିର୍ବାଚନ ମଣ୍ଡଳୀ ଏକ ପ୍ରାକୃତିକ ଓ ଖଣିଜ ସମ୍ପଦ ଭରା ଅଞ୍ଚଳ ହୋଇଥିବା ହେତୁ ଏଠାରେ ସରକାର କୁଟିର ଶିଳ୍ପ ତଥା MSME ଓ Down Stream Industries ସରକାରୀ କିମ୍ବା ବେସରକାରୀ ସ୍ତରରେ ସ୍ଥାପନ କରିବା ପାଇଁ ଚଳିତ ବର୍ଷ ଉଦ୍ୟମ କରିବେ କି, ଯଦି ହଁ ତେବେ କେବେସୁଦ୍ଧା ଏହା କାର୍ଯ୍ୟକାରୀ କରାଯିବ ?

----

## ମାପ ଓଜନରେ ଠକେଇ

1836 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବୈଧ ମାପ ବିଜ୍ଞାନ ପ୍ରତିଷ୍ଠାନରେ ମାନବ ସମ୍ବଳରେ ଘୋର ଅଭାବ ଯୋଗୁଁ କଳାବଜାରୀ, ଦଣ୍ଡି ମାରୁଥିବା ବେପାରୀଙ୍କ ଉପରେ ଚଢଉ ଧୀମା ପଡିଯାଇଛି ଓ ସରକାର ଖାଉଟିଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଧିକାରୀ ଦେବେ କି, ମାପ ଓ ଓଜନରେ ଠକେଇ ସାଙ୍ଗକୁ ଆନୁଷଙ୍ଗିକ ସାମଗ୍ରୀର ନିୟମିତ ଯାଞ୍ଚ, ଦୁର୍ନୀତି ଗ୍ରସ୍ତ ବ୍ୟବସାୟୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କୋହଳ ହୋଇଯାଇଥିବାରୁ , ସବୁଆଡେ ଭେଜାଲ୍ ଅପମିଶ୍ରିତ, ନକଲି ଓ କମ୍ ଓଜନର ସାମଗ୍ରୀ ଦେଖିବାକୁ ମିଳିବା ସହ ସରକାର ପେଟ୍ରୋଲ୍ ପମ୍ପ ସୁନା ଦୋକାନର କାରବାର ଉପରେ ତୀକ୍ଷଣ ଦୃଷ୍ଟି ଦେବେ କି ?

----

## ସମବାୟ ସଂସ୍ଥାରେ ଅର୍ଥାଭାବ

1837 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମବାୟ ସଂସ୍ଥା ଗୁଡିକ ଅର୍ଥାଭାବ ଯୋଗୁଁ ସମ୍ପ୍ରସାରଣ ଓ ବିବିଧକରଣ ହୋଇପାରୁନଥିବାରୁ ଦୃଷ୍ଟି ଦେବେ କି, ସମବାୟ ସଂସ୍ଥା ଗୁଡିକରେ ମାର୍କେଟିଂ ଓ ରପ୍ତାନୀ ସାମର୍ଥ ବୃଦ୍ଧି ଉପରେ ଗୁରୁତ୍ୱ ଦେଇ ସଂସ୍ଥା ମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ, ଯଥା ଦୁଗ୍ଧ, ମସଲା, ହସ୍ତଶିଳ୍ପ, ହସ୍ତତନ୍ତ, ଅର୍ଗାନିକ ଦ୍ରବ୍ୟ ରପ୍ତାନି କରେଇବାରେ ଅନ୍ୟ ରାଜ୍ୟକୁ ଓ ବିଦେଶକୁ ଆବଶ୍ୟକ ସହଯୋଗ କରିବେ କି, ସମବାୟ ସଂସ୍ଥାରେ ସାମଗ୍ରୀ ଗୁଡିକରେ ଏକତ୍ରୀକରଣ ଓ ମାନବୀକରଣ କରି ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦିତା କରାଇବାର ଚ୍ୟାଲେଞ୍ଜ ନେବେ କି, ଜାତୀୟ ସମବାୟ ଉନ୍ନୟନ ନିଗମ (NCDC) ମାଧ୍ୟମରେ ରାଜ୍ୟକୁ କେଉଁ କେଉଁ ସମବାୟ ସଂସ୍ତାକୁ କି ପ୍ରକାର ସହାର୍ଯ୍ୟ ମିଳୁଛି?

----

## ଗରିବ ହିତାଧିକାରୀଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ

1838 **ଶ୍ରୀ ଆଶ୍ରିତ୍ ପଟ୍ଟନାୟକ (ପିପିଲି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପିପିଲି ଡେଲାଙ୍ଗ ବ୍ଲକ ଅଂଚଳରେ ଶତାଧିକ ଗରିବ ଗୁରୁବା ଅନ୍ତୋଦୟ ଅନ୍ନ ଯୋଜନାରୁ ବାଦ ପଡିଛନ୍ତି, ଅଥଚ ସ୍ୱଚ୍ଛଳ ତଥା ଧନୀ ଶ୍ରେଣୀର ଲୋକମାନେ ପୂର୍ବ ସରକାର ଅମଳରୁ ଏହି ଯୋଜନାକୁ ହାତେଇଛନ୍ତି, ଏପରିକି ମୃତ ହିତାଧିକାରୀଙ୍କ ନାମ ମଧ୍ୟ ଯୋଜନାରୁ ଏବେବି ବାଦ କରାଯାଇନି, ବିଧିବଦ୍ଧ ତଦନ୍ତ କରାଯାଇ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଧନୀ ଶ୍ରେଣୀର ହିତାଧିକାରୀଙ୍କୁ ବାଦ ଦେଇ ଗରିବ ହିତାଧିକାରୀଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ କରାଇବାରେ ପଦକ୍ଷେପ ଗ୍ରହଣ କରିବେ କି ?

----

## ବନ୍ଦ ହୋଇଥିବା ଶୀତଳ ଭଣ୍ଡାର ପୁନଃ କାର୍ଯ୍ୟକ୍ଷମ

1839 **ଶ୍ରୀ ଆଶ୍ରିତ୍ ପଟ୍ଟନାୟକ (ପିପିଲି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲାର ପ୍ରଥମ ସମବାୟ ଶୀତଳ ଭଣ୍ଡାର, ଉତରାୟଣୀ ଶୀତଳ ଭଣ୍ଡାର ଫନି ବାତ୍ୟା ଅର୍ଥାତ ୨୦୧୯ ମେ ୩ ତାରିଖରୁ ଦୀର୍ଘ ୫ ବର୍ଷ ହେବ ବନ୍ଦ ହୋଇଯାଇଛି, ଫଳରେ ପୁରୀ ଜିଲ୍ଲାର ୧୦ ଟି ବ୍ଲକ ଅଂଚଳର ୫ହଜାରରୁ ଅଧିକ ଚାଷୀ ଆଉ ଆଳୁ ଚାଷ କରୁନାହାନ୍ତି, ଚାଷୀମାନେ ନିଜର ଜିବିକା ହରାଇବା ସହ ଜିଲ୍ଲାରେ ଆଳୁ ଅଭାବ ଦେଖାଯାଉଛି, ରକ୍ଷଣା ବେକ୍ଷଣା ଅଭାବରୁ ଏହି ଶୀତଳ ଭଣ୍ଡାର ଏବେ ଭୁତକୋଠି ପାଲଟିଛି, ଏହି ଶୀତଳ ଭଣ୍ଡାରର ପୁନରୁଦ୍ଧାର କ୍ଷେତ୍ରରେ ଜରୁରୀ ପଦକ୍ଷେପ ନେବେ କି ?

----

## ରାଜ୍ୟପଥରୁ ଗୋରୁ ଗାଈ ହଟାଇବା ପାଇଁ ପଦକ୍ଷେପ

1840 **ଶ୍ରୀ ଆଶ୍ରିତ୍ ପଟ୍ଟନାୟକ (ପିପିଲି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରତିଦିନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଦୁର୍ଘଟଣାରେ ବହୁ ସଂଖ୍ୟାରେ ଗୋସମ୍ପଦର କ୍ଷତି ହେଉଛି, ଏପରିକି ଅନେକ ନିରିହଙ୍କ ଜୀବନ ମଧ୍ୟ ଯାଉଛି, ରାଜପଥ ଗୁଡିକ ଗୋରୁ ଗାଈ ମାନଙ୍କର ଆଶ୍ରୟ ସ୍ଥଳ ପାଲଟିଛି, ଏହାର ସ୍ଥାୟୀ ସମାଧାନ ପାଇଁ ତରଫରୁ କି ପ୍ରକାର ପଦକ୍ଷେପ ନିଆଯାଇଛି, ଆଗକୁ ଏଥି ନିମନ୍ତେ କ'ଣ ଯୋଜନା ରହିଛି ?

----

## ଶିଳ୍ପ ନୀତି ଅନୁଯାୟୀ Industrial Park ନିର୍ମାଣ

1841 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂତନ ଶିଳ୍ପ ନିତୀ ଅନୁଯାୟୀ ନୂଆ Industrial Park ନିର୍ମାଣ କରିବା ପାଇଁ କଣ ବ୍ୟବସ୍ଥା ଅଛି, ମାନ୍ୟବର Supreme Court ଙ୍କ ନିର୍ଦ୍ଦେଶ ମୁତାବକ କେନ୍ଦ୍ରାପଡା ଜିଲ୍ଲାରେ ଆଉ ଏକ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରି ସେଠାରେ ବନ୍ଦ ରହିଥିବା କରତ କଳ ଗୁଡିକୁ ଥଇଥାନ କରିବା ସହ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର, ରାଜକନିକା ଅଞ୍ଚଳ ବାସୀଙ୍କ ସମସ୍ୟା ସମାଧାନ କରିବା ଦିଗରେ କଣ ପଦକ୍ଷେପ ନେଇଛନ୍ତି ଜଣାଇବେ କି, ପଟ୍ଟାମୁଣ୍ଡାଇ ଠାରେ ଏହି ଦ୍ୱିତୀୟ ଶିଳ୍ପାଞ୍ଚଳ କେବେ ପ୍ରତିଷ୍ଠା ହେବ ?

----

## ପ୍ରାଥମିକ ସମବାୟ ସମିତିରେ ଦୁର୍ନୀତି

1842 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକ ଦୁର୍ନୀତିର ଗନ୍ତାଘରରେ ପରିଣତ ହୋଇଛି, ଏହା ଚାଷୀଙ୍କୁ ସହାୟତା ଯୋଗାଇଦେବା ବଦଳରେ ଚାଷୀମାନଙ୍କୁ ଶୋଷଣ କରୁଥିବା ସରକାରଙ୍କ ନଜରକୁ ଆସିଛି କି, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଜତପଡା ପ୍ରାଥମିକ କୃଷି ସମବାୟ ସମିତି ସଭାପତିଙ୍କ ମନମୁଖି, ଦୁର୍ନୀତିଖୋର, ଚାଷୀମାରଣ ଓ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା ଯୋଗୁ ଏହି ସମିତିଟି ଦୁରିନୀତିରେ ଉବୁଟୁବୁ ହେବା ସହ ଚାଷୀମାନଙ୍କୁ ଶୋଷଣ କରୁଛି, କେନ୍ଦ୍ରାପଡା ଜିଲ୍ଲା ARCS ଙ୍କ ବାହୁଛାୟା ତଳେ ଅଭୟ ଆଶ୍ରୟ ପାଇ ସଭାପତି ମନଇଛା ଅଣଚାଷୀଙ୍କୁ ପଞ୍ଜିକରଣ କରିବା ଫଳରେ ବହୁ ଯୋଗ୍ୟ ଚାଷୀ ପଞ୍ଜିକରଣରୁ ବଞ୍ଚିତ ଅଛନ୍ତି ?

----

## ସୁନା ଗହଣା ଦୋକାନରେ ମାପକରେ ତୃଟି

1843 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଗତ ତିନି ବର୍ଷରେ କେତେଗୋଟି ସୁନା ଗହଣା ଦୋକାନରେ ମାପକ ଓ ମାନକରେ ତୃଟି ଦେଖାଯାଇ ଧରାଯାଇ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ପ୍ରକାଶ କରି ରାଜ୍ୟରେ ସୁନା ଦର ଆକାଶ ଛୁଆଁ ହୋଇଥିବା ପରିପ୍ରେକ୍ଷୀରେ ସୁନା ଗହଣାର ମାପକ ଓ ମାନକରେ ସ୍ୱଚ୍ଛତା ରକ୍ଷା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବୁଲା ଶଣ୍ଢ ଦ୍ୱାରା ଫସଲ ନଷ୍ଟ

1844 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ହଳ ଲଙ୍ଗଳ ବଦଳରେ କଳ ଲଙ୍ଗଳର ପ୍ରୟୋଗ ହେତୁ ବଳଦର ଆବଶ୍ୟକତା ହ୍ରାସ ପାଇଥିବା କାରଣରୁ ଚାଷୀମାନେ ସେମାନଙ୍କ ଅଣ୍ଡିରା ବାଛୁରୀ ଗୁଡ଼ିକୁ ଷଣ୍ଢ କରି ଛାଡିଦେଉଛନ୍ତି, ଯାହାଫଳରେ ଏହି ଷଣ୍ଢମାନେ ଗାଁ ଗଣ୍ଡାରେ ବୁଲି ଫସଲ ନଷ୍ଟ କରୁଥିବା ପରିପ୍ରେକ୍ଷୀରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଓ ସହରରେ ବୁଲା ଷଣ୍ଢ ଓ ରଗଣ ଗାଇ ଗୋରୁଙ୍କ ପାଇଁ ଗୋଶାଳା ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କୃଷକଙ୍କୁ କୃଷି ଉପକରଣ ପାଇଁ ଋଣ ଯୋଗାଣ

1845 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ଜିଲ୍ଲାରେ କୃଷି ନୀତି ଅନୁଯାୟୀ ବିଗତ ତିନି ବର୍ଷରେ କେତେଜଣ କୃଷକଙ୍କୁ କୃଷି ଉପକରଣ, କୃଷି ଫାର୍ମ, ଉଦ୍ୟାନ କୃଷି ପାର୍ମ ସହିତ କୃଷି ଉଦ୍ୟୋଗ ସ୍ଥାପନ ପାଇଁ କେତେ ଋଣ ଓ ସବସିଡି ଯୋଗାଇ ଦିଆଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

**Establishment of a cold storage in Paralakhemundi**

1846 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (A)Whether the Government is aware of the long-pending demand for establishment of a cold storage facility in Paralakhemundi Constituency, Gajapati District; (B) If so, whether any proposal has been submitted or approved by the government; The steps taken by the government to provide cold storage facilities to farmers of Paralakhemundi Constituency and adjoining blocks to prevent post-harvest losses; The time by which the said cold storage facility will be established in Paralakhemundi Constituency?

----

**Shortage of Fertilizers in Gajapati District**

1847 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What are the factors causing the shortage of fertilizers in Gajapati District; What steps are being taken to ensure Farmers receive and adequate and timely supply and within what time frame is this issue expected to be resolved?

----

**Rising Farmer suicides**

1848 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Given the rising concerns over agricultural distress in Odisha, including farmer suicides, which reflect the urgent need for state intervention and support ; will the minister respond: How many farmer suicides have been recorded across the state over the past 1 year with a district wise breakdown ; How many grievances relating to farmers' financial distress have been received at the Collectorate level during the same period in the state and how many of them has been addressed amicably; What remedial steps and policy measures(such as debt relief, crop

insurance or MSP enhancement) are being undertaken to prevent such tragedies in the future?

----

### Satus of the underground Cabling project in Cuttack

1849 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) with reference to UD 133 dated 24.07.2024, the present status of the underground cabling project in Cuttack city; (b) the status of 132 kv UG cabling from Bidanasi & Brajabiharipur GSS to SCB MCH GSS, including outgoing 33 kV lines and lines and other works mentioned in UD 133, whether proposals exist for underground cabling on roads less than 9m wise, steps being taken to cover maximum areas under underground cabling for uninterrupted and safe power supply ?

----

### ବଳକା ଅର୍ଥ ଖର୍ଚ୍ଚ

1850 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଏହି ବିଭାଗ ଦ୍ୱାରା କି କି କାର୍ଯ୍ୟ ପାଇଁ କେଉଁ ଯୋଜନାରେ କେତେ ଅର୍ଥ ବ୍ୟୟ ବରାଦ କରାଯାଇଥିଲା ଓ କେତେ ଅର୍ଥ ବର୍ତ୍ତମାନ ସୁଦ୍ଧା କେଉଁ କାର୍ଯ୍ୟପାଇଁ ଖର୍ଚ୍ଚ ହୋଇଅଛି ଓ ବଳକା ଅର୍ଥ କେବେ ସୁଦ୍ଧା ଖର୍ଚ୍ଚ କରାଯିବ ପ୍ରକଳ୍ପୱାରୀ ଜଣାଇବା ସହ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

### FCI ଦ୍ୱାର ଧାନ କିଣା

1851 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି PPC ଓ FCI ରହିଅଛି, ସେଥିରେ ୨୦୨୪-୨୫ ଓ ୨୫-୨୬ ବର୍ଷରେ କେତେ ଧାନ କିଣାଯାଇଥିଲା ଓ କେତେ ଚାଉଳ ଗୋଦାମରେ ରଖାଯାଇଥିଲା ଓ କେଉଁ କେଉଁ ସ୍ଥାନରେ ବିତରଣ କେତେ ପରିମାଣର କରାଯାଇଥିଲା ତାହାର ତାଲିକା ତାରିଖୱାରୀ ପ୍ରଦାନ କରିବେ କି ?

----

### ନିମ୍ନ ମାନର ସାର ଓ କୀଟନାସକ ସାମଗ୍ରୀ ବିକ୍ରୟ

1852 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲାର ଆସିକା ଅଞ୍ଚଳରେ କୃଷିଜାତ ଯନ୍ତ୍ରପାତି ଓ କୀଟନାସକ ସାମଗ୍ରୀ ଓ ସାର ଗୁଡିକର ନିମ୍ନମାନର ଓ duplicate ର ପ୍ରଚୁର ପରିମାଣର ବିକ୍ରି ହେଉଛି, ଯଦ୍ଦ୍ୱାରା ଗରିବ କୃଷକମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇ ଘୋରକ୍ଷତି ସହିବାକୁ ପଡୁଛି, ଏଣୁ ସରକାର ଏହା ଉପରେ ତୁରନ୍ତ ଧ୍ୟାନ ପ୍ରଦାନ କରି ଏହାର ଆଶୁ ସମାଧାନ ଗ୍ରହଣ କରିବା ସଙ୍ଗେ ଦୋଷୀକୁ ଉପଯୁକ୍ତ ଦଣ୍ଡବିଧାନ କରିବେ କି ?

----

## Financial status of PACs in Junagarh

1853 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- To provide details regarding the Financial status of PACs functioning in Junagarh Assembly Constituency the amount of agricultural loans disbursed and number of farmers benefited under KCC in the last five years the quantity of paddy procured through co-operatives and the timelines of payments to farmers the arrangements made for timely supply of fertilizers and certified seeds and the support extended by the government to women co-operative societies and SHG federations operating to Junagarh?

----

## ଚାଷୀଙ୍କୁ ବିହନ ଯୋଗାଇବା

1854 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାଷୀମାନଙ୍କର ଧନ, ସମୟ ଓ ଜମିରୁ ଶସ୍ୟର ସୁରକ୍ଷା ପାଇଁ ଉତ୍ତମ ବିହନ ବିକ୍ରୟ ପାଇଁ କି ପ୍ରକାର ବ୍ୟବସ୍ଥା ରହିଛି ତଥା ବିଗତ 4 ବର୍ଷର ରାଜ୍ୟରେ କେଉଁ କମ୍ପାନୀର କି କି verify ବିହନ ବଜାରରେ ବିଭିନ୍ନ Dealer and Retailer ମାଧ୍ୟମରେ ଉପଲବ୍ଧ ତାହା ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି, ବିଗତ 4 ବର୍ଷରେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ସରକାରୀ ଓ ବେସରକାରୀ ବିହନ କେତେ ପରିମାଣରେ ବିକ୍ରୟ ହୋଇଛି ତା'ର verify ଓ କେତେ ପରିମାଣର ସୂଚନା ପ୍ରଦାନ କରିବେ କି, ମାଲକାନଗିରି ଜିଲ୍ଲାରେ ସରକାରଙ୍କ ଦ୍ୱାରା କି ପ୍ରକାର ବିହନ କେବେ ଓ କେତେ ପରିମାଣରେ କେଉଁ ଆଧାରରେ କେଉଁ କେଉଁ ଚାଷୀଙ୍କୁ ଯୋଗାଇ ଲାଭାନ୍ୱିତ କରାଇଛନ୍ତି ଓ ତାହା ବାବଦକୁ କେତେ ଖର୍ଚ୍ଚ ହୋଇଛି ଓ କାହାଦ୍ୱାରା ଖର୍ଚ୍ଚ କରାଯାଇଛି ବିଗତ 4 ବର୍ଷର ବ୍ଲକୱାରୀ ତଥ୍ୟ ପ୍ରଦାନ ସହ କାର୍ଯ୍ୟରତ କୃଷକସାଥୀ ଓ ତାଙ୍କୁ ପ୍ରଦାନ କରାଯାଇଥିବା ପ୍ରୋତ୍ସାହନ ରାଶୀ, ତାଙ୍କ ମାଧ୍ୟମରେ କରାଯାଇଥିବା କାର୍ଯ୍ୟ (in hours/month) wise ସୂଚନା ଦେବେ କି?

----

## ଶୀତଳ ଭଣ୍ଡାର ନିର୍ମାଣ କାର୍ଯ୍ୟ ଆରମ୍ଭ

1855 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନମଣ୍ଡଳୀର ସିଧାମୂଳା ଓ କରବରଠାରେ ପ୍ରସ୍ତାବିତ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ବିଭାଗ ପକ୍ଷରୁ କି ନିଷ୍ପତ୍ତି ନିଆଯାଇଛି, କେବେସୁଦ୍ଧା ଏହା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ଏ ଦିଗରେ ସୂଚନା ପ୍ରଦାନ କରିବେକି?

----

## OCPL ର ବେନିୟମ କାର୍ଯ୍ୟ

1856 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓସିପିଏଲ ( ଓଡ଼ିଶା କୋଲଏଣ୍ଡ ପାୱାର ଲି ) ଅଡ଼ିଟ ରିପୋର୍ଟକୁ OERC ଙ୍କ ପାଖରେ କୋଇଲା ମୂଲ୍ୟ ଜନଶୁଣାଣୀ ପ୍ରକାଶ ନ କରିବା ତଥ୍ୟ OCPL ଚିଠି ନଂ 228 ତା 06.06.25 ରୁ ସ୍ପଷ୍ଟ ହୋଇଛି OERC ଅଧିନିୟମରେ ଅଡ଼ିଟ ରିପୋର୍ଟ ପ୍ରକାଶ କରିବା ନିୟମ ଥିଲେ ବି OCPL କାହିଁକି ଗୋପନୀୟ ରଖିଛନ୍ତି; ଏହା OCPL ର ବେନିୟମ କାର୍ଯ୍ୟ ହୋଇଥିବାବେଳେ ଦୁର୍ନିତୀକୁ ପ୍ରୋତ୍ସାହନ ଦେଉନାହିଁ କି; ଶକ୍ତି ବିଭାଗ OCPL ବିରୁଦ୍ଧରେ ଶୃଙ୍ଖଳାଗତତ ପଦକ୍ଷେପ କ'ଣ ନେଉଛନ୍ତି ଜଣାଇବେ କି ?

----

## OPGC ପାଇଁ ମନୋହରପୁର କୋଇଲା ଖଣି OCPL କୁ ଆବଣ୍ଟନ

1857 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର କୋଇଲା ମନ୍ତ୍ରଣାଳୟ OPGC ପାଇଁ ମନୋହରପୁର କୋଇଲା ଖଣି OCPL କୁ ଆବଣ୍ଟନ କରିଥିଲେ ବି କେନ୍ଦ୍ର କୋଇଲା ଖଣି ବିଶେଷ ବ୍ୟବସ୍ଥା ଆଇନ, 2015 ଧାରା 20 ଅନୁସାରେ 2015 ରୁ ଚଳିତ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ କୌଣସି ଲାଭ ମିଳିନଥିବା ଖବର ଶକ୍ତି ବିଭାଗ ପାଖରେ ଅଛି କି; 2021 ରୁ ଆଜି ପର୍ଯ୍ୟନ୍ତ ଉପଭୋକ୍ତାମାନେ OPGC ବିଦ୍ୟୁତପାଇଁ ଅଧିକ ମୂଲ୍ୟ ଦେଇ ଶୋଷଣର ଶିକାର ହେଉଥିବା ଖବର ବିଭାଗ ପାଖରେ ଅଛି କି; ଯଦି ଅଛି ତେବେ ସରକାର ଉପଭୋକ୍ତା ସ୍ୱାର୍ଥ ସୁରକ୍ଷା ପାଇଁ କଣ ପଦକ୍ଷେପ ନେଇଛନ୍ତି ?

----

## ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ ପାଇଁ ପଦକ୍ଷେପ

1858 **ଶ୍ରୀ ଛବି ମଲିକ (ନିଆଳି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ବିଦ୍ୟୁତ ଭିତ୍ତିଭୂମି ଓ ବିଦ୍ୟୁତ ଆବଣ୍ଟନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ସୁଦୃଢ଼ ପାଇଁ କି କି ପଦକ୍ଷେପ ଟାଟା ପାୱାର ନେଇଛି ଏବଂ କେଉଁ କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଛି, ଏହାର ଉତ୍ତର ଦେବେ କି; (ଖ) ଚୁକ୍ତିନାମା ସ୍ୱାକ୍ଷରିତ ହେବାଠାରୁ ଟାଟା ପାୱାର କେତୋଟି ନୂତନ ଟ୍ରାନ୍ସଫର୍ମର ବସାଇଛି , କେଉଁ କେଉଁ ସ୍ଥାନରେ Safety Barrier କରାଯାଇନାହିଁ ଏହାର ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ବାଉଁଶ ଓ ମାଟି କାରିଗରମାନଙ୍କୁ ପ୍ରୋତ୍ସାହନ ଦେବା

1859 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଜୁରୀପଡ଼ା ବ୍ଲକର ସୁଡ଼ୁକୁମ୍ପା ଗ୍ରାମ ପଞ୍ଚାୟତର ୮ଟି ଗ୍ରାମର ପ୍ରାୟ ୧୦୦ ଜଣ ହସ୍ତଶିଳ୍ପ କାରିଗର, ଭାରତ ସରକାରଙ୍କ ହସ୍ତଶିଳ୍ପ ଆୟୋଗ, ଓଡ଼ିଶା ବାଉଁଶ ବିକାଶ ସଂସ୍ଥା ଓ ଓଡ଼ିଶା ସରକାରଙ୍କ କୁଟୀର ଶିଳ୍ପ ଦ୍ୱାରା ତାଲିମ ପାଇ ବାଉଁଶ ଓ ମାଟିରେ ବିଭିନ୍ନ ଉତ୍କୃଷ୍ଟମାନର କାରୁକାର୍ଯ୍ୟ କରୁଛନ୍ତି ; ଏହି କାରିଗରମାନଙ୍କୁ କୌଣସି ପ୍ରୋତ୍ସାହନ ମିଳୁନଥିବାରୁ ଏମାନେ ସ୍ୱାବଲମ୍ବି ହୋଇପାରୁନାହାନ୍ତି; ଏହି ହସ୍ତଶିଳ୍ପ କାରିଗରଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ କିଛି ପଦକ୍ଷେପ ଗ୍ରହଣ କି ?

----

## କନ୍ଧମାଳ ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟା କରଣ ୟୁନିଟ୍ ସ୍ଥାପନ

1860 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ)ः**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଶିଳ୍ପ ବିହୀନ କନ୍ଧମାଳ ଜିଲ୍ଲାରେ ପ୍ରଚୁର ପରିମାଣରେ ଆମ୍ବ, ପଣସ ଭଳି ଖାଦ୍ୟ ପଦାର୍ଥ ଅମଳ ହେଉଥିଲେ ବି ଏଠି ଖାଦ୍ୟ ପ୍ରକ୍ରିୟାକରଣ ପାଇଁ କୌଣସି ସୁବିଧା ନଥିବାରୁ ଅର୍ଦ୍ଧାଧିକ ନଷ୍ଟ ହୋଇଯାଉଛି; ଏଥିପାଇଁ ଜିଲ୍ଲାରେ କ୍ଷୁଦ୍ର ଉଦ୍ୟୋଗ ମାଧ୍ୟମରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନର ଆବଶ୍ୟକତା ରହିଛି; ସରକାରଙ୍କ ତରଫରୁ ଏଥିପାଇଁ କିଛି ବ୍ୟବସ୍ଥା ଗ୍ରହଣ କରାଯିବ କି ?

----

## ବାଙ୍କିଆଠାରେ କୃଷି ବିଜ୍ଞାନ କେନ୍ଦ୍ର ଖୋଲାଯିବା

1861 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଉରକେଲାର ପାନ ପୋଷ ନିକଟରେ ଥିବା ବାଙ୍କିଆ ଠାରେ ହେବାକୁ ଥିବା କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠାରେ ବିଳମ୍ବ କଣ ପାଇଁ ହେଉଅଛି, କେବେସୁଦ୍ଧା ଏହା ସମାପ୍ତ ହେବ; ସୁନ୍ଦରଗଡ଼ ଜିଲ୍ଲାରେ କେତୋଟି ଶୀତଳଭଣ୍ଡାର ଅଛି ଏବଂ କେଉଁଠାରେ ଅଛି, ସମ୍ପୂର୍ଣ୍ଣ ବିବରଣୀ ଦେବେ, ରାଉରକେଲାର ସିଭିଲ୍ ଟାଉନସିପଠାରେ ଥିବା କୃଷକ ବଜାରର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଏହାର ପୁନରୁଦ୍ଧାର ପାଇଁ ସରକାର ପଦକ୍ଷେପ ନେବେ କି ?

----

## ପାନପୋଷଠାରେ ଥିବା RCMSରେ ଦୁର୍ନୀତିର ତଦନ୍ତ

1862 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ः**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପାନପୋଷଠାରେ ଥିବା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (RCMS)ରେ ସିମେଣ୍ଟ ଓ ପଶୁ ଖାଦ୍ୟ କିଣାବିକା କାରବାରରେ ହୋଇଥିବା ଦୁର୍ନୀତିର ତଦନ୍ତର ବର୍ତ୍ତମାନର ସ୍ଥିତି କଣ ଏଥିରେ କେତେ ଟଙ୍କାର ଦୁର୍ନୀତି ହୋଇଛି ତାହାର ସମ୍ପୂର୍ଣ୍ଣ ବିବରଣୀ ଦେବା ସହ କାହାକୁ କେତେ ସାମଗ୍ରୀ ଦିଆହୋଇଥିବା ଏବଂ ସେ ବାବଦରେ କେତେ ଟଙ୍କା ପୈଠ କରିବାକୁ ବାକିଅଛି ଜଣାଇବେ କି ?

----

## ମାଛ ଉତ୍ପାଦନ ହାର ବୃଦ୍ଧି

1863 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ ବିଗତ ତିନିବର୍ଷରେ କେଉଁ ପୌରସଂସ୍ଥା ଓ ବ୍ଲକ ଅଞ୍ଚଳରେ କେତୋଟି ପୋଖରୀ ଖୋଳାଯାଇଛି, କେତୋଟି ପୁନରୁଦ୍ଧାର କରାଯାଇଛି, ଜିଲ୍ଲାରେ ମଛ ଉତ୍ପାଦନ ହାର ବିଗତ ତିନିବର୍ଷରେ କେତେ ଜଣାଇ ଏହି ହାର ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସମବାୟ ବ୍ୟାଙ୍କରେ ଖାଲିଥିବା ପଦବୀ ପୂରଣ

1864 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ସହ ରାଜ୍ୟର କେଉଁ କେନ୍ଦ୍ର ସମବାୟ ବ୍ୟାଙ୍କରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ପଦବୀରୁ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି, ରାଜ୍ୟ ସମବାୟ ବ୍ୟାଙ୍କକୁ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀମାନଙ୍କୁ ପଦୋନ୍ନତି ଭିତ୍ତିରେ ଲିଖିତ ପରୀକ୍ଷା ମାଧ୍ୟମରେ ନିୟୋଜନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଭୂତଳ କେବୁଲ ଦ୍ଵାରା ବିଦ୍ୟୁତ୍ ସେବା

1865 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ବିଗତ ଦିନରେ ବାତ୍ୟା ଦ୍ଵାର ବିଦ୍ୟୁତ୍ ସେବା ଦୀର୍ଘ ଦିନ ଧରି ବାଧାପ୍ରାପ୍ତ ହେବା କଥା ସରକାରଙ୍କ ନଜରରେ ଅଛି କି, ଉତ୍ତର ଯଦି ହଁ ସେଥିପାଇଁ ଭୂତଳ କେବୁଲ୍ (Underground Cable) ଦ୍ଵାରା ବିଦ୍ୟୁତ୍ ସେବା ଯୋଗେଇ ଦେବା ପାଇଁ ସରକାରଙ୍କ ବ୍ୟବସ୍ଥା ଅଛି କି, ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା ଆରମ୍ଭ ହେବ ଓ ଶେଷ ହେବ ?

----

## ସାର ସମସ୍ୟାର ସମାଧାନ

1866 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଧାନ ଗଛ ମୂଳ ଧରୁଥିବା ସମୟରେ ୟୁରିଆ ସାର ମିଳୁନଥିବା ତଥା ରାଜ୍ୟ ବ୍ୟାପି ସାର ସଙ୍କଟ ଦେଖାଦେଇଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଯୁଦ୍ଧକାଳୀନ ଭିତ୍ତିରେ ଏ ସମସ୍ୟା କିପରି ତୁରନ୍ତ ସମାଧାନ ହେବ ଏବଂ ସାରର କଳାବଜାର ସମସ୍ୟାକୁ

----

## 132/33 କେଭି ଗ୍ରୀଡ୍ ସବଷ୍ଟେସନ୍ ବ୍ୟବସ୍ଥା

1867 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨କ) OPTCL ଦ୍ୱାରା ଗଜପତି ଜିଲ୍ଲାର ରା. ଉଦୟଗିରିଠାରେ 4୪.02 କୋଟି ଟଙ୍କା ବିନିମୟରେ ଏକ 132/33 କେ.ଭି. ଗ୍ରୀଡ୍ ସବ୍ ଷ୍ଟେସନ୍ ଓ ଆନୁସଙ୍ଗିକ ଟ୍ରାନ୍ସମିଶନ ଲାଇଟର ବ୍ୟବସ୍ଥା କରାଯାଇ ଏଯାବତ୍ ଭାରତ ସରକାରଙ୍କର ଜଙ୍ଗଲ ମନ୍ତ୍ରଣାଳୟର ଅନୁମତିକୁ କେବେସୁଦ୍ଧା ପ୍ରାପ୍ତ କରି ଜନସାଧାରଣଙ୍କର ବ୍ୟବହାର ଜନିତ ଉତ୍ସର୍ଗୀକୃତ କରାଯିବ ତଥ୍ୟ ପ୍ରଦାନ କରିବେ କି, (ଖ) ଶ୍ରୀ ଜଗନ୍ନାଥ ମହାପ୍ରଭୁ ମନ୍ଦିର ପ୍ରଶାସକଙ୍କଠାରୁ ପତ୍ର ସଂଖ୍ୟା-6630, 6631 & 6632, dtd.-17.06.2022 ଅନୁସାରେ ଏଯାବତ୍ TPCODL Ltd. Khurda କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେ ସମ୍ପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରଚେଷ୍ଟା କରିବେ କି ?

----

## ଏଜେନ୍ସି ମାନେ ଡିଲର ଓ ସେମାନଙ୍କୁ ସାର ଦେବା

1868 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର ଚଳିତ ବର୍ଷ ୨୦୨୫ ଖରିଫରେ ମୋଟ କେତେ ୟୁରିଆ ସାର କେନ୍ଦ୍ରରୁ ବା ବିଭିନ୍ନ ଏଜେନ୍ସିରୁ ଆଣିଛନ୍ତି ଏବଂ କେଉଁ କେଉଁ ଜିଲ୍ଲାକୁ କେତେ କ୍ୱିଣ୍ଟାଲ ସାର Allotment ଦେଇଛନ୍ତି ଏହାର ଜିଲ୍ଲାୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ଜିଲ୍ଲାର ଏଜେନ୍ସି ମାନେ କେଉଁ କେଉଁ ଡିଲର, ସୋସାଇଟି ମାନଙ୍କୁ ସାର ଦେଇଛନ୍ତି, ଡିଲର ଏବଂ ସୋସାଇଟିମାନେ ଚାଷି ମାନଙ୍କୁ ସାର ନଦେଇ ବ୍ଲାକ ମାର୍କେଟିଙ୍ଗ କରୁଥିବା ଜାଣନ୍ତି କି ?

----

## Provide the name & address of the Beneficiaries

1869 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- whether any Interventions/ Activities of Odisha Agro Industries Corporation Ltd. (OAIC) have been taken up in Niladriprasad GP of Banpur Block of Khordha district during the last seven years, If so, will the Govt. provide the names address of the beneficiaries and the type of Intervention made with details of technical works under taken, bills prepared and payments made and what is the present status of those interventions and whether functioning or not (Physical status of the assets created) ?

----

## ଅତ୍ୟାଧୁନିକ ଗୋଶାଳା ନିର୍ମାଣ

1870 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସୁନ୍ଦରଗଡ ଜିଲ୍ଲାରେ ବୁଲା ଗାଇ ଗୋରୁ ମାନଙ୍କ ପାଇଁ କେତୋଟି ଗୋଶାଳା ଅଛି ଏବଂ ସେଥି ମଧ୍ୟରୁ କେତୋଟି କାର୍ଯ୍ୟକ୍ଷମ ଅଛି ଓ ସେଥିରେ କେତେ ସଂଖ୍ୟକ ଗାଇ ଗୋରୁ ଅଛନ୍ତି ଏହା ଛଡା ଏହି ଗୋଶାଳା ଗୁଡିକ ପାଇଁ ସରକାର କେତେ ଖର୍ଚ୍ଚ ବହନ କରୁଛନ୍ତି ତା'ର ଏକ ବ୍ଲକୱାରୀ ବିସ୍ତୃତ ବିବରଣୀ ଦେବେ କି, (ଖ) ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀ ଏକ ଖଣି ଖାଦାନ ଅଞ୍ଚଳ ହୋଇଥିବା ହେତୁ ଏଠାରେ ପ୍ରତିଦିନ ବହୁ ସଂଖ୍ୟକ ଗାଇ ଗୋରୁ ଦୁର୍ଘଟଣାର ଶିକାର ହେବା ନଜରକୁ ଆସିଛି କି, ଯଦି ଆସିଛି ତେବେ ଏହି ବୁଲା ଗାଇ ଗୋରୁ ମାନଙ୍କ ପାଇଁ ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀର ସୁନ୍ଦରଗଡ ସଦର ଠାରେ ଏକ ଅତ୍ୟାଧୁନିକ ଗୋଶାଳା ନିର୍ମାଣ କରିବେ କି ?

----

## ସୋଲାର ସଂଯୋଗ

1871 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କରଞ୍ଜିଆ ନିର୍ବାଚନ ମଣ୍ଡଳୀର କରଞ୍ଜିଆ ବ୍ଲକର 7/8 ଗ୍ରାମରେ ବର୍ଷର ଅଧାଦିନ ହାତୀର ଚଳପ୍ରଚଳ ରହୁଅଛି, ତେଣୁ ଏସବୁ ଗ୍ରାମରେ ପ୍ରାୟ ଦିନ ବିଜୁଳି କାଟ୍ ହେଉଛି ଫଳତଃ ଲୋକମାନେ ଅନ୍ଧାରରେ ରହୁଛନ୍ତି, ତେଣୁ ସେ ସବୁ ଗ୍ରାମକୁ ସୋଲାର ସଂଯୋଗର ବ୍ୟବସ୍ଥା କରିବେ କି ?

----

## L.I. ମାନଙ୍କୁ ପଦୋନ୍ନତି ଦେବା

1872 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଉକ୍ତ ବିଭାଗରେ କାର୍ଯ୍ୟରତ L.I. ମାନଙ୍କର ବିରିଷ୍ଠତାକୁ ଦୃଷ୍ଟିରେ ରଖି ସେମାନଙ୍କର ପଦୋନ୍ନତି ମିଳିବାର ସୁଯୋଗ ଦେବେ କି, SC ଓ ST ପଛୁଆ ବର୍ଗ, ସଂଖ୍ୟାଲଘୁ ଉନ୍ନୟନ ବିଭାଗଙ୍କ ଆଦେଶ ସଂଖ୍ୟା ୧୭୪୦୧ ତା. ୨୪.୦୭.୨୦୨୫ ରିଖରେ ଶିକ୍ଷକ ଓ ଅଣଶିକ୍ଷକ ନିମନ୍ତେ ୬ ବର୍ଷର ଠିକା ସମୟକୁ ମୂଳ ଚାକିରୀ କାଳ ରୂପେ ଗଣନା କରାଯାଇ ବରିଷ୍ଠତା ଭିତରେ ସେମାନଙ୍କୁ ପଦୋନ୍ନତି ଦିଆଯିବାର ସୁଯୋଗ ପ୍ରଦାନ କରାଯାଇଛି, ସେହିଭଳି ଉକ୍ତ ବିଭାଗରେ କାର୍ଯ୍ୟରତ L.I. ମାନଙ୍କୁ ସେ ସୁଯୋଗ ଯଥା ଶୀଘ୍ର ଦେବେ କି ?

----

## Functioning of Milk Plant

1873 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many beneficiaries under various schemes are benefited in last year in Fisheries and Animal Husbandry, the Milk Plant of Sonepur is not functioning properly due to various issue including shortage of water for plant, when it will rectify ?

----

## ମତ୍ସ୍ୟଜୀବିଙ୍କ ପାଇଁ ବିଭିନ୍ନ କାର୍ଯ୍ୟ କରିବା

1874 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡିକରେ ବସବାସ କରୁଥିବା ମତ୍ସ୍ୟଜୀବି ପରିବାର ମାନେ ସାଧାରଣତଃ ତାଙ୍କର ରୋଜଗାର ଓ ପେଟପାଟଣା ପାଇଁ ସମୁଦ୍ରରୁ ମାଛ ଧରିବା ଉପରେ ନିର୍ଭରଶୀଳ ଥାନ୍ତି, କିନ୍ତୁ ଗଲା 3 ରୁ 4 ମାସ ମଧ୍ୟରେ କିଛି ପରିବାରର ଅଭିଯୋଗ ରହୁଛି ଯେ, Disaster Management Team କିଛି ବିପଦଜନକ ସଙ୍କେତ ଥିଲେ ସାଧାରଣତଃ ସମୁଦ୍ରକୁ ଯିବା ପାଇଁ ମନା କରିଥାନ୍ତି କିନ୍ତୁ ଛୋଟବଡ ପବନ ବର୍ଷାରେ ମଧ୍ୟ ତାଙ୍କୁ କିଛି ମାସ ହେଲା Disaster Alert ଆସି ସମୁଦ୍ରକୁ ଯାତାୟତ ପାଇଁ ମନାକରାଯାଉଛି ଏବଂ କଟକଣା ରଖାଯାଉଛି, ଯାହାଫଳରେ ଗତ 100 ଦିନ ଭିତରେ 10 ରୁ 15 ଦିନ ମାଛ ଧରିବା ପାଇଁ ସମୁଦ୍ରକୁ ଯିବାର ସୁଯୋଗ ପାଇଛନ୍ତି, ତାଙ୍କର କହିବା କଥା ଏହିଭଳି ଛୋଟବଡ ବର୍ଷା ପବନରେ ସେମାନେ ସମୁଦ୍ରରେ ମାଛ ଧରିବାର କୌଶଳରେ ଅଭିଜ୍ଞ ଅଛନ୍ତି, ତେଣୁ ଜୀବନକୁ ସୁରକ୍ଷିତ ରଖି ପେଟପାଟଣା ପାଇଁ ତାଙ୍କର ଏହି ସୁଯୋଗକୁ ବଡ କରିବା ଦିଗରେ ସରକାର କି ପଦକ୍ଷେପ ନେବେ ?

----

## ଇଲେକ୍ଟ୍ରିକ୍ ସବ୍ ଡିଭିଜନ ଅଫିସ୍ ସ୍ଥାନାନ୍ତର

1876 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଗଡ ଉପଖଣ୍ଡରେ ଥିବା ତିନୋଟି ଇଲେକ୍ଟ୍ରିକ୍ ସବ୍ ଡିଭିଜନକୁ ନେଇ ଗଠିତ ଧର୍ମଗଡ ଇଲେକ୍ଟ୍ରିକାଲ୍ ଡିଭିଜନକୁ ଶାରିରୀକ ଭାବେ ଭବାନୀପାଟଣାରୁ ଧର୍ମଗଡକୁ ସ୍ଥାନାନ୍ତର ନେଇ ରାଜ୍ୟ ସରକାର କି ନିଷ୍ପତ୍ତି ନେଇଛନ୍ତି ଜଣାଇବେ କି ?

----

## Jetty ନିର୍ମାଣର ଅଗ୍ରଗତି

1877 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶାରେ category ଅନୁଯାୟୀ ସମୁଦାୟ ମତ୍ସ୍ୟ ଉତ୍ପାଦନ କ୍ଷମତା କେତେ ତାହାର ଜିଲ୍ଲାୱାରୀ ଏକ ତଥ୍ୟ ଦେବାସହ ଚଳିତ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ କେଉଁ ସ୍ଥାନରେ କେତେ ଅର୍ଥ ଖର୍ଚ୍ଚ ହୋଇ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ମାନ ହାତକୁ ନିଆଯିବ head ଅନୁଯାୟୀ ତାହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ; (ଖ) ଏହି ମର୍ମରେ ବାଲେଶ୍ୱର ଜିଲ୍ଲାର ଚଳିତ ଆର୍ଥିକ ବର୍ଷର action plan ପ୍ରଦାନ କରିବା ସହ ବଳରାମଗଡି ଓ ବାହାବଳପୁର ଠାରେ ପ୍ରସ୍ତାବିତ Jetty ନିର୍ମାଣର ଅଗ୍ରଗତି ଓ ବର୍ତ୍ତମାନ ସ୍ଥିତାବସ୍ଥା ସହ DPR, Design ଓ କାର୍ଯ୍ୟ ସମାପନ ତାରିଖ ସହ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## Functioning of Innovation & incubation Centres

1878 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The number of Innovation & Incubation Centres functioning under the Department, district-wise and the number of start-ups supported so far?

----

### Total number of beneficiaries under PM Kisan

1879 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total number of beneficiaries under the Pradhan Mantri Kisan Samman Nidhi (PM-KISAN) scheme in Odisha, district-wise ; (b) The number of PM-KISAN beneficiaries in Sundargarh district; and Specifically, the number of beneficiaries in Rourkela Assembly Constituency, with break-up Panchayat-wise and Municipality-wise?

----

### NFSA ମାଧ୍ୟମରେ ଚାଉଳ ଯୋଗାଣ

1880 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେତେକ ଅଭାବି ବିଧବା ମହିଳା, ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, ରୋଗିଣା ବ୍ୟକ୍ତି ଯେଉଁମାନଙ୍କର କୌଣସି ନିୟମିତ ରୋଜଗାର ନାହିଁ ଓ ସେମାନେ NFSA ମାଧ୍ୟମରେ ପାଉଥିବା ଚାଉଳରେ ମାସିକ ଆହାର ମେଣ୍ଟାଇ ପାରୁନଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି, ଯଦି ହଁ, ସେମାନଙ୍କୁ ଚିହ୍ନଟ କରି ଅନ୍ତୋଦୟ ଯୋଜନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ ନେବେ କି ?

----

### ସୌର ଶକ୍ତି ଦ୍ୱାରା ବିଦ୍ୟୁତ୍ ଯୋଗାଣ

1881 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର ରାଜ୍ୟରେ ସରକାର ସମସ୍ତ ସରକାରୀ office, School, College ଓ University building ଗୁଡିକରେ ସରକାରୀ ଖର୍ଚ୍ଚରେ ସୌର ଶକ୍ତି ଦ୍ୱାରା ବିଦ୍ୟୁତ୍ ଯୋଗାଣ ନିମନ୍ତେ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ, ଏଥି ନିମନ୍ତେ ବାର୍ଷିକ budget ରେ କୌଣସି ଆର୍ଥିକ ବ୍ୟବସ୍ଥା ଅଛି କି, ସମାନ ଭାବରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରମାନଙ୍କୁ ମାଗଣା ବିଜୁଳି ଦେବା ପାଇଁ ସରକାର ବିଚାର କରୁଛନ୍ତି କି ?

----

### ରାଜ୍ୟରେ ଥିବା ଶୀତଳଭଣ୍ଡାର

1882 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏଯାବତ୍ କେତେଗୋଟି ଶୀତଳଭଣ୍ଡାର ଅଛି, ଏଗୁଡିକର Storage Capacity କେତେ, ରାଜ୍ୟରେ ଆଳୁ, ପିଆଜର ଘୋର ନିଅଣ୍ଟ ଏବଂ ତଦଜନୀତ ମୂଲ୍ୟବୃଦ୍ଧି ରୋକିବା ନିମନ୍ତେ ସରକାର କେତେ ସଂଖ୍ୟକ ଶୀତଳଭଣ୍ଡାର କେଉଁଠାରେ ନିର୍ମାଣ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି ଏବଂ ଏହାଦ୍ୱାରା ଏ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟର ଅଭାବ ଓ ଦର ବୃଦ୍ଧି ରୋକାଯିବା ଦିଗରେ ସରକାରଙ୍କର ପଦକ୍ଷେପମାନ କଣ?

----

## କେନ୍ଦୁଝର ଜିଲ୍ଲାରେ ଥିବା MSME ଉଦ୍ୟୋଗ

**1883 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର କେନ୍ଦୁଝର ଜିଲ୍ଲାରେ କେତେଗୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଛି, ଏ ମଧ୍ୟରୁ କେତେଗୋଟି ସଚଳ ଓ କେତେଗୋଟି ଅଚଳ ଅବସ୍ଥାରେ ଅଛି ତାର ତାଲିକା ପ୍ରଦାନ କରିବେକି, ଉଦ୍ୟୋଗ ଅଚଳ ହେବ ଫଳରେ କେତେ ଲୋକ ବେକାର ହୋଇଛନ୍ତି ଏବଂ ସେଗୁଡିକ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛ?

----

## ନୂତନ PACS ଗଠନ

**1884 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ 2023- 24 ବର୍ଷଠାରୁ ସମୁଦାୟ କେତେଗୋଟି PACS ନୂତନ ଗଠନ କରାଯାଇଅଛି ଓ ତନ୍ମଧ୍ୟରୁ କେତେଗୋଟି ଏବେସୁଦ୍ଧା କେଉଁ କାରଣରୁ କାର୍ଯ୍ୟକ୍ଷମ ହୋଇପାରିନାହିଁ ତତ୍ ସମ୍ପର୍କିତ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି; ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ବ୍ଲକ ପରାଢ଼ିପି ଗ୍ରାମ ପଞ୍ଚାୟତ ଅଧୀନରେ ନୂତନଭାବେ ଗଠନ ହୋଇଥିବା PACS କୁ ସ୍ଥାନୀୟ କୃଷକମାନଙ୍କ ବାରମ୍ବାର ଦାବୀ ସତ୍ତ୍ୱେ ସେଠାରେ କୃଷକ ପଞ୍ଜୀକରଣ ନ ହେବାର କାରଣ କଣ ଓ ଉକ୍ତ PACS ଦ୍ୱାରା ଚଳିତ ଖରିଫ ଋତୁରେ ଖରିଫ ଧାନ ଉଠନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ଓଡ଼ିଶା ଯୋଗାଣ ନିଗମ ମାଧ୍ୟମରେ ଧାନକ୍ରୟ

**1885 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ 2024-25 ବର୍ଷରେ ଓଡ଼ିଶା ଯୋଗାଣ ନିଗମ ମାଧ୍ୟମରେ ଉଭୟ ଖରିଫ ଓ ରବି ଋତୁରେ କୃଷକମାନଙ୍କଠାରୁ ସମୁଦାୟ କେତେ ପରିମାଣର ଧାନ କ୍ରୟ କରାଯାଇ ସେଥିରୁ କେତେ ଚାଉଳ ବିଭିନ୍ନ ମିଲରଙ୍କଠାରୁ ସଂଗ୍ରହ କରାଯିବାର ଲକ୍ଷ ରଖାଯାଇଥିଲା ;ଅଦ୍ୟାବଧି ନିର୍ଦ୍ଧାରିତ ଲକ୍ଷ ଅନୁଯାୟୀ ସେଥିରୁ କେତେ ପରିମାଣର ଚାଉଳ ଏଫ.ସି. ଆଇ ଦ୍ୱାରା ନିଆଯାଇଅଛି ଓ ଅବଶିଷ୍ଟ କେତେ ଚାଉଳ କେବେ ସୁଦ୍ଧା ନିଆଯିବ ତାହାର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ;ଧାନକ୍ରୟ ଓ ଚାଉଳ ପ୍ରକ୍ରିୟା କରଣ ବାବଦକୁ କେତେଟଙ୍କା ବାଣିଜ୍ୟିକ ବ୍ୟାଙ୍କମାନଙ୍କଠାରୁ ଋଣ ଆଣି ଚାଷୀଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯାଇଛି ଓ ଏ ବାବଦରେ ଓଡ଼ିଶା ଯୋଗାଣ ନିଗମ ଅଦ୍ୟାବଧି କେତେଟଙ୍କାର ଋଣଭାର ବହନ କରୁଛି କେନ୍ଦ୍ର ସରକାରଙ୍କଠାରୁ ଧାନ ଓ ଚାଉଳ ସଂଗ୍ରହ କାର୍ଯ୍ୟର ଖର୍ଚ୍ଚ ଭରଣା ବାବଦକୁ ଏବେ ସୁଦ୍ଧା ରାଜ୍ୟ କେତେଟଙ୍କା ଅଗ୍ରୀମ ଓ ପ୍ରୋଭିଜନାଲ ସବସିଡ଼ି ବାବଦରେ ପାଇବାକୁ ଅଛି ଓ ସବସିଡ଼ି ଯୋଗାଣରେ ବିଳମ୍ବହେତୁ ଯୋଗାଣ ନିଗମର ଶୁଦ୍ଧଭାର ବଢୁଥିବା ସତ୍ୟ କି ?

----

## ସୁଲଭ ମୂଲ୍ୟରେ ସାର ଯୋଗାଣ

1886 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଚଳିତ ବର୍ଷ ଖରିଫ ଫସଲ ପାଇଁ କୃଷକ ମାନଙ୍କୁ କେତେ ପରିମାଣର କେଉଁ କେଉଁ ସାର ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ଦିଗରୁ ପ୍ରାପ୍ତି ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି; ସେଥିରୁ ଅଦ୍ୟାବଧି କେନ୍ଦ୍ର ସରକାର ଓ ଅନ୍ୟ କେଉଁ କେଉଁ ସଂସ୍ଥାଠାରୁ କେତେ ପରିମାଣର କେଉଁ କେଉଁ ସାର ଗ୍ରହଣ କରାଯାଇ କେଉଁ କେଉଁ ସରକାରୀ ସଂସ୍ଥା ଦ୍ୱାରା କେତେ ଓ ଖୋଲା ବଜାର କିମ୍ବା ବେସରକାରୀ ସଂସ୍ଥା ମାଧ୍ୟମରେ କେତେ ସାର କୃଷକମାନଙ୍କୁ ଯୋଗାଇ ଦିଆଯାଇଛି; ଆବଶ୍ୟକତା ଅନୁଯାୟୀ ସାର ଯୋଗାଣ ହୋଇପାରୁ ନଥିବା କାରଣରୁ ଅସାଧୁ ବ୍ୟବସାୟୀ ମାନଙ୍କ ଦ୍ୱାରା କଳାବଜାରୀ ହେବା ଓ ତଦ୍ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ହନ୍ତସନ୍ତ ହେଉଥିବା ସରକାରଙ୍କ ଦୃଷ୍ଟି ଆକର୍ଷଣ ହୋଇଛି କି ଏବଂ ଏଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ତାର ଏକ ବିସ୍ତୃତ ବିବରଣି ପ୍ରଦାନ କରିବେ କି ?

----

## ପଞ୍ଚୁପିଶା ଜେଠୀକୁ ମାଛଧରା ବନ୍ଦରରେ ପରିଣତ

1887 **ଶ୍ରୀ ମାଧବ ଧଡା (ସୋରୋ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ ) ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ପଞ୍ଚୁପିଶା ଜେଠୀ କୁ ସବୁଦିନିଆ ମାଛଧରା ବନ୍ଦରର ରେ ପରିଣତ ପାଇଁ ମୁହାଣ ଖନନ ସହିତ ନବୀକରଣର ଆବଶ୍ୟକତା ଦୃଷ୍ଟେ ଜେଠି ର ନବୀକରଣ ସହିତ ଶୀତଳଭଣ୍ଡାର ଓ ମତ୍ସ୍ୟ ପ୍ରକ୍ରିୟାକରଣ ଗୃହ ଇତ୍ୟାଦି ନିର୍ମାଣ ପୂର୍ବକ, ଉକ୍ତ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ କଣ ସବୁ ପଦକ୍ଷେପ ନିଆଯାଇଅଛି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, (ଖ) ସୋରୋ ନିର୍ବାଚନ ମଣ୍ଡଳୀରେ ଉଭୟ ସାମୁଦ୍ରିକ ମତ୍ସ୍ୟଜୀବି ଏବଂ ଚିଲିକା ମତ୍ସ୍ୟଜୀବି/ପେସାଦାର ମତ୍ସ୍ୟଜୀବି ମାନଙ୍କର ଉନ୍ନତି ପାଇଁ କେଉଁ କେଉଁ ଯୋଜନାରେ କେତେ ପରିମାଣର କେଉଁ କେଉଁ ସହାୟତା ପାଇଛନ୍ତି ତାହାର ଏକ ବିବରଣୀ ଦେବେ କି, ଗତ ୨ ବର୍ଷ ମଧ୍ୟରେ ମତ୍ସ୍ୟଜୀବି ମାନେ କେତେ ପରିମାଣର subsidy (ଡ଼ଙ୍ଗା, ଜାଲ ଓ boat machine ପାଇଁ) ପାଇଛନ୍ତି ହିତାଧିକାରୀଙ୍କ ନାମ ତାଲିକା ପ୍ରଦାନ କରିବେ କି, ମତ୍ସ୍ୟ ବିଭାଗ ଅଧୀନରେ ବାଲେଶ୍ୱର ଜିଲ୍ଲାରେ ମତ୍ସ୍ୟଜୀବି ମାନଙ୍କ ସୁବିଧା ପାଇଁ କେତେ ଜଣଙ୍କୁ "ସାଗର ମିତ୍ର" ପଦରେ ନିଯୁକ୍ତି କରାଯାଇଅଛି, ବର୍ତ୍ତମାନ ସୁଦ୍ଧା କେତେ ପଦବୀ ଖାଲି ରହିଛି, ଏହି ସବୁ ପଦବୀ ପୂରଣ ପାଇଁ outsourcing ମାଧ୍ୟମରେ କେଉଁ agency କୁ ଦାୟିତ୍ୱ ଦିଆଯାଇଛି ?

----

## ସମବାୟ ସମିତି ଦ୍ୱାରା EKYC

**1888 ଶ୍ରୀ ମାଧବ ଧଡା (ସୋରୋ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ ) 2023-24 ଓ 2024-25 ଆର୍ଥିକ ବର୍ଷରେ ସୋରୋ ନିର୍ବାଚନ ମଣ୍ଡଳରେ କେତେ ଧାନ କ୍ରୟ କରାଯାଇଛି, କେତେ ସଂଖ୍ୟକ ଚାଷୀଙ୍କ ଧାନ ସମବାୟ ସମିତି ଦ୍ୱାରା ପରିଚାଳିତ ମଣ୍ଡି ଦ୍ୱାରା ଧାନ କ୍ରୟ କରାଯାଇଅଛି ଓ କେତେ ସଂଖ୍ୟକ ଚାଷୀ ସିଧାସଳଖ ମିଲରେ ଯାଇ ଧାନ ଜମା କରିଛନ୍ତି ସମବାୟ ସମିତି କାର୍ଯ୍ୟାଳୟ (କେବଳ EKYC) ରେ କରିଛନ୍ତି ତାହାର ତଥ୍ୟ PACS ୱାରୀ ତଥ୍ୟ ପ୍ରଦାନ କରିବେ କି, ସେହିପରି 2023-24 ଓ 2024-25 ଆର୍ଥିକ ବର୍ଷର ଧାନକିଣାସମୟରେ ସୋରୋ ନିର୍ବାଚନ ମଣ୍ଡଳରେ ଖିଲାପ କରିଥିବା କେତେଜଣ ଅଧିକାରୀ, ମିଲର ଓ ସମବାୟ ସମିତି ବିରୋଧରେ ଜନ ସାଧାରଣ ଅଭିଯୋଗ କରିଥିଲେ କି; ଯଦି ହଁ ବିଭାଗ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ; (ଖ ) ପ୍ରତି 1 କ୍ୱିଣ୍ଟାଲ ଧାନକୁ ମଣ୍ଡିରୁ ମିଲ୍ କୁ ନେବା ପାଇଁ transporting ଖର୍ଚ୍ଚ କେତେ ହୁଏ, ସେ ବାବଦରେ handling ଖର୍ଚ୍ଚ କେତେହୁଏ, ଧାନ ନେବାରେ Gunny depretiation ପାଇଁ କେତେ ଖର୍ଚ୍ଚ ହୁଏ ଏବଂ ଏହି ସମୁଦାୟ ଖର୍ଚ୍ଚ Millers ମାନଙ୍କ ଜରିଆରେ ହେଉଥିବା କଥା ସତ୍ୟ କି ଏବଂ ଚାଷୀ ସିଧାସଳଖ ମିଲରେ ଯାଇ ଧାନ ଜମା କରିଛନ୍ତି, ସେ ବାବଦରେ handling ଖର୍ଚ୍ଚ ଧାନ ନେବାରେ Gunny depretiation ପାଇଁ ଦର୍ଶାଇଯାଇଥିବା ଖର୍ଚ୍ଚର ଅର୍ଥ ରାଶି କାହା ବ୍ୟାଙ୍କ ଖାତାକୁ ଯାଉଅଛି ?

----

## PACS ମାନଙ୍କରେ ଭିଜିଲାନ୍ସ ତଦନ୍ତ

**1889 ଶ୍ରୀ ମାଧବ ଧଡା (ସୋରୋ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲା ସମସ୍ତ PACS ମାନଙ୍କରେ ବଗତ 5 ବର୍ଷ ମଧ୍ୟ ରେ ହୋଇଥିବା Special Audit/Audit କେଉଁ କେଉଁ କର୍ମଚାରୀ/ଅଧିକାରୀ ମାନଙ୍କ ବିରୁଦ୍ଧରେ ତୋଷରପାତ ଜନିତ Recovery ଦାବି ଅଛି, କର୍ମଚାରୀ ମାନଙ୍କ ନାମ ଓ Recovery ପରିମାଣର ଏକ ତାଲିକା ପ୍ରଦାନ କରିବେ କି, ଏ ମଧ୍ୟରୁ କେଉଁ କେଉଁ ଅଧିକାରୀ ମାନଙ୍କଠାରୁ କେତେ ଅର୍ଥ Recovery ହୋଇଛି ଓ ରିକଭରି ହୋଇପାରିନଥିବା ଅଧିକାରୀଙ୍କ ବିରୋଧରେ କଣ ପଦକ୍ଷେପ ଗ୍ରହଣ କରାଯାଇଅଛି; (ଖ ) ଓଡିଶା ରାଜ୍ୟ କୃଷି ମାର୍କେଟିଂ ବୋର୍ଡ (O.S.A.M. Board ) ତରଫରୁ ଉପଜିଲ୍ଲାପାଳ ତଥା ସଭାପତି ବାଲେଶ୍ୱର ଜିଲ୍ଲା ନିୟନ୍ତ୍ରୀତ ବଜାର କମିଟି କୁ ପତ୍ର ସଂଖ୍ୟା 1992 ତାରିଖ 05.07.2024 ରିଖ ରେ ସୋରୋ ବ୍ଲକ ରେ ଇ ମାର୍କେଟ ର ସୁବିଧା ସହିତ ମାର୍କେଟିଙ୍ଗ ଭିତ୍ତି ଭୂମି ସହିତ ଗ୍ରାମପଞ୍ଚାୟତ (ଜି.ପି.) ବଜାର ସ୍ଥାପନ ପାଇଁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଗ୍ରାମାଂଚଳରେ କୌଣସି ଜି.ପି. ବଜାର ନଥିବାରୁ ଅଂଚଳର ଚାଷୀଭାଇ ମାନେ ତାଙ୍କ କୃଷିଜାତ ଦ୍ରବ୍ୟ ଗୁଡିକୁ ଉଚିତ ମୂଲ୍ୟରେ ବିକ୍ରୀ କରିବାରୁ ବଂଚିତ ହେଉଛନ୍ତି, ଏଣୁ ଅଂଚଳର ଚାଷୀଭାଇ ମାନଙ୍କ ସ୍ୱାର୍ଥ କୁ ଗୁରୁତ୍ୱ ଦେଇ ସୋରୋ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସୋରୋ ଓ ବାହାନଗା ବ୍ଲକ ରେ ଗ୍ରାମ ପଂଚାୟତ ସ୍ତରରେ ଜି.ପି. ବଜାର ସ୍ଥାପନ କରିବାକୁ ପଦକ୍ଷେପ ଗ୍ରହଣ କରିବେ କି ?

----

## ଶ୍ରୀ ପଦ୍ଧତୀରେ ଧାନ ଚାଷ

1890 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଗତ ୫ ଆର୍ଥିକ ବର୍ଷରେ ଭଦ୍ରକ ବ୍ଲକରେ କେତେ ହେକ୍ଟର ଜମି ଶ୍ରୀ ପଦ୍ଧତିରେ ଧାନ ଚାଷ କରାଯାଇଛି, ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି, (ଖ) ଚଳିତ ଶ୍ରୀ ପଦ୍ଧତିରେ ଚାଷ ପାଇଁ କେତେ ହେକ୍ଟର ଜମିକୁ ସରକାର ଅନ୍ତର୍ଭୁକ୍ତ କରିଛନ୍ତି ?

----

## DCCB ବ୍ୟାଙ୍କର ପାରିପାର୍ଶ୍ୱିକ ଉନ୍ନୟନ

1891 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦ୍ରକ ଜିଲ୍ଲାରେ ଥିବା DCCB ବ୍ୟାଙ୍କର ଅବସ୍ଥା ଦୁସ୍ଥପ୍ରାୟ ଏବଂ Urban Co-operative Bank ସ୍ଥାଣୁ, DCCB ବ୍ୟାଙ୍କର ପାରିପାର୍ଶ୍ୱିକ ଉନ୍ନତି ସହିତ Urban Co-operative Bank କୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଯୋଜନା କରିଛନ୍ତି କି ?

----

## Frequency and Outcome of enforcement action

1892 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the frequency and outcome of enforcement actions such as raids, inspections and seizures against unfair trade practices and black marketing within

Satyabadi Constituency ?

----

## ସମସ୍ତ ଗ୍ରାମକୁ ବିଦ୍ୟୁତ୍ କରଣ

1893 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ମାଧ୍ୟମରେ ସମସ୍ତ ଗ୍ରାମକୁ ବିଦ୍ୟୁତ୍ କରଣ କରିବା ଦିଗରେ ଦର୍ମଗଡ ନିର୍ବାଚନ ମଣ୍ଡଳୀର କେତୋଟି ଗ୍ରାମ ଏଥିରୁ ବାଦ ପଡିଛି ଏବଂ କେବେସୁଦ୍ଧା ସମସ୍ତ ଗ୍ରାମକୁ ବିଦ୍ୟୁତ୍ କରଣ କରିବା ଦିଗରେ ସରକାର ପଦକ୍ଷେପ ନେବେ ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## Adoption of Solar Wind Energy

1894 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What steps are being taken to promote the adoption of solar, wind biomass energy in Satyabadi Constituency having plenty of all the sources being a coastal area, also will the govt. give out the progress on PM-Kusum or similar roof top solar schemes for the Constituency, has any financial assistance or subsidies been allocated for renewable projects in the Constituency ?

----

## ନୂତନ ରାସନ କାର୍ଡ ବଣ୍ଟନ

1895 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତେଗୋଟି ରାସନ କାର୍ଡ ବଣ୍ଟନ କରାଯାଇଛି ଏବଂ କେତେଗୋଟି ରେସନ କାର୍ଡ ବଣ୍ଟନ କରିବାର ଯୋଜନା ଅଛି ତାହା ସରକାର ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ; (ଖ) ବାସୁଦେବପୁର ବ୍ଲକ ଏବଂ ପୌରପାଳିକାରେ କେତେଗୋଟି ରେସନ କାର୍ଡ କେଉଁ କେଉଁ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି ଏବଂ କେତେଗୋଟି ରେସନ କାର୍ଡ ବଣ୍ଟନ କରିବାର ଯୋଜନା ଅଛି ହିତାଧିକାରୀ ମାନଙ୍କର ନାମୱାରୀ ତାଲିକା ପ୍ରଦାନ କରିବେ କି ?

----

## ପଶୁ ଡାକ୍ତର ଖାନା ଖୋଲିବା ପାଇଁ ପଦକ୍ଷେପ

1896 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମ ପଞ୍ଚାୟତରେ ଏକ ପଶୁ ଡାକ୍ତର ଖାନା ଖୋଲିବା ପାଇଁ କି ପଦକ୍ଷେପ ନେଇଛନ୍ତି, ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## କଲ୍ୟାଣ ପାଣ୍ଠିର ବିନିଯୋଗ

1897 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାରଙ୍କ ଦ୍ୱାରା ଉପଭୋକ୍ତା କଲ୍ୟାଣ ପାଣ୍ଠି ପରିଚାଳନା ପାଇଁ ମାର୍ଗଦର୍ଶିକା କଣ ରହିଛି, ବର୍ତ୍ତମାନ ସୁଦ୍ଧା ଉକ୍ତ କଲ୍ୟାଣ ପାଣ୍ଠିରେ କେତେ ଅର୍ଥ ଗଚ୍ଛିତ ଅଛି ଏବଂ କେଉଁ ଭାବରେ କେଉଁ ଜିଲ୍ଲା ପାଇଁ କେତେ ଅର୍ଥ କେଉଁ ମାନଙ୍କ ଦ୍ୱାରା ଖର୍ଚ୍ଚ କରାଯାଇ ଅଛି, ଉକ୍ତ କଲ୍ୟାଣ ପାଣ୍ଠି ପାଇଁ ସରକାର କେଉଁଠାରୁ କି ପ୍ରକାରର କେତେ ଅର୍ଥ ସଂଗ୍ରହ କରିଛନ୍ତି, ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ ?

----

## ରାସନ କାର୍ଡ ବଣ୍ଟନ ସମ୍ପର୍କରେ

1898 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ରାସନ କାର୍ଡ ସଂଖ୍ୟା କେତେ, ଡିଲର ମାନଙ୍କର ମୁଖ୍ୟ ସଂଖ୍ୟା କେତେ ଓ ଡିଲରମାନେ କେଉଁ କେଉଁ Agent ଙ୍କ ଠାରୁ ରାସନ ସାମଗ୍ରୀ ପାଆନ୍ତି ସେହି Agent ମାନଙ୍କୁ କିପରି ଯୋଜନା କରାଯାଏ ଏବଂ ୨୦୨୪-୨୦୨୫, ୨୦୨୫-୨୦୨୬ ମସିହାରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ କେତେଗୋଟି ନୂଆ ରାସନ କାର୍ଡ ଇସୁ କରାଯାଇଛି ଏବଂ କେତେ ମୃତ ଲୋକଙ୍କର ରାସନ କାର୍ଡର ନାମ କଟାଯାଇଅଛି ଏବଂ ଏହି ରାସନ ସାମଗ୍ରୀ ଲୋକଙ୍କୁ ଦେବା ସମୟରେ ଡିଲରମାନେ ସପ୍ଲାୟ Inspector ବା MI ଓଜନ ମାନ ବିଷୟରେ କି କି ପଦକ୍ଷେପ ନେଉଛନ୍ତି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## Inclusion of Puri districts in "Amruta Anna" Scheme

1899 **Shri Om Prakash Mishra (Satyabadi):**

Will the Minister for **Agriculture And Farmers Empowerment** be pleased to state that:- bring out that with the time of Harvesting Kharif Crops is in the near future and planning for sowing Rabi crops are the discussion in all agricultural household as also, answer given by the government in the March 2025 Session to question number UD-2871, dtd.12.03.2025, what are the plans of the ministry as regards inclusion of Puri District under the Scheme keeping in view the distances involved from ot Shri Jagannath Dham at Puri ?

----

## Ice Plant in the Satyabadi Constituency

1900 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- that, bring out as to if there are any onging projects for cold storage, Ice Plants or Fish retail markets in the Satyabadi Constituency to reduce post harvest losses?

----

**Modernisation of PACs**

1901 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- That bring out as to what steps are being taken to strengthen and modernise primary agriculture credit societies ( PACs ) and other co-operative societies in Satyabadi Constituency, also can the Government provide an update on the implementation of National Level Co-operative Welfare and Insurance Schemes in Satyabadi?

----

**Incentives under Tex-2025 policy**

1902 **Shri Om Prakash Mishra (Satyabadi):**

Will the Minister for **Textiles, Handlooms & Handicrafts** be pleased to state that:- that, bring out as to what are the recent MoUs and Investment incentives under Odisha Tex-2025 benefiting artisans and small entrepreneurs from Satyabadi, Is there any provision for up-skilling traditional artisans in Satyabadi in emerging textile technologies, garment automation or wearable tech as mentioned under the new policy frameworks?

----

**Current status of MSME schemes**

1903 **Shri Om Prakash Mishra (Satyabadi):**

Will the Minister for **Micro, Small & Medium Enterprises** be pleased to state that:- Bring out as to what is the current status of implementation of key MSME schemes like PMEGP, PM Vishwakarma, CM-SRIM and interest subsidies in Satyabadi Constituency, how many local enterprises have benefited from government credit linked subsidies and capital support during the past 02 years in Satyabadi Constituency ?

----

**Regarding POS machines**

1904 **Smt. Sofia Firdous (Barabati-Cuttack):**

Will the Minister for **Food Supplies & Consumer Welfare** be pleased to state that:- (a) which type of POS machines have been provided to ration vendors under the Public Distribution System, (b) Whether the POS machines are of 2G grade, whether the Government has started supplying new 4G grade POS machines as announced, districtwise details showing how many 2G and how many 4G grade POS machines have been supplied in each district?

----

### Frequent Power Interruptions

1905 **Smt. Sofia Firdous (Barabati-Cuttack):**

Will the Minister for **Energy** be pleased to state that:-

1. (a) that the reasons for Frequent Power Interruptions across the Odisha in the name of shutdowns, breakdowns, grid failures, repair work, tree trimming and transformer replacements, causing an average 4 hour power cut daily despite reforms and five years of TATA management, (b) why real-time outage data, as mandated by CEA Regulations, is not available with the Designated Electrical Inspector(DoE, GoO) or displaced on licenses websites, what steps will be taken to ensure 24 X 7 quality power supply, strict monitoring of licensees and real-time data transparency to safeguard MSMEs, economy and consumer rights?

----

### Ineligible Beneficiaries

1906 **Smt. Sofia Firdous (Barabati-Cuttack):**

Will the Minister for **Food Supplies & Consumer Welfare** be pleased to state that:- (a) How many deceased, ineligible, or duplicate beneficieearies have been struck off the PDS rolls during the e - KYC process, constituency - wise ; (b) What safeguards are in place to ensure eligible beneficiaries such as those filing income tax returns are not wrongly removed ; What communication strategy exists to inform beneficiaries about their removal, along with provisions for appeal and grievance redressl, constituency - wise ?

----

### Provide Compensation to affected Farmers

1907 **Smt. Sofia Firdous (Barabati-Cuttack):**

Will the Minister for **Food Supplies & Consumer Welfare** be pleased to state that:- (a) The extent of crop damage and foodgrain loss in coastal districts such as Puri, Cuttack, Khurda, jaipur, Kendrapara, jagatsinghpur & Balasore due to recent heavy rainfall and flooding ; (b) The measures taken to provide timely compensation and input support to affected farmers, along with details of funds relaeased and their district- wise allocation ; Whether contingency plans are in place to ensure uninterrupted PDS distribution and food availability in these rain affected districts ?

----

## Nos of BPL people on the State

1908 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total number of people living below the poverty line ( BPL ) in the State at present; (b) The year wise data of BPL population in the State during the last 20 years till date; The criteria adopted by the government for determing BPL status and how a person is considered under this category ; Whether the Government has revised the criteria for determing BPL status during the last 20 years for rural and urban areas separetely ?

----

## ଦୁଗ୍ଧ ଉତ୍ପାଦନ

1909 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେଉଁଝର ଅନ୍ତର୍ଗତ ଜିଲ୍ଲା Anandapur Block, Anandapur Municipality ଏବଂ Ghasipura Block ଗୁଡ଼ିକରେ ବର୍ଷକୁ କେତେ ଦୁଗ୍ଧ ଉତ୍ପାଦନ ହେଉଛି, ଏ କ୍ଷେତ୍ରରେ କେତେ ଅଭିବୃଦ୍ଧି ହୋଇଛି; ବିଗତ ୫ ବର୍ଷ ଦୁଗ୍ଧ ଉତ୍ପାଦନର ଏକ ବିବରଣୀ ପ୍ରଦାନ କିରବେ କି, ଏ କ୍ଷେତ୍ରରେ ସ୍ଥାନୀୟ ଦୁଗ୍ଧ ଚାଷୀମାନଙ୍କୁ କି ପ୍ରୋତ୍ସାହନମାନ ଦିଆଯାଉଛି ?

----

## ନୂଆ କୃଷି ବିଦ୍ୟାଳୟ ସ୍ଥାପନ

1910 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେଉଁଝର ଜିଲ୍ଲାରେ ଏକ ନୂଆ କୃଷି ବିଦ୍ୟାଳୟ ପ୍ରତିଷ୍ଠା ନେଇ ଦୀର୍ଘ ଦିନର ଆନ୍ଦୋଳନ ବିଷୟରେ ସରକାର ଅବଗତ କି; କେଉଁଝର ଜିଲ୍ଲାର ଯୋଡ଼ିଆଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର (KBK ) ବା Anandapur ର Salspada OIରେ ଏକ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ନିଷ୍ପତ୍ତି ନେବେ କି ?

----

## ପନିପରିବା ଚାଷ ପାଇଁ ପ୍ରୋତ୍ସାହନ

1911 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେଉଁଝର ଜିଲ୍ଲାରେ ଧାନ ବ୍ୟତୀତ ଚାଷୀମାନଙ୍କୁ ମାଣ୍ଡିଆ, ତୈଳବୀଜ, ଡ଼ାଲି ଜାତୀୟ ଓ ପନିପରିବା ଚାଷ ପାଇଁ ପ୍ରୋତ୍ସାହିତ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି; ବିଗତ ପାଞ୍ଚ ବର୍ଷରେ ଏ ସବୁ କ୍ଷେତ୍ରରେ ଉତ୍ପାଦନ କିଭଳି ଅଭିବୃଦ୍ଧି ଘଟିଛି ?

----

## ନଳକୂପ ଖନନ

1912 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୧୯-୨୦ to ୨୦୨୪-୨୫ ମଧ୍ୟରେ କେଉଁଝର ଜିଲ୍ଲା ଅନ୍ତର୍ଗତ ଘଷିପୁରା ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ ଚାଷୀ/ହିତାଧିକାରୀ Cluster Deep Browells (Conv) ଖନନ ପାଇଁ ଆବେଦନ କରିଥିଲେ; ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ଆବେଦନ ମଞ୍ଜୁର ହୋଇ ନଳକୂପ ଖନନ କରାଯାଇଛି; କେତେ ଚାଷୀ ଅପେକ୍ଷାରେ ଅଛନ୍ତି; ସେମାନଙ୍କର ନାମ ଠିକଣା ଦେବା ସହ କେବେ ସୁଦ୍ଧା ଅପେକ୍ଷାରତ ସମସ୍ତ ଚାଷୀଙ୍କ ନଳକୂପ ଖନନ ସମ୍ପୂର୍ଣ୍ଣ କରାଯିବ ତାର ଏକ ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## Ayacutର ପୁନଃରୁଦ୍ଧାର

1913 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବିଭାଗ ତରଫରୁ ରାଜ୍ୟରେ Community LIPS, Cluster Deep Bore Wells, Solar Deep Bore Wells, Shallow Tube Wells, Micro River Lift ଇତ୍ୟାଦି ମାଧ୍ୟମରେ ରାଜ୍ୟରେ କେତେ ଜଳ ସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଛି; ଏହା ସମଗ୍ର ଜଳସେଚନର କେତେ ଶତାଂଶ; ଏ ମଧ୍ୟରୁ ବିଭିନ୍ନ ଜିଲ୍ଲାରେ ଜଳ ସେଚନର ସାମର୍ଥ୍ୟ କେତେ କେତେ; ଏହାବାଦ୍ କେତେ ଅଚଳ LIP ସଚଳ କରି ପୁରୁଣା ayacutର ପୁନରୁଦ୍ଧାର କରାଯାଇଛି ?

----

## କୃଷକଙ୍କୁ ତାଲିମ ଦେବା ପାଇଁ ବ୍ୟବସ୍ଥା

1914 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବେଗୁନିଆ ନିର୍ବାଚନ ମଣ୍ଡଳୀର କୃଷକମାନଙ୍କୁ ସଶକ୍ତ କରିବା ପାଇଁ ଆଧୁନିକ ପ୍ରଣାଳୀରେ ଚାଷକରି ଉତ୍ପାଦନ ବୃଦ୍ଧି କରିବା ପାଇଁ କୃଷକ ମାନଙ୍କୁ କି ପ୍ରକାର ତାଲିମ ବ୍ୟବସ୍ଥା କରାଯାଇଅଛି ଜଣାଇବା ସହିତ ଚାଷୀମାନର ଉତ୍ପାଦିତ ଦ୍ରବ୍ୟକୁ ସାଇତି ରଖିବା ପାଇଁ ୨ଟି ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଅଦ୍ୟାବଧି କି ବ୍ୟବସ୍ଥା ଗ୍ରହଣ କରିଛନ୍ତି; ଗତ ରାଜ୍ୟସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା କୃଷକ ସାଥିମାନଙ୍କ ସଂଖ୍ୟା କେତେ ଏବଂ ସରକାରଙ୍କ ତରଫରୁ ସେମାନଙ୍କୁ ଦିଆଯାଇଥିବା ମାସିକ ୧୦୦୦/- ପ୍ରାପ୍ୟରେ ଆଜିର ଦିନରେ ପରିବାର ଚଳାଇବା କଷ୍ଟକର କଥା ଏହା ସରକାରଙ୍କ ଦୃଷ୍ଟିକୁ ଆସିଛି କି; ଯଦି, ହଁ ଏଦିଗରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## Planetarium ସ୍ଥାପନ

1915 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ)ः**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ କେତୋଟି ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ଅଛି, ଚଳିତ ବର୍ଷ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ନୂତନ ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ କି; ଗ୍ରାମାଞ୍ଚଳରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଓ ବିଜ୍ଞାନଶିକ୍ଷା ଅଧିକ ସହଜ ଓ ସରଳ କରିବା ପାଇଁ ବିଦ୍ୟାଳୟ ଗୁଡ଼ିକୁ ଅତ୍ୟାଧୁନିକ ବିଜ୍ଞାନ ଉପକରଣ ଯୋଗାଇଦେବାକୁ ସରକାରଙ୍କର କଣ ଯୋଜନା ଅଛି; ଏମାନଙ୍କର ଏକ ସବିଶେଷ ତଥ୍ୟ ଭିତ୍ତିକ ଏକ ତାଲିକା ପ୍ରଦାନ କରିବେ କି; ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ତରଫରୁ ଆମରାଜ୍ୟରେ ୨୦୨୧-୨୫ ମସିହା ସୁଦ୍ଧା କେଉଁ ପ୍ରକଳ୍ପ କେଉଁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି କେଉଁ ଜିଲ୍ଲା କେଉଁ ପ୍ରକଳ୍ପ ସରକାର କରିବାକୁ ଯାଉଛନ୍ତି; ବେଗୁନିଆ ନିର୍ବାଚନ ମଣ୍ଡଳୀରେ Science Park ଏବଂ ପ୍ଲାନେଟୋରିୟମ Bio Tech Park କରିବା ପାଇଁ ସରକାର ପଦକ୍ଷେପ ନେବେ କି; ଅଦ୍ୟାବଧି କେଉଁ ନୂଆ Technologyର Project ରାଜ୍ୟବାସୀଙ୍କ ପାଇଁ କରାଯିବାର ଅଛି ?

----

## ଆତ୍ମନିଯୁକ୍ତି ପାଇଁ ପଦକ୍ଷେପ

1916 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ)ः**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବେଗୁନିଆ ନିର୍ବାଚନ ମଣ୍ଡଳୀରେ କେତେ ଜଣ ସୁନାରୁପା ତାରକସି କାମ କରୁଥିବା ପରିବାର ଅଛନ୍ତି, କେତେଜଣ ପ୍ଲାଷ୍ଟିକ ସୂତା ବୁଣାବୁଣି ଓ କେତେଜଣ ଲୁଗାପଟା ସୁତାକାଟିବା ବୁଣାକାର ଅଛନ୍ତି, କେତେ ବୁଣାବୁଣି କରୁଥିବା ମିସ୍ତ୍ରୀ କେତେ କମାର ଶାଳରେ କାମକରୁଥିବା ମିସ୍ତ୍ରୀ, କେତେ କୁମ୍ଭାର ଓ ରଙ୍ଗଶିଳ୍ପୀ ଅଛନ୍ତି ଏମାନଙ୍କର ଏକ ସବିଶେଷ ତଥ୍ୟଭିତ୍ତିକ ଏକ ତାଲିକା ପ୍ରଦାନକରିବେ କି; ସରକାର ଏମାନଙ୍କୁ ସଶକ୍ତି କରିବା ପାଇଁ କଣ ପଦକ୍ଷେପ ନେଇଛନ୍ତି; ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବୟନଶିଳ୍ପ, ହସ୍ତଶିଳ୍ପ, ହସ୍ତତନ୍ତ ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ପଦକ୍ଷେପ କରିଛନ୍ତି କରିବାକୁ ଯାଉଛନ୍ତି ?

----

## ରାସନକାର୍ଡ଼ ପ୍ରଦାନ

1917 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ଖାଦ୍ୟ ସାମଗ୍ରୀର ଦର ପୂର୍ବ ବର୍ଷଠାରୁ କେତେ ବଢ଼ିଛି ନା କମିଛି ନା ସ୍ଥିର ରହିଛି, ଜାତୀୟ ହାର ସହ ଓଡ଼ିଶାର ତୁଳନାତ୍ମକ ସ୍ଥିତି କଣ; ଦରଦାମକୁ ନିୟନ୍ତ୍ରଣ ରଖିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଉଛନ୍ତି; ବେଗୁନିଆ ନିର୍ବାଚନ ମଣ୍ଡଳୀର, କେଉଁ ବ୍ଲକ ଓ କେଉଁ ପଞ୍ଚାୟତର ମୋଟ କେତେ ଜଣ ହିତାଧିକାରୀ NFSA ଓ SFSS ଅଧିନରେ ରାସନକାର୍ଡ଼ ପାଉଥିଲେ, ଏହା ଦ୍ୱାରା କେତେ ଉପକୃତ ହେଉଥିଲେ ଏବଂ ବର୍ତ୍ତମାନ କେଉଁ ପରିବାରର କେଉଁ ହିତାଧିକାରୀମାନଙ୍କୁ କେଉଁ କାରଣ ପାଇଁ ଏଥିର ବାଦ ଦିଆଯାଇଛି ତାହାର ପଞ୍ଚାୟତୱାରୀ, ବ୍ଲକୱାରୀ ହିତାଧିକାରୀ ମାନଙ୍କର ସବିଶେଷ ତଥ୍ୟ ଭିତ୍ତିକ ଏକ ତାଲିକା ପ୍ରଦାନ କରିବେ କି; ଅଦ୍ୟାବଧି ୨ଟି ବ୍ଲକର କେଉଁ ପଞ୍ଚାୟତର କେଉଁମାନେ ଏହି ରାସନ କାର୍ଡ଼ ପାଇଁ ଆବେଦନ କରିଛନ୍ତି ଓ ସେହି ଆବେଦନକାରୀଙ୍କ ନାମ ପଞ୍ଚାୟତୱାରୀ ଓ ବ୍ଲକୱାରୀ ଏକ ତାଲିକା ପ୍ରଦାନ କରିବା ସହ ସେମାନଙ୍କୁ କେବେସୁଦ୍ଧା ସାମିଲ କରାଯିବ ?

----

## ସବୁଜ ଶକ୍ତି ଉତ୍ପାଦନ

1918 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଅଦ୍ୟାବଧି କେତେଗୋଟି ରାଜସ୍ୱ ଗ୍ରାମ, ପଡା ଗ୍ରାମ ଓ ପରିବାରକୁ ବିଦ୍ୟୁତ୍ ଯୋଗାଣ କରାଯାଇନାହିଁ ତାର ପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବେ କି, ଉକ୍ତ ସମସ୍ତ ଗ୍ରାମ ଓ ପରିବାରକୁ ବିଦ୍ୟୁତ୍ ଯୋଗାଣ ପାଇଁ ସରକାରଙ୍କ ଯୋଜନା କଣ ଓ କେବେସୁଦ୍ଧା ଯୋଗାଇ ଦେବେ, ଉକ୍ତ ନିର୍ବାଚନ ମଣ୍ଡଳୀରେ ସର୍ବମୋଟ କେତେଜମ ଉପଭୋକ୍ତା ସୌଭାଗ୍ୟ ଯୋଜନାରେ ନିଜ ଗୃହକୁ ବିଦ୍ୟୁତକରଣ ପାଇଁ ଆବେଦନ କରିଥିଲେ, ସେଥିମଧ୍ୟରୁ କେତେଜଣଙ୍କ ଗୃହ ବିଦ୍ୟୁତକରଣ ହୋଇଛି, କେତେଜଣ ଉପଭୋକ୍ତା ବିଦ୍ୟୁତକରଣ ପାଇଁ ଅପେକ୍ଷା କରିଛନ୍ତି, ଏ ଦିଗରେ ସରକାର କଣ ପଦକ୍ଷେପ ନେଇଛନ୍ତି, ଖୋର୍ଦ୍ଧା ଜିଲ୍ଲାରେ ସବୁଜ ଶକ୍ତି ଉତ୍ପାଦନ ଭିତ୍ତିଭୂମି ଓ ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ତନ୍ତୁବାୟ ସମତିକୁ ସହାୟତା

1919 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖୋର୍ଦ୍ଧା ଜିଲ୍ଲାରେ କେଉଁ କେଉଁ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ମାଧ୍ୟମରେ କେତେଜଣ ବୁଣାକାର ସଭ୍ୟଭୁକ୍ତ ହୋଇ ବସ୍ତ୍ର ବୟନରେ ନିୟୋଜିତ ଅଛନ୍ତି, ସେହି ସମିତିମାନଙ୍କୁ ବାର୍ଷିକ କେତେ ସହାୟତା ପ୍ରଦାନ କରାଯାଉଛି, ବିଗତ ତିନି ବର୍ଷରେ କେତେ ଲୁଗା ବୟନ ହୋଇଛି ?

----

## ବନ୍ଦ ହୋଇଥିବା MSME ଗୁଡିକର ପୁନଃରୁଦ୍ଧାର

1920 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ ସ୍ଥାପିତ ମୋଟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମଧ୍ୟରୁ କେତୋଟି ଲାଭରେ ଚାଲୁଛି, କେତୋଟି କ୍ଷତିରେ ଚାଲୁଛି ଓ କେତୋଟି ବନ୍ଦ ହୋଇଅଛି, ବନ୍ଦ MSME ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ

1921 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ତରଫରୁ ଗତ ତିନି ବର୍ଷରେ କେଉଁ ଜିଲ୍ଲାରେ କେତେ ପରିବାରକୁ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନର ସୁଯୋଗ ସୃଷ୍ଟି କରାଯାଇ ବାର୍ଷିକ କେତେ ବିଦ୍ୟୁତ୍ ଉତ୍ପାଦିତ ହେଉଛି ଓ ଏହା ସମସ୍ତ ପରିବାରକୁ ଉପଲବ୍ଧ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପ୍ରାଥମିକ ସେବା ସମବାୟ ସମିତିର ପୁନଃରୁଦ୍ଧାର

1922 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେତେଗୋଟି ପ୍ରାଥମିକ ସେବା ସମବାୟ ସମିତି ଅଚଳ ଅବସ୍ଥାରେ ଅଛି ପ୍ରକାଶ କରି ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ପାଇଁ ପଦକ୍ଷେପ

1923 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ ବ୍ଲକର ଛତାଘର ଗ୍ରାମ ପଞ୍ଚାୟତର ଛଣ ଘର ମୌଜାର ମଧୁସୂଦନନଗରଠାରେ ସ୍ଥାନୀୟ ଲୋକଙ୍କ ଘର ଉପରେ ଏବଂ ସୈନିକ ସ୍କୁଲ ଉପରେ 33/11 K.V. ବିଦ୍ୟୁତ୍ ତାର ଟଣାଯାଇ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ସରବରାହ ହେଉଥିବାରୁ ଏହାର ତାର କେତେବେଳେ ଛିଣ୍ଡିଯାଇ ଲୋକଙ୍କ ଜୀବନ ଉପରେ ପ୍ରଭାବ ପକାଇବା ସମ୍ଭାବନା ପରିପ୍ରେକ୍ଷୀରେ ଏହି ସ୍ଥାନରେ ବିଦ୍ୟୁତ୍ ସରବରାହକୁ ଅନ୍ୟତ୍ର ସ୍ଥାନାନ୍ତର ବ୍ୟବସ୍ଥା କରିବାକୁ ବ୍ୟବସ୍ଥା କରିବେ କି ଏବଂ ଏଠାରେ ବହୁ ସ୍ଥାନରେ ଘରୋଇ ଜମିରେ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ କରାଯାଇଥିବାରୁ ତାହାକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରିବେ କି ?

----

## ତନ୍ତ ଗୁଡିକର ଆଧୁନିକୀ କରଣ

1924 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ସଂଖ୍ୟାରେ ବୁଣାକାର ମାନଙ୍କର ହସ୍ତତନ୍ତ ଚଳକ୍ଷମ ଅଛି ସରକାର ଏହାର ସଠିକ୍ ତଥ୍ୟ ଉପସ୍ଥାପନ କରିବେ କି ଯାନ୍ତ୍ରୀକ ଯୁଗରେ ବୁଣାକାର ମାନଙ୍କର ତନ୍ତଶିଳ୍ପ ପଶ୍ଚାତ ଗାମୀ ହେଉଥିବା ସରକାର ଅବଗତ ଅଛନ୍ତି କି ଉତ୍ତର ହଁ ହେଲେ ଏହି ବୁଣାକାରମାନଙ୍କର ତନ୍ତକୁ ଆଧୁନିକ ଉପାୟରେ ଚଳକ୍ଷମ କରିବାକୁ ଆଉ କେଉଁ ଉପାୟ ଅବଲମ୍ବନ କରିବେ ?

----

**Science Park ପ୍ରତିଷ୍ଠା**

1925 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଠାରେ ଏକ Science Park ପ୍ରତିଷ୍ଠାପାଇଁ ସରକାରଙ୍କର ଜମି ଅଧିଗ୍ରହଣ କାର୍ଯ୍ୟ କେଉଁ ସ୍ତରରେ କେଉଁଠାରେ କେତେ ଜମି ହାସିଲାତ୍ ହୋଇଛି, ଏଥିଲାଗି ସରକାରଙ୍କର ପରବର୍ତ୍ତୀ ପଦକ୍ଷେପ କେନ୍ଦ୍ର ସରକାରଙ୍କର ଚାନ୍ଦିପୁରଠାରେ (CHANDIPUR) କାର୍ଯ୍ୟକ୍ଷମ ଥିବା DRDO ର ITR ର ସାହାଯ୍ୟ ସହଯୋଗ ନିଆଯାଇପାରେ କି ?

----

**ବିଦ୍ୟୁତ୍ Structure ର ବର୍ତ୍ତମାନ ସ୍ଥିତି**

1926 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅଧିନସ୍ଥ ଲକ୍ଷ୍ମଣନାଥ ଠାରେ ନିର୍ମାଣ ହେଉଥିବା ବିଦ୍ୟୁତ୍ Structure ବର୍ତ୍ତମାନ କେଉଁ ସ୍ତରରେ ଏହା ପୂର୍ଣ୍ଣାଙ୍ଗ ହୋଇ କାର୍ଯ୍ୟକ୍ଷମ କେବେ ହେବ ଏବଂ ବିଦ୍ୟୁତ ସରବରାହ ଉପଭୋକ୍ତାଙ୍କୁ ଠିକଭାବରେ ଯୋଗାଇଦେବାପାଇଁ ଆଉ କେଉଁ ନୂଆ ପଦ୍ଧତି ଆପଣେଇଛନ୍ତି?

----

**New Board of Director ଗଠନ**

1927 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂଆ ପ୍ରାଥମିକ ସେବା ସମବାୟ ସମିତି ମୋଟ କେତୋଟି ମଞ୍ଜୁର କଲେ ତାହା କେଉଁ ଜିଲ୍ଲାରେ କେତୋଟି, ଏ ଗୁଡିକ କାର୍ଯ୍ୟକ୍ଷମ କରିବାକୁ ଯୋଜନା ଆଦି ବ୍ୟବସ୍ଥା କଣ ଏହି ନୂଆ ସମିତି ମାନଙ୍କର ନୂଆ ବୋର୍ଡ ଅଫ ଡାଇରେକ୍ଟରସ୍ (New Board of Director) ଗଠନ ପ୍ରକ୍ରୀୟା କେବେଠାରୁ କାର୍ଯ୍ୟକାରୀ କରାଯିବ ?

----

**ମାଛର ଚାହିଦା**

1928 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଖାଉଟୀଙ୍କର ଚାହିଦା ମୁତାବକ ଦୈନଦିନ କେତେ ମାଛ ଆବଶ୍ୟକ ଏଥିରୁ ନିଜ ରାଜ୍ୟ ମଧ୍ୟରୁ କେତେମାଛ ଆମଦାନି ହୁଏ କେତେ ମାଛ ଅନ୍ୟ କେଉଁ ରାଜ୍ୟରୁ ଦୈନଦିନ ଆସିଥାଏ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ନିଜ ରାଜ୍ୟରେ ମାଛ ଚାଷ ଉତ୍ପାଦନ ବୃଦ୍ଧି କରିବାକୁ ସରକାରଙ୍କର ସୁଚିନ୍ତିତ ବ୍ୟବସ୍ଥା କଣ ?

----

## ମାଣ୍ଡିଆ ଚାଷ

1929 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଟ୍ଟାଙ୍ଗୀ ନିର୍ବାଚନ କେଉଁ କେଉଁ ପଞ୍ଚାୟତ ବାବଦରେ କେତେ ଏକର ମାଣ୍ଡିଆ ଚାଷ କରାଯାଇଛି ଓ କେତେ ଚାଷୀ ସମ୍ପୃକ୍ତ ଅଛନ୍ତି, ବାର୍ଷିକ ଉତ୍ପାଦନ ହାର କେତେ, ମାଣ୍ଡିଆର ବ୍ୟବହାର ଦେଶ ବିଦେଶରେ ବୃଦ୍ଧି ପାଉଥିବା ହେତୁ ମଣ୍ଡିଆ ଚାଷକୁ ଆଧୁନିକରଣ ତଥା ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରି ଅଧିକ ଉତ୍ପାଦନ ତଥା ଆଦୃତ ପାଇଁ ପଦକ୍ଷେପ ନେବେ କି ?

----

## କୃଷି ଋଣ ପ୍ରଦାନ

1930 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ପ୍ରାଥମିକ ସମବାୟ ସମିତି ତରଫରୁ ବିଗତ 5 ବର୍ଷରେ କେଉଁ କେଉଁ ଚାଷୀ, ନାମମାତ୍ର ଚାଷୀ ଓ ଭଗଚାଷୀ ମାନଙ୍କୁ କେତେ ସମବାୟ ଓ କୃଷି ଋଣ ପ୍ରଦାନ କରାଯାଇଛି ?

----

## ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ସ୍ଥାପନ

1931 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ପଞ୍ଚାୟତରେ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ସରକାରୀ ବା ବେସରକାରୀ ଗୃହରେ ଓ କେତେ କର୍ମଚାରୀ ମାନଙ୍କ ଦ୍ୱାରା କେବେଠାରୁ ଚାଲୁଛି ଓ କେବେଠାରୁ କେତେ କେନ୍ଦ୍ର ବନ୍ଦ ଅଛି ଓ ବହୁ କର୍ମଚାରୀ ପଦବୀ ପୂରଣକୁ ଗୁରୁତ୍ୱ ଦେବେ କି ?

----

## ଶୀତଳ ଭଣ୍ଡାର ସ୍ଥାପନ

1932 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ବ୍ଲକ ତଥା ବଡ ବଡ ପଞ୍ଚାୟତରେ ଶୀତଳ ଭଣ୍ଡାର କାର୍ଯ୍ୟକାରୀ ହେଉଛି, ଯଦି ନ ହୋଇଛି କାରଣ କ'ଣ ଓ ଯଦି ଅଛି କାର୍ଯ୍ୟରତ ଅଛି ତ, ଯଦି 'ନାହିଁ', ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ପଦକ୍ଷେପ ନେବେ କି ?

----

## ସମବାୟ ସଂସ୍ଥାର ପୁନଃରୁଦ୍ଧାର

1933 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେଗୋଟି ସମବାୟ ସଂସ୍ଥା ଥିବାବେଳେ ତନ୍ମଧ୍ୟରୁ କେତୋଟି ଅଚଳ ଅବସ୍ଥାରେ ଅଛି ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ପ୍ରତ୍ୟେକ ସମବାୟ ସଂସ୍ଥାକୁ ପୁନଃରୁଦ୍ଧାର ପୂର୍ବକ ଲାଭଜନକ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ମାଗଣା ବିଦ୍ୟୁତ୍ ଯୋଗାଣ ପାଇଁ ପଦକ୍ଷେପ

1934 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଗାନ୍ଧି ବିହାର ଓ ନେହେରୁ କଲୋନୀ ସହ ରାଜ୍ୟରେ ଥିବା କୁଷ୍ଠାଶ୍ରମ ଗୁଡିକରେ ରହୁଥିବା ଅନ୍ତେଃବାସୀମାନଙ୍କୁ ମାଗଣା ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖଦୀ ବସ୍ତ୍ର ପରିଧାନ ସମ୍ପର୍କରେ

1935 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରୀ କାର୍ଯ୍ୟାଳୟମାନଙ୍କରେ ସପ୍ତାହରେ ଗୋଟିଏ ଦିନ ହସ୍ତତନ୍ତ ଓ ଖଦୀ ବସ୍ତ୍ର ପରିଧାନ ନିମନ୍ତେ ନୀତି ନିର୍ଦ୍ଧାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଉତ୍ପାଦିତ ସାମଗ୍ରୀର ବଜାର ବ୍ୟବସ୍ଥା

1936 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବଜାର ବ୍ୟବସ୍ଥା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି, ଏହି ସାମଗ୍ରୀକୁ ସରକାର କ୍ରୟ କରି ରାଜ୍ୟରେ ଥିବା ବିଭିନ୍ନ ସଂସ୍ଥାରେ ବିନିଯୋଗ ପାଇଁ ବ୍ୟବସ୍ଥା କରିବେ କି ?

----

## ଚୌଦ୍ୱାରରେ ବିଜ୍ଞାନ ପାର୍କ ନିର୍ମାଣ

1937 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚୌଦ୍ୱାର ଠାରେ ଏକ ବିଜ୍ଞାନ ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ, ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସ୍ମାର୍ଟ ମିଟର ଓ ପ୍ରିପେଡ୍ ମିଟର ସ୍ଥାପନ

1938 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଦ୍ୟୁତ୍ ବିତରଣ ଲାଗି ଓଡିଶା ସରକାର ଟାଟା ପାୱାର ସହିତ କେଉଁ ମସିହାରେ କେତେବର୍ଷ ପାଇଁ ଚୁକ୍ତିନାମା କରିଛନ୍ତି; ଟାଟାପାୱାର ସହିତ ଚୁକ୍ତିନାମା ସମୟରେ ରାଜ୍ୟର ଉପଭୋକ୍ତାମାନଙ୍କ ଉପରେ କେତେ ବିଦ୍ୟୁତ୍ ଦେୟ ବଳକା ଥିଲା ଓ ଟାଟା ପାୱାର ବର୍ତ୍ତମାନ ସୁଦ୍ଧା ଏଥିରୁ କେତେ ଅର୍ଥ ଆଦାୟ କରିଛି, ତାହା ଜଣାଇବା ସହିତ ଏହି ଅର୍ଥକୁ କିଭଳି ବ୍ୟବହାର କରାଯାଇଛି ତାହା ଉଲ୍ଲେଖ କରିବେ କି; ସେହିଭଳି ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ କେତେ ସଂଖ୍ୟକ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ଓ ପ୍ରିପେଡ୍ ମିଟର ସ୍ଥାପନ କରାଯାଇଛି ?

----

## ସୂତାକଳର ପୁନଃରୁଦ୍ଧାର

1939 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରେ କେତୋଟି ସୂତାକଳ ଓ ଲୁଗାକଳ କେବେ ଠାରୁ ବନ୍ଦହୋଇ ପଡି ରହିଛି; ଓଟିଏମ୍ ସମେତ ରାଜ୍ୟର ସୂତା ଓ ଲୁଗାକଳଗୁଡିକ କାହିଁକି ବନ୍ଦ କରାଗଲା ଏବଂ ଏଗୁଡିକୁ ପୁନଃ ପ୍ରତିଷ୍ଠା କରି ଓଡିଶାକୁ ସୂତା ଓ କପଡା ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବି କରିବାଲାଗି ସରକାର ପଦକ୍ଷେପ ନେବେ କି ?

----

## ଆଳୁ, ପିଆଜ ଆମଦାନୀ ସମ୍ପର୍କରେ

1941 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାର ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବାପାଇଁ ବର୍ଷକୁ ହାରାହାରି କେତେ ପରିମାଣର ଆଳୁ, ପିଆଜ, ଚିନି, ଲୁଣ ଓ ଡାଲି ଆବଶ୍ୟକ ପଡୁଛି ଏବଂ ରାଜ୍ୟ କେଉଁଠୁ କେତେ ପରିମାଣର ଉପରୋକ୍ତ ସାମଗ୍ରୀମାନ ଆମଦାନି କରୁଛି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ସ୍ୱଦେଶୀ ଓ ସ୍ୱାବଲମ୍ବନ ଆଧାରରେ ଏ କ୍ଷେତ୍ରରେ ଓଡିଶାକୁ ଆତ୍ମନିର୍ଭରଶୀଳ କରିବାଲାଗି ସରକାର କ'ଣ ସବୁ ପଦକ୍ଷେପ ହାତକୁ ନେଇଛନ୍ତି ?

----

## ଚାଷୀଙ୍କ ମୁଣ୍ଡପିଛା ଆୟ

1942 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପିଏମ୍ କିଷାନ ଓ ସିଏମ୍ କିଷାନ ଯୋଜନାରେ ୨୦୨୪ରୁ ଏଯାବତ୍ କେଉଁ ବର୍ଷ ରାଜ୍ୟର କେତେ ସଂଖ୍ୟକ ଚାଷୀଙ୍କୁ କେତେ ପରିମାଣର ଆର୍ଥିକ ସହାୟତା ଦିଆଯାଇଛି ତାହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି; ଏହାଛଡା ଗତ ୧୦ ବର୍ଷ ପରେ ଓଡିଶାରେ ଚାଷୀଙ୍କର ମୁଣ୍ଡପିଛା ବାର୍ଷିକ ହାରାହାରି ଆୟ କେତେ ରହୁଛି ଏବଂ ୨୦୩୦ ସୁଦ୍ଧା ରାଜ୍ୟର ଚାଷୀମାନଙ୍କ ମୁଣ୍ଡପିଛା ଆୟ କେତେ ଟଙ୍କାକୁ ବୃଦ୍ଧି ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ଓ ଏଥିଲାଗି କ'ଣ ସବୁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ?

----

## ଆଳୁ ପିଆଜର ଚାହିଦା

1943 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଆଳୁ ଓ ପିଆଜର ବାର୍ଷିକ ଚାହିଦା କେତେ ଓ ତନ୍ମଧ୍ୟରୁ କେତେ କେତେ ପରିମାଣର ଆଳୁ ଓ ପିଆଜ ଉତ୍ପାଦନ କରାଯାଉଛି; (ଖ) ଆଳୁ ଓ ପିଆଜ କ୍ଷେତ୍ରରେ ରାଜ୍ୟକୁ ଆତ୍ମ ନିର୍ଭରଶୀଳ କରିବାକୁ ସରକାରଙ୍କ କି କି ଯୋଜନା ଅଛି ?

----

## ଅନ୍ନପୂର୍ଣ୍ଣା ଅନ୍ତୋଦ୍ଵୟ ହିତାଧିକାରୀଙ୍କ ତାଲିକା

1944 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ବ୍ଲକରେ କେତେ କେତେ ସଂଖ୍ୟକ ଅନ୍ନପୂର୍ଣ୍ଣା ଅନ୍ତୋଦ୍ଵୟ ହିତାଧିକାରୀ ଅଛନ୍ତି ତାର ତାଲିକା ଦେବେ କି, (ଖ) ଏହି ଯୋଜନାରେ ଅଧିକ ହିତାଧିକାରୀ ସାମିଲ କରିବାକୁ କି କି ସର୍ତ୍ତାବଳୀ ଅଛି ଓ ଏହାର ଟାର୍ଗେଟ ବଢାଇବା ନିମନ୍ତେ ସରକାର ବିଚାର କରିବେ କି ?

----

## ନୂତନ ରେସନ କାର୍ଡ ପ୍ରଦାନ

1945 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ସରକାର ଜୁନ 2024 ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ସଂଖ୍ୟକ ଲୋକଙ୍କୁ NFSA ବା SFSS ଯୋଜନାରେ ନୂତନ ରେସନ କାର୍ଡ ଯୋଗାଇ ଦେଇଛନ୍ତି ତାର ଏକ ଜିଲ୍ଲାୱାରୀ ତାଲିକା ଦେବେକି, (ଖ) କେନ୍ଦ୍ରାପଡା ଜିଲ୍ଲାରେ ଏହି ନୂତନ ହିତାଧିକାରୀଙ୍କ ବ୍ଲକୱାରି ସଂଖ୍ୟା ଦେବେ କି?

----

## ବଳଦେବଜୀଉ ପାୱାର ଲୁମର ପୁନଃରୁଦ୍ଧାର

1946 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ତିନି ମୁହାଣୀଠାରେ ପ୍ରତିଷ୍ଠିତ ବଳଦେବଜୀଉ ପାୱାର ଲୁମ ବନ୍ଦ ହୋଇଯାଇଥିବାରୁଏହାର ପୁନଃରୁଦ୍ଧାର ନିମନ୍ତେ ସରକାର ବିଚାର କରିବେକି?

----

## ଝୋଟ ଗବେଷଣା କେନ୍ଦ୍ରର ସ୍ଥିତି

1947 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦ୍ରାପଡା ଜିଲ୍ଲାର ଜଜାଙ୍ଗଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରକୁ ଓଡିଶା କୃଷି ଓ ବୈଷୟିକ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସଭାବେ ଉନ୍ନୀତ କରି ଉପଲବ୍ଧ ଭିତ୍ତିଭୂମିର ସଦୁପଯୋଗ ନିମନ୍ତେ ସରକାର ବିଚାର କରିବେ କି, (ଖ) ଏହି ଜଜାଙ୍ଗଠାରେ ଥିବା କୃଷି ବିଜ୍ଞାନ ଅନୁଷ୍ଠାନ ସମୁଦାୟ କେତେ ଏକର ଜମି ଉପରେ ପ୍ରତିଷ୍ଠିତ ଓ ଏଠାରେ କାର୍ଯ୍ୟରତ ଝୋଟ ଗବେଷଣା କେନ୍ଦ୍ରର ବର୍ତ୍ତମାନ ସ୍ଥିତି ବିଷୟରେ ଅବଗତ କରିବେ କି ?

----

## ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପଦକ୍ଷେପ

1948 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରତି ବର୍ଷ କୃଷି ବିଦ୍ୟାଳୟରୁ କୃଷି ଇଂଜିନିୟରିଂ ଛାତ୍ରଛାତ୍ରୀମାନେ ଯେଉଁ ଅନୁପାତରେ ଉର୍ତ୍ତୀର୍ଣ୍ଣ ହୁଅନ୍ତି ସେମାନଙ୍କର ଚାକିରୀ ପାଇଁ କୃଷି ବିଭାଗ କିମ୍ୱା ଅନ୍ୟ କୌଣସି ବିଭାଗରେ ସେମାନଙ୍କର ନିଯୁକ୍ତି ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି କି, ଯଦି ନାହିଁ ସରକାର ନିର୍ଦ୍ଦିଷ୍ଟ ଚାକିରୀ ସୁଯୋଗ ସୃଷ୍ଟି କରିବା ପାଇଁ ଦୃଷ୍ଟି ଦେବେକି?

----

## କୃଷି ବିଶ୍ୱବିଦ୍ୟାଳୟର ସ୍ଥାନାନ୍ତର

1949 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର ଏକ ମାତ୍ର ସୁନାମଧନ୍ୟ କୃଷି ବିଶ୍ୱବିଦ୍ୟାଳୟ କୁ ସ୍ଥାନାନ୍ତରିତ କରିବାର ଯୋଜନା ଅଛ କି, ଯଦି ଥାଏ ତାର ଉଦ୍ଦେଶ୍ୟ କଣ?

----

## Coir ଶିଳ୍ପର ବିକାଶ

1950 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କଏର ( Coir ) ଶିଳ୍ପର ବିକାଶ, ପ୍ରଚାର ଏବଂ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କେଉଁ କେଉଁ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରାଯାଉଛି, ଏହାପାଇଁ ରାଜ୍ୟ ସରକାର ଏକ ନୂତନ ବଜାର ନୀତି ପ୍ରଚଳନ କରିବେକି?

----

## ମାଟି ପାତ୍ରର ଚାହିଦା

1951 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମାଟିରେ ତିଆରି କପ ଏବଂ ଗ୍ଲାସ, ହାଣ୍ଡି କାରିଗରମାନେ ନିଜର କୌଳିକ ବୃତ୍ତି ବଂଚାଇବା ପାଇଁ ବହୁ ସଂଘର୍ଷ କରୁଛନ୍ତି, ମାଟି ପାତ୍ରର ଚାହିଦା ବଢେଇବା ସଙ୍ଗେ ସଙ୍ଗେ ଆଧୁନିକ ମେଶିନ ଦ୍ୱାରା ଉତ୍ପାଦନ ବୃଦ୍ଧି ସକାଶେ ସେମାନଙ୍କୁ ଆର୍ଥିକ ସାହାଯ୍ୟ ପାଇଁ ସରକାର କିଛି ଯୋଜନା କରିବେକି?

----

## କର୍ମଚାରୀଙ୍କୁ UPS ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ

1952 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଟାଟା ପାୱାରକୁ ଓଡିଶାର ବିଦ୍ୟୁତବଣ୍ଟନ ଦାୟିତ୍ୱ ପ୍ରଦାନ କରିବା ପରେ ୪୯ % ରାଜ୍ୟ ସରକାରଙ୍କ ଭାଗ ଥାଇ ମଧ୍ୟ ଲାଇନମ୍ୟାନ ଭାବେ ନୂତନ ନିଯୁକ୍ତ ସମସ୍ତ କର୍ମଚାରୀଙ୍କୁ ବିଭାଗରେ କାର୍ଯ୍ୟରତ ଅନ୍ୟ ଲାଇନମ୍ୟାନମାନଙ୍କ ସମକକ୍ଷ ଦରମା, ଘରଭଡା, ଭତ୍ତା, ଚିକିତ୍ସା ସୁବିଧାରୁ ବଂଚିତ କରିବାର କାରଣ କଣ ଓ ସେମାନେ କେବେ ଅନ୍ୟ ସରକାରୀ କର୍ମଚାରୀ ଏବଂ ନିଜ ସହକର୍ମୀଙ୍କ ସହ ସମକକ୍ଷ ଦରମା ପାଇବେ ନା ନାହିଁ ଓ ସରକାରୀ ଯୋଜନା ଓ ଆଭିମୁଖ୍ୟ କଣ ଜଣାଇବେକି, (ଖ) ଓଡିଶାର ବିଦ୍ୟୁତ ଉତ୍ପାଦନ ଓ ବଣ୍ଟନ ବିଭାଗରେ କାର୍ଯ୍ୟରତ ବିଦ୍ୟୁତ ଶ୍ରମିକ, କର୍ମଚାରୀ ଓ ଇଂଜିନିଅରମାନଙ୍କୁ ଓପିଟିସିଏଲ ଭଳି ବିଦ୍ୟୁତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଭଳି NPS ଓ ଅନ୍ୟ ଓଡିଶା ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ଭଳି UPS ଅନ୍ତର୍ଭୁକ୍ତିକରଣ କରାଯିବ ଏବଂ ସରକାର ଆଭିମୁଖ୍ୟ ସ୍ପଷ୍ଟ କରିବେ କି ?

----

## ଶ୍ରମିକଙ୍କ ଦରମା ଏବଂ ପେ ସ୍କେଲ ସଂପର୍କରେ

1953 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶାର ପ୍ରମୁଖ ଲାଭକାରୀ ସରକାରୀ ଉଦ୍ୟୋଗ ଓଡିଶା ଜଳବିଦ୍ୟୁତ ନିଗମରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ଦରମା ଏବଂ ପେ ସ୍କେଲ କାହିଁକି ଓଡିଶାର ଅନ୍ୟ ସରକାରୀ ଉଦ୍ୟୋଗରେ କର୍ମଚାରୀ ଓ ଓଡିଶା ରାଜ୍ୟ ସରକାରୀ କର୍ମଚାରୀଙ୍କ ଠାରୁ କମ୍ (ଖ) ଏହାର ସମୀକରଣ ଓ ସୁଧାର ପାଇଁ କି ପଦକ୍ଷେପ ନେବା ପାଇଁ ଯୋଜନା ଅଛି କି, ଯଦି ଅଛି ସଂପୁର୍ଣ୍ଣ ତଥ୍ୟ ଦେବେ କି, ଯଦି ନାହିଁ ତେବେ ତାର କାରଣ ଦର୍ଶାଇବେ କି?

----

## ବାସଗୃହ ବଣ୍ଟନ ସମ୍ପର୍କରେ

1954 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶା ଜଳବିଦ୍ୟୁତ ନିଗମ ଅଧୀନରେ ଥିବା ସମସ୍ତ ଜଳ ବିଦ୍ୟୁତ କେନ୍ଦ୍ର ଯଥା- ବାଲିମେଳା,ହୀରାକୁଦ, ଅପରକୋଲାବ, ଅପରଇନ୍ଦ୍ରାବତୀ, ରେଙ୍ଗାଲି ଓ ଚିପିଲିମାରେ ଏହି ଶ୍ରମିକ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବାସଗୃହ ଗୁଡ଼ିକ କେଉଁ ମସିହାରେ ତିଆରି ହୋଇଥିଲା ଏବଂ ବାସଗୃହ ଗୁଡିକ କେତେ ବର୍ଷ ବ୍ୟବହାର ହେବା ପରେ ସରକାରୀ ହିସାବରେ ତାହାକୁ ଭାଙ୍ଗି ନୂତନ ସରକାରୀ ବାସଗୃହ ତିଆରି କରିବାର ଯୋଜନା ଓ ଆଭିମୁଖ୍ୟ କଣ ; (ଖ) ଓଡ଼ିଶାର ପ୍ରମୁଖ ଲାଭକାରୀ ସରକାରୀ ଉଦ୍ୟୋଗ ମଧ୍ୟରୁ ଅନନ୍ୟ ଓଡିଶା ଜଳବିଦ୍ୟୁତ ନିଗମ ଅଧୀନରେ ଥିବା ସମସ୍ତ ଜଳବିଦ୍ୟୁତ କେନ୍ଦ୍ର ଯଥା-ବାଲିମେଳା, ହୀରାକୁଦ, ଅପରକୋଲାବ, ଅପରଇନ୍ଦ୍ରାବତୀ, ରେଙ୍ଗାଲି ଓ ଚିପିଲିମାରେ ଏହି ଶ୍ରମିକ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବାସଗୃହ ଗୁଡିକର ବାର୍ଷିକ ମରାମତି ଖର୍ଚ୍ଚ ବାବଦକୁ ବିଗତ ତିନି ଆର୍ଥିକ ବର୍ଷ ଯଥା- ୨୦୨୨-୨୦୨୩, ୨୦୨୩- ୨୦୨୪ଓ୨୦୨୪- ୨୦୨୫ ମଧରେ କେତେ ଟଙ୍କା କେଉଁ କେଉଁ ମରାମତି କାର୍ଯ୍ୟ ପାଇଁ ଖର୍ଚ୍ଚ ହୋଇଅଛି, ସେ ସମସ୍ତ ଖର୍ଚ୍ଚର ହିସାବ ସହ ଜଳବିଦ୍ୟୁତନିଗମର କେଉଁ କେଉଁ କର୍ମଚାରୀଙ୍କ ନାମରେ ସେ ବାସଗୃହ ଆଲୋଟମେଣ୍ଟ ହୋଇଅଛି ତାହାର ତଥ୍ୟ ପ୍ରଦାନ କରିବେ କି ; ଶ୍ରମିକ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବାସଗୃହ ଗୁଡିକ ମଧ୍ୟରୁ ଜଳବିଦ୍ୟୁତ ନିଗମ କର୍ମଚାରୀଙ୍କ ନାମରେ ଘରନମ୍ବର ଆଧାରରେ ୟୁନିଟ ଅନୁଯାଇ କେତେ ଗୋଟି ସରକାରୀ ବାସଗୃହ ଆଲଟମେଣ୍ଟ ହୋଇଅଛି, ଏହାକୁ ଛାଡ଼ି ଓଡିଶା ଜଳ ବିଦ୍ୟୁତ ନିଗମର କେତେ ରେଗୁଲାର କର୍ମଚାରୀ କେବେଠାରୁ ଓ କେତେଗୋଟି ସରକାରୀ ବାସଗୃହ ଜୋର ଜବରଦସ୍ତି କିମ୍ବା ହାତ ଲେଖା ରସିଦ ଆଧାରରେ ନିଜ ଅକ୍ତିଆରରେ ରଖୁଛନ୍ତି ତାହାର ସମସ୍ତ ତଥ୍ୟ ପ୍ରଦାନ କରିବେକି ; ଏବଂ କିଭଳି ଏକ ବେନିୟମ ପ୍ରଥାକୁ ସରକାର କେବେ ସୁଦ୍ଧା ସୁଧାର କରିବେ ତାହା ଜଣାଇବେ କି ?

----

## ବିଦ୍ୟୁତ ଲାଇସେନ୍ସ ପ୍ରଦାନ ସମ୍ପର୍କରେ

1955 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାର ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବଣ୍ଟନ ବିଭାଗରେ କାର୍ଯ୍ୟରତ ଓ ଇଞ୍ଜିନିଅରମାନଙ୍କ ବିଭାଗୀୟ ପଦୋନ୍ନତି ପାଇଁ ଓଡିଶା ଇଲେକ୍ଟ୍ରିକାଲ ଲାଇସେନସି ବୋର୍ଡ଼ ଦ୍ୱାରା ଆଦୃତ ବିଦ୍ୟୁତ ଲାଇସେନ୍ସର ଆବଶ୍ୟକତା ନଥିବା ବେଳେ ବିଦ୍ୟୁତ ଶ୍ରମିକମାନଙ୍କ ପଦୋନ୍ନତି ପାଇଁ କାହିଁକି ବିଦ୍ୟୁତ ଲାଇସେନ୍ସର ଆବଶ୍ୟକତା ପାଇଁ ସମସ୍ତ ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବଣ୍ଟନ ବିଭାଗ ନିୟମ ରଖୁଛନ୍ତି, ଏ ଭଳି ANOMALY ବିଷୟରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବେ କି;(ଖ) ଓଡ଼ିଶାର ଇଲେକ୍ଟ୍ରିକାଲ ଲାଇସେନସି ବୋର୍ଡ଼ ଓଡ଼ିଶାର ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବଣ୍ଟନ ବିଭାଗରେ କାର୍ଯ୍ୟରତ ଇଞ୍ଜିନିଅରମାନଙ୍କୁ ବିନା ପରୀକ୍ଷାରେ ବିଦ୍ୟୁତ ଲାଇସେନ୍ସ ପ୍ରଦାନର ବ୍ୟବସ୍ଥା ରଖୁଥିବା ବେଳେ ସମବିଭାଗରେ କାର୍ଯ୍ୟରତ ବିଦ୍ୟୁତ ଶ୍ରମିକମାନଙ୍କ ପାଇଁ କାହିଁକି ବିଦ୍ୟୁତ ଲାଇସେନ୍ସର ପରୀକ୍ଷାର ବ୍ୟବସ୍ଥା ରଖୁଛନ୍ତି ; ଏହି ନିୟମରେ ଆବଶ୍ୟକୀୟ ପରିବର୍ତ୍ତନ କେବେ କରିବେ ?

----

## ରାସନ ଯୋଗାଇ ଦେବା ପାଇଁ

1956 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର PVTG ବର୍ଗର ପରିବାରକୁ ମାସିକ ରାସନ୍/ ଚାଉଳ ଯୋଗାଇ ଦେବାକୁ ସରକାରଙ୍କ କେଉଁ ସବୁ ଯୋଜନା ରହିଛି ଓ ସେ ଯୋଜନାରେ କେତେ ପରିବାରକୁ ମାସିକ ରାସନ୍ ଯୋଗାଇ ଦିଆଯାଇଛି, ତାର ଏକ ଜିଲ୍ଲା ଏବଂ PVTG ବର୍ଗ ୱାରୀ ତାଲିକା ପ୍ରଦାନ କରିବେ କି?

----

## ଭିତ୍ତିଭୂମିର ବିକାଶ

1957 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- MSME ବୃଦ୍ଧି ଦିଗରେ କେଉଁ ପ୍ରକାର ସରକାରୀ ଭିତ୍ତିଭୂମିର ବିକାଶ କରାଯାଇଅଛି ଓ ଯୋଜନାମାନ ରହିଛି ; କେଉଁଠାରେ କେଉଁ ପ୍ରକାର ଭିତ୍ତିଭୂମି ସ୍ଥାପନ ହେଲେ କିପରି PVTG ଓ ଅଞ୍ଚଳ ବାସୀଙ୍କର ଆୟ ବୃଦ୍ଧି ଘଟିବ ପ୍ରସ୍ତାବ ରଖିବା ସହ କି ପ୍ରକାର କାର୍ଯ୍ୟ ରାଜ୍ୟ ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ଶୁଭାରମ୍ଭ ହୋଇଛି ?

----

## ଟସର ଚାଷ ସମ୍ପର୍କରେ

1958 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରେଶମ, ଟସର ପରି ତନ୍ତୁ ଉତ୍ପାଦନ ଦିଗରେ ମାଲକାନଗିରି ଜିଲ୍ଲା ତଥା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କି ପ୍ରକାର ଅନୁକୂଳ ପରିସ୍ଥିତି ରହିଛି ;ସେ ଦିଗରେ କି ପ୍ରକାର କାର୍ଯ୍ୟକ୍ରମ ଚାଲୁରହିଛି ; ଅର୍ଜୁନ ଗଛକୁ ବନ୍ୟ ବିଭାଗ ଦ୍ୱାରା ବହୁ ବର୍ଷଧରି ବନିକରଣ କରାଯାଇଥିବା ସ୍ଥଳେ କେଉଁ କେଉଁ ଜାଗାରେ ଟସର ଚାଷ କରାଯାଉଅଛି ଓ ସେ ଦିଗରେ ଉପୁଜୁଥିବା ପ୍ରତିବନ୍ଧକର ନିରାକରଣ ଦିଗରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଅଛି

----

## ମାଗଣା ବିଦ୍ୟୁତ ଯୋଗାଣ ପାଇଁ ପଦକ୍ଷେପ

1959 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶା Coal and Power Ltd କୁ ଓଡ଼ିଶା ପାୱାର ଜେନେରେଶନ କର୍ପୋରେସନରେ( OPGC) ରେ ମିଶ୍ରଣ ପାଇଁ ସରକାରଙ୍କ ପାଖରେ କିଛି ପ୍ରସ୍ତାବ ଅଛି କି ; (ଖ) ବିଦ୍ୟୁତ ଉପଭୋକ୍ତାଙ୍କ ବକେୟା ବିଲ ୫୧୧୦ କୋଟି ଟଙ୍କା ହଡ଼ପ କରିବା ଅଭିଯୋଗ ପରେ ଶକ୍ତି ବିଭାଗ ପତ୍ର ସଂ ୫୫୫୦ ତା ୦୧ . ୦୫. ୨୫ ରେ OERC ସଚିବଙ୍କୁ ଏକ ବିସ୍ତୃତ ପଇଠ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା OERC ସଚିବ କଣ ରିପୋର୍ଟ ଦେଇଛନ୍ତି ତାହାକୁ ସାର୍ବଜନୀନ କରିବା ସହ Report ର ତଥ୍ୟ ପ୍ରଦାନ କରିବେ ; (ଖ) ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ବିକାଶ ପାଇଁ ବିଶେଷକରି ଅବିଭକ୍ତ କୋରାପୁଟ ଜିଲ୍ଲାର କୃଷିକ୍ଷେତ୍ରକୁ ମାଗଣା ବିଦ୍ୟୁତ ଯୋଗାଣ ଉପରେ ଶକ୍ତି ବିଭାଗ ଚଳିତ ଆର୍ଥିକ ବର୍ଷରେ ଯୋଜନା ରଖିବେ କି ?

----

## ବେଞ୍ଚମାର୍କ ମୂଲ୍ୟ ସଂଶୋଧନ ପାଇଁ ପଦକ୍ଷେପ

1960 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- PM ସୂର୍ଯ୍ୟଘର ମାଗଣା ବିଦ୍ୟୁତ ଯୋଜନାରେ 3kw ରୁଫଟପ ସୋଲାର(RTS) ପ୍ଲାଣ୍ଟ ପାଇଁ କେନ୍ଦ୍ର ଅକ୍ଷୟଶକ୍ତି ମନ୍ତ୍ରଳାଳୟ ବେଞ୍ଚମାର୍କ ମୂଲ୍ୟ ୧.୪୫Lakh ଟଙ୍କା ଧାର୍ଯ୍ୟ କରିଥିବାବେଳେ ବାସ୍ତବରେ ଉପଭୋକ୍ତା ପ୍ରାୟ ୨ ଲକ୍ଷ ଖର୍ଚ୍ଚ କରୁଛନ୍ତି, କେନ୍ଦ୍ର ଅକ୍ଷୟଶକ୍ତି ମନ୍ତ୍ରଣାଳୟ ଜାରି କରିଥିବା ନିର୍ଦ୍ଦେଶାବଳୀ ତା 07.06.24 ପାରା ନଂ ୫ (j ) ଅନୁସାରେ ସୋଲାଲ ପାନେଲ ମୂଲ୍ୟ ମୂଲ୍ୟବୃଦ୍ଧି ଘଟିଲେ ବେଞ୍ଚମାର୍କ ମୂଲ୍ୟକୁ ଆବଶ୍ୟକ ସଂଶୋଧନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା ତେବେ ଅଦ୍ୟାବଧି RTS ବେଞ୍ଚମାର୍କ ସଂଶୋଧନ କରାଯାଇଅଛି କି; ରାଜ୍ୟ ସରକାର ବେଞ୍ଚମାର୍କ ମୂଲ୍ୟ ସଂଶୋଧନ ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ?

----

## ବିଦ୍ୟୁତ ବିଲ ଫେରସ୍ତ ପାଇଁ ପଦକ୍ଷେପ

1961 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଯେଉଁ ହାରାହାରି ଖୁଚୁରା ବିଦ୍ୟୁତମୂଲ୍ୟ ଧାର୍ଯ୍ୟ କରୁଛନ୍ତି ତାଠାରୁ ଟାଟା ଆବଣ୍ଟନ କମ୍ପାନୀ ଗୁଡ଼ିକ ଅଧିକ ଆଦାୟ କରୁଥିବା ଖବର ଶକ୍ତି ବିଭାଗ ପାଖରେ ଅଛି କି; ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ ୨୦୧୭ ରୁ ୨୦୨୪ ମଧ୍ୟରେ ଆୟୋଗ ଧାର୍ଯ୍ୟ କରିଥିବା ଟାରିଫଠାରୁ ଆବଣ୍ଟନ କମ୍ପାନୀଗୁଡ଼ିକ ୬୧୪୦ କୋଟି ଟଙ୍କା ଅଧିକା ଆଦାୟ କରିଛନ୍ତି ଯାହାକୁ ସୁଧସହ ନିର୍ଦ୍ଦିଷ୍ଟ ଉପଭୋକ୍ତାଙ୍କୁ ଫେରସ୍ତ ପାଇଁ ବିଦ୍ୟୁତ ଆଇନ, ୨୦୦୩ ଧାରା ୬୨(୬) ରେ ନିର୍ଦ୍ଦେଶ ଥିଲେବି ଅଦ୍ୟାବଧି ପେରସ୍ତ ହୋଇନାହିଁ, ଅଧିକ ଆଦାୟ ବିଦ୍ୟୁତ ବିଲକୁ ଉପଭୋକ୍ତାଙ୍କୁ ଫେରସ୍ତ ପାଇଁ ଶକ୍ତି ବିଭାଗ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ମାଛ ଚାଷୀଙ୍କୁ ପ୍ରୋତ୍ସାହନ ପ୍ରଦାନ

1962 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ବିଗତ କିଛି ଦିନ ପୂର୍ବେ ବାର୍ଡ଼ଫ୍ଲୁ ରୋଗ କୁକୁଡ଼ାମାନଙ୍କୁ ହୋଇଥିବା କଥା ଜାଣି ସରକାର କୁକୁଡ଼ା ଚାଷୀଙ୍କର କୁକୁଡ଼ା ସବୁ ମାରିଦେଲେ ଓ କ୍ଷୟକ୍ଷତି ସହିଥିବା ଚାଷୀଙ୍କୁ କେତେ କ୍ଷତିପୁରଣ କେଉଁ ହିସାବରେ କେତେ ଜଣ କୁକୁଡ଼ା ଚାଷୀଙ୍କୁ ଦେଲେ; ସେହିଭଳି ରାଜ୍ୟରେ ମତ୍ସ୍ୟ ସମ୍ପଦର ବିକାଶ ପାଇଁ ସରକାର ପ୍ରାଥମିକତା ଦେବେ କି; ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ମତ୍ସ୍ୟଜିବିମାନଙ୍କୁ କି ପ୍ରକାର ପ୍ରୋତ୍ସାହନ ବ୍ୟବସ୍ଥା ଅଛି ?

----

## ଉଦ୍ୟୋଗ ଗୁଡ଼ିକର ପୁନଃରୁଦ୍ଧାର

1963 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଧୁନା କେତେ MSME ରୁଗଣ ହୋଇ ପଡ଼ିଛି; Startup ଜରିଆରେ ନୂଆ ଉଦ୍ୟୋଗ ସୃଷ୍ଟି କରି ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବାକୁ ସରକାରଙ୍କ ଯୋଜନା କଣ ଅଛି; ବର୍ତ୍ତମାନ ରାଜ୍ୟରେ କେତେ startup ଗଠନ ହୋଇଛି ମହିଳାମାନଙ୍କ ନେତୃତ୍ୱରେ କେତେ ଷ୍ଟାଟଅପ ଚାଲିଛି; ରାଜ୍ୟର କେତେ ଲୋକଙ୍କୁ MSME ରୋଜଗାର ଦେଉଛି; ଯେଉଁ ଉଦ୍ୟୋଗ ଗୁଡ଼ିକ ବିଭିନ୍ନ କାରଣରୁ ବନ୍ଦ ହୋଇଯାଇଛି ସେଗୁଡ଼ିକୁ ପୁନଃ ଚାଲୁକରିବାକୁ ସରକାର କଣ ପଦକ୍ଷେପ ନେବେ ଓ କେତେ କଣ ପ୍ରୋତ୍ସାହନ ଦେବେ ?

----

## କୃଷି ଅଧିକାରୀ ପଦବୀ ପୂରଣ

1964 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ମୋଟ କେତୋଟି ମଞ୍ଜୁରୀପ୍ରାପ୍ତ କୃଷି ଅଧିକାରୀ ଅଛନ୍ତି ଓ ଏଥିରୁ କେତେ ପଦ ଖାଲିଅଛି; ଖାଲିଥିବା ପଦବୀ ପୂରଣ କରିବା ସହ ଜିଲ୍ଲା ଓ ବ୍ଲକ ସ୍ତରରେ ଚାଷୀମାନଙ୍କୁ ପ୍ରତି କ୍ଷେତ୍ରରେ ସହଯୋଗ କରିବାକୁ ଚାଷୀମାନଙ୍କର ସମସ୍ୟା ସମାଧାନ କରିବାକୁ ସରକାର ତତ୍ପର ଦେବେ କି; ସେହିଭଳି ସହକାରୀ ମୃତ୍ତିକା ସଂରକ୍ଷଣ ଅଫିସର ପଦ କେତେ ଖାଲିଅଛି କେତେ; ସେହିପରି ଉଦ୍ୟାନ କୃଷି ବିଭାଗରେ କେତେ ପଦଖାଲି ପଡ଼ିଛି କେବେ ସୁଦ୍ଧା ପୂରଣ ହେବ ?

----

## ପିଏମ୍ ସୂର୍ଯ୍ୟଘର ଯୋଜନାର ସ୍ଥିତି

1965 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅକ୍ଷୟଶକ୍ତିର ବିକାଶ ପାଇଁ କେନ୍ଦ୍ର ସରକାର ପିଏମ୍ ସୂର୍ଯ୍ୟଘର ଯୋଜନା, ମୁକ୍ତ ବିଜୁଳି ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଉର୍ଜ୍ଜା ସୁରକ୍ଷା ଯୋଜନା, କୁସୁମ୍ ଯୋଜନା, ବାୟୋଗ୍ୟାସ ପ୍ରକଳ୍ପ ସହିତ ପିଏମ ଜନମନ ଯୋଜନା ଓ ଧରିତ୍ରୀ ଅଭା ଜନଜାତୀ ଗ୍ରାମ ସଂଘର୍ଷ ଯୋଜନା ଅଧିନରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନୂତନ ସୌରଶକ୍ତି ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ କେଉଁ ଯୋଜନାରେ କେତେ ଖର୍ଚ୍ଚରେ କେତେ ପରିବାରକୁ ବିଦ୍ୟୁତ ଯୋଗାଇ ଦିଆଯାଇଛି; ପିଏମ ସୂର୍ଯ୍ୟଘର ଯୋଜନାରେ ରାଜ୍ୟକୁ ଟାର୍ଗେଟ କେତେ ଦିଆଯାଇଥିଲା, ହୋଇଛି କେତେ; ଟାର୍ଗେଟ ପୂରଣ ପାଇଁ ସରକାର ଅଗ୍ରାଧିକାର ଭିତ୍ତିରେ କାମ କରିବେ କି; ଓଡ଼ିଶାରେ ପିଏମ ସୂର୍ଯ୍ୟଘର ଯୋଜନାର ସ୍ଥିତି ଏବେ କଣ ?

----

## ସୂର୍ଯ୍ୟ କରଣରୁ ବିଜୁଳି ଶକ୍ତି ଉତ୍ପାଦନ ସମ୍ପର୍କରେ

1966 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସୂର୍ଯ୍ୟକିରଣରୁ ବିଜୁଳି ଶକ୍ତି ଉତ୍ପାଦନ, ପବନକଳରୁ ଶକ୍ତି ଉତ୍ପାଦନ ଗୋବର ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ହେବା ପାଇଁ କାର୍ଯ୍ୟକ୍ରମ, ପାଣିପାଗ ସମ୍ବନ୍ଧରେ ଜ୍ଞାନ ଓ Space Appellation ବିଷୟରେ ଜ୍ଞାନପ୍ରାପ୍ତ ହେବା ପାଇଁ ସରକାର ସ୍କୁଲ ଓ କଲେଜ ପିଲାମାନଙ୍କୁ ଆବଶ୍ୟକ ସହଯୋଗ ଦେବେ କି ?

----

## ବୁଣାକାରଙ୍କୁ ସହାୟତା ପ୍ରଦାନ

1967 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ः**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ସମୁଦାୟ କେତେ ଜଣ ହସ୍ତତନ୍ତ ବୁଣାକାର ଅଛନ୍ତି ଓ ସେମାନେ କେଉଁ କେଉଁ ସାମଗ୍ରୀ ଉତ୍ପାଦନ କରୁଛନ୍ତି; ବୁଣାକାର ମାନଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ସରକାରଙ୍କ ତରଫରୁ କି କି ଯୋଜନା କାର୍ଯ୍ୟକାରୀ ହେଉଛି; ବୁଣାକାରମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାର କି କି ସୁବିଧା ପ୍ରଦାନ କରାଯାଉଛି; ରାଜ୍ୟ ସରକାର ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ଼ ଗଠନ କରୁନାହାନ୍ତି କାହିଁକି; ଗତ ସରକାର ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାନଙ୍କୁ କେତେ ଜଣଙ୍କୁ ମାସିକ କେତେ ଟଙ୍କା ସହାୟତା ପ୍ରଦାନ କରିଥିଲେ ଏବେ ସେମାନଙ୍କ ପାଇଁ ଏହି ଯୋଜନା ଚାଲୁରହିବା ହସ୍ତଶିଳ୍ପୀମାନଙ୍କ ଏହି ଯୋଜନାରେ ସାମିଲ କରିବା ସହ ୩୧୪ ବ୍ଲକରେ ବୟନିକାର outlet ଖୋଲିବା ପାଇଁ ବ୍ୟବସ୍ଥା କରିବେ କି ?

----

## MSME ଉତ୍ପାଦିତ ସାମଗ୍ରୀର ବଜାରୀକରଣ ବ୍ୟବସ୍ଥା

1968 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ः**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର MSME କ୍ଷେତ୍ରରୁ ଉତ୍ପାଦିତ ସାମଗ୍ରୀକୁ ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ୍ ମାନଙ୍କର ଆସବାବ ପତ୍ର, ପୋଷାକ ଇତ୍ୟାଦିକୁ MSME ମାନଙ୍କରୁ କିଣିବା ପାଇଁ ନିଷ୍ପତ୍ତି ନେବେ କି; ରାଜ୍ୟ ସରକାର କେତେ ପରିମାଣରେ କେତେ ପ୍ରକାରର ସାମଗ୍ରୀ MSME Sectorରୁ କିଣିଥାନ୍ତି, ଅନ୍ୟ ରାଜ୍ୟରୁ କେତେ ଓ କେଉଁ କେଉଁ ଜିନିଷ କିଣାଯାଏ; କେତେ ଟଙ୍କାର ସାମଗ୍ରୀ ବାର୍ଷିକ କିଣାଯାଇଥାଏ ବିଭିନ୍ନ ଅଫିସ ପରିଚାଳନା ପାଇଁ ଓଡ଼ିଶା ସାମଗ୍ରୀକୁ ସର୍ବଭାରତୀୟ ସ୍ତରରେ ବଜାର ବ୍ୟବସ୍ଥା କରିବାକୁ ସରକାର ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବେ କି ?

----

## ମିଟର ଲଗାଇବା ସମ୍ପର୍କରେ

1969 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ः**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ Tata Power (ଟା ଟା ପାୱାର) ନିରୀହ ଗ୍ରାମବାସୀଙ୍କ ଉପରେ ଦାଉସାଧୁଛି ଓ ଜୋର ଜବର ଦସ୍ତ ବହୁ ପରିମାଣରେ (୨୫,୦୦୦ରୁ ୩୦ ହଜାର) ଫାଇନ ଆଦାୟ କରିଚାଲିଥିବାରୁ ଓ ଅନ୍ୟାୟ ଭାବେ ଲାଇନ କଟିବାକୁ ଧମକ ଚମକ ଦେଉଥିବାରୁ ସରକାର Tata Powerକୁ ଏପରି ନ କରିବାକୁ ନିର୍ଦ୍ଦେଶ ଦେବେ କି; ଉପଭୋକ୍ତା ମାନଙ୍କର ଭୂଲ କଣ କଣ ସମାଧାନ କରି ହେବ ସେ ବିଷୟରେ ଉପଭୋକ୍ତାମାନଙ୍କୁ ସଚେତନ କରାଉନଥିବା ବେଳେ ଉପଭୋକ୍ତା ଅଜାଣତରେ ତାଙ୍କ ଘର ନାଁରେ ବାହାର ଲୋକଙ୍କ ଠାରୁ ମିଥ୍ୟା ଟିପ ଚିହ୍ନ ନେଇ ଘରେ ବେଆଇନଭାବେ ବିଦ୍ୟୁତ ସଂଯୋଗଅଛି କହି ଚଢ଼ା ରେଟ୍ ରେ ଅର୍ଥ ଆଦାୟ କରୁଥିବାରୁ ଓ ଯେଉଁମାନେ ନୂଆ ମିଟର ଲଗାଇବାକୁ ରାଜି ଅଛନ୍ତି ସେମାନଙ୍କ କମ ଖର୍ଚ୍ଚରେ ମିଟର ଲଗାଇବାକୁ ଦିଆଯିବ କି ?

----

## ମିଲେଟ୍ ମିଶନର ବିବରଣୀ ପ୍ରଦାନ

1970 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଓଡ଼ିଶା ମିଲେଟ୍ ମିଶନ/ ଶ୍ରୀ ଅନ୍ନ ଅଭିଯାନ ଦ୍ୱାରା ହୋଇଥିବା millet cafe, millet tiffin centre ଏବଂ millet outlet କେଉଁ କେଉଁ ଜାଗାରେ କେତୋଟି ହୋଇଛି କେତୋଟି କାର୍ଯ୍ୟକାରୀ ହେଉଛି ଓ ସେମାନଙ୍କର ଖର୍ଚ୍ଚ, ଆୟ ଏବଂ ଲାଭ କେତେ ବର୍ଷୱାରୀ ତଥ୍ୟ ୩ ବର୍ଷର ଦେବେ କି; ଏଗୁଡିକ ନିର୍ମାଣ ପାଇଁ ବିଭାଗ ତରଫରୁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ଅନୁମୋଦନ କେତେ କରାଯାଇଥିଲା; କେଉଁ ସଂସ୍ଥାକୁ ନିର୍ମାଣ କାମ ଦିଆଯାଇଛି ଓ Tender ପ୍ରକ୍ରିୟାରେ ହୋଇଛି କି ନାହିଁ, ଖର୍ଚ୍ଚର ହିସାବ ସହ ନିର୍ମାଣକାମକୁ ଯାଞ୍ଚ କରାଯାଇଛି କି; ମିଲେଟ୍ ମିଶନ ଜରିଆରେ ନିଯୁକ୍ତିଥିବା ଦୁଇଟି ସଂସ୍ଥା (Programme Secretariat/ Research Secretariat) ନିଯୁକ୍ତି Tender ପ୍ରକ୍ରିୟାରେ ହୋଇଥିଲା କି; ଉକ୍ତ ସଂସ୍ଥାମାନଙ୍କ କାରବାର ବିଷୟରେ Department Audit ହୋଇଛି କି; ଉକ୍ତ ୨ ସଂସ୍ଥାକୁ କେଉଁ କେଉଁ କାମ କେତେ ସମୟସୀମା ମଧ୍ୟରେ ଓ କେତେ ଅର୍ଥ ରାଶି ଶ୍ରୀ ଅନ୍ନ ଅଭିଯାନ/ ମିଲେଟ୍ ମିଶନ) ମାଧ୍ୟମରେ ଦିଆଯାଇଛି ?

----

## ମତ୍ସ୍ୟ ଅଧିକାରୀ ପଦବୀ ପୂରଣ

1971 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ମତ୍ସ୍ୟ ବିଭାଗରେ ସରକାରଙ୍କ ଯୋଜନାକୁ ତୃଣମୂଳ ସ୍ତରରେ କେଉଁମାନେ କାର୍ଯ୍ୟକାରୀ କରାଉଛନ୍ତି; ଓଡ଼ିଶା ମତ୍ସ୍ୟ ଅଧିନସ୍ଥ କ୍ୟାଡ଼ର (Odisha Fisheries Sub-outnate Cadre JFTA/SFTA) ପୁନର୍ବିନ୍ୟାସ କେବେ ହୋଇଥିଲା ଓ ସେମାନଙ୍କ pay (ପେ) ଲେଭଲ ଅନ୍ୟ ଆଲାଏଡ୍ ଡ଼ିପାର୍ଟମେଣ୍ଟ ସହ ସମାନ ଅଛି କି; ଯଦି ନାହିଁ, ତାହା କଣ ପାଇଁ ସରକାର କରୁନାହାନ୍ତି ଓ ସରକାର କି ପ୍ରକାର ପଦକ୍ଷେପ ନେଇଛନ୍ତି, ସେହିଭଳି ରାଜ୍ୟରେ କେତୋଟି ଜିଲ୍ଲାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ପଦ ଖାଲିପଡ଼ିଛି ଓ କେବେ ସୁଦ୍ଧା ପୂରଣ ହେବ?

----

## ଚାଷ ଜମିର ଜଳ ନିଷ୍କାସନ ପାଇଁ ପଦକ୍ଷେପ

1972 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲା ସୋର ନିର୍ବାଚନ ମଣ୍ଡଳୀର ମୂଳିଶିଂ ପଞ୍ଚାୟତ ଅବସ୍ଥିତ ଉଲ୍ଲାସଖଡପୁର ଗ୍ରାମର ଚାଷୀମାନଙ୍କ ଶହ ଶହ ଏକର ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବେ କି, ବିକ୍ରୀ ମାଫିଆ ମାନଙ୍କଦ୍ୱାରା ରାସ୍ତା କରି ଅବରୋଧ କରୁଥିବା ଓ ଆପତ୍ତି କଲେ ମଧ୍ୟ ବାହୁବଳ ଓ ଅର୍ଥ ବଳ ଦେଖାଇ ଚାଷୀମାନଙ୍କୁ ଧମକ ଦେବାରୁ ତୁରନ୍ତ ଅନୁସନ୍ଧାନ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଶୀତଳ ଭଣ୍ଡାର ନିର୍ମାଣ

1973 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରତି ପଞ୍ଚାୟତରେ ପନି ପରିବା ଯଥା- ଆଳୁ, ପିଆଜ, ବିଲାତି ବାଇଗଣ ଇତ୍ୟାଦିର ସଂରକ୍ଷଣ ନିମନ୍ତେ ଶୀତଳ ଭଣ୍ଡାର ନିର୍ମାଣ ପ୍ରସ୍ତାବ ଅଛି କି, ପ୍ରତି ପଞ୍ଚାୟତ ପରିବର୍ତ୍ତେ ଅନ୍ତତପକ୍ଷେ ପ୍ରତ୍ୟେକ ବ୍ଲକ ସଦର ମହକୁମାରେ ଶୀତଳ ଭଣ୍ଡାର ନିର୍ମାଣ କରାଗଲେ ସହଜରେ କାର୍ଯ୍ୟକାରୀ ହୋଇ ପାରିବ,ଏଥିପାଇଁ ସରକାର ପଦକ୍ଷେପ ନେବେ କି ?

----

## ମାଛ/ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଓଡିଶାକୁ ସ୍ୱାବଲମ୍ବି କରିବାକୁ ପଦକ୍ଷେପ

1974 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ବାର୍ଷିକ କେତେ ପରିମାଣରେ ମାଛ/ଅଣ୍ଡାର ଆବଶ୍ୟକତା ରହିଛି ଓ କେତେ ମାଛ/ଅଣ୍ଡା ଉତ୍ପାଦନ ହେଉଛି, ବଳକା ମାଛ/ଅଣ୍ଡା କେଉଁ କେଉଁ ରାଜ୍ୟରୁ କେତେ କେତେ ଆସୁଛି, ଓଡ଼ିଶାକୁ ମାଛ/ ଅଣ୍ଡା ଉତ୍ପାଦନରେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ପକ୍ଷରୁ କି କି ପଦକ୍ଷେପ ନିଆଯାଇଛି ବା ନେବେ, ତାହା ଜଣାଇବା ସହ କେବେ ସୁଦ୍ଧା ଏ କ୍ଷେତ୍ରରେ ଓଡ଼ିଶା ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇପାରିବ ?

----

## ହିତାଧିକାରୀଙ୍କ ନାମ ଠିକଣା ପ୍ରଦାନ

1975 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବ୍ରହ୍ମଗିରିରେ କେତେ ଚାଷୀଙ୍କଠାରୁ କେତେ ପରିମାଣର ଧାନ primary agriculture co-operative society (pacs) ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାମାନଙ୍କ ଜରିଆରେ paddy procurement କରାଯାଇଛି, ସେମାନଙ୍କର ନାମ ଓ ସ୍ଥାନ ଦେବେ କି, ଏଥିପାଇଁ କ୍ୱିଣ୍ଟାଲ ପିଛା ଚାଷୀମାନଙ୍କୁ କେତେ ଟଙ୍କା ଦିଆଯାଇଛି ଓ ଅତିରିକ୍ତ ବୋନସ କେତେ ଟଙ୍କା ଦିଆଯାଇଛି, ଏଥିରେ କେତେ ହିତାଧିକାରୀ ଲାଭବାନ ହୋଇଛନ୍ତି ତାଙ୍କର ନାମ ଓ ଠିକଣା ଉପସ୍ଥାପନ କରିବେ କି ?

----

## କର୍ମଚାରୀ ପଦବୀ ପୂରଣ

1976 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଖରିଫ ଋତୁରେ ବନ୍ୟା ଦ୍ୱାରା ରାଜ୍ୟର କେତେ ଫସଲ କେଉଁ କେଉଁ ଜିଲ୍ଲାରେ କେତେ ନଷ୍ଟ ହୋଇଛି ତାର ଏକ ତାଲିକା (ଫସଲୱାରୀ) ହିସାବ ପ୍ରଦାନ କରିବା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାର କି ପ୍ରକାର ପ୍ରୋତ୍ସାହନ ଦେଉଛନ୍ତି, (ଖ) କୃଷି ବିଭାଗ ଅଧୀନରେ ଥିବା କେତୋଟି ନିଗମ/Board କାର୍ଯ୍ୟ କରୁଛି, ସେହିସବୁ ନିଗମ/Board ରେ sanctioned strength ଅନୁଯାୟୀ ଆବଶ୍ୟକ କର୍ମଚାରୀ ଅଛନ୍ତି କି, ଯଦି ନା, ତେବେ ଏହିସବୁ ପଦବୀଗୁଡ଼ିକୁ କେବେ ସୁଦ୍ଧା ପୂରଣ କରିବେ ?

----

## ବନ୍ଦ ହୋଇଥିବା ଶିଳ୍ପ ସଂସ୍ଥାର ପୁନରୁଦ୍ଧାର

1977 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ କେତେ Small Medium industry କାର୍ଯ୍ୟକାରୀ ଅଛି ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, ଗତ ୧୫ ବର୍ଷ ମଧ୍ୟରେ କେତେ ଜଣ Small Medium industry କରିବା ପାଇଁ ସରକାରଙ୍କଠାରୁ ପ୍ରୋତ୍ସାହନ/ ଋଣ/ଭିତ୍ତିଭୂମିର ସୁବିଧା ପାଇଛନ୍ତି ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି, ଯେଉଁମାନେ ଏହି ସୁବିଧା ପାଇଛନ୍ତି ସେହି ସଂସ୍ଥାମାନଙ୍କର ବର୍ତ୍ତମାନର ସ୍ଥିତି କଣ, ବନ୍ଦ ହୋଇଥିବା ଏହି ସଂସ୍ଥାମାନଙ୍କୁ ପୁନରୁଦ୍ଧାର କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Token ସମ୍ପର୍କରେ ବିବରଣୀ ପ୍ରଦାନ

1978 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସମବାୟ ବିଭାଗ ତରଫରୁ ଧାନ କିଣିବା ନିମନ୍ତେ society ମାନଙ୍କୁ ଯେଉଁ ଟାର୍ଗେଟ ଦିଆଯାଏ ତାହାର ଆଧାର କଣ ତାହା ଜଣାଇବା ସହ ଗତ ୫ବର୍ଷରେ ବର୍ଷୱାରୀ ଯେଉଁ target ଦିଆଯାଇଥିଲା ସେହି ହିସାବରେ token କେତେ ବିତରଣ କରାଯାଇଥିଲା ଓ କେତେ token ବଳକା ରହିଯାଇଥିଲା ?

----

## ପ୍ରୋତ୍ସାହନ ରାଶିର ବିବରଣୀ ପ୍ରଦାନ

**1979 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ 2023-24 ବର୍ଷ ନର୍ଲା ନିର୍ବାଚନ ମଣ୍ଡଳୀରେ ଶ୍ରୀ ଅନ୍ନ ଅଭିଯାନ (ମିଲେଟ୍ ମିଶନ) ମାଧ୍ୟମରେ ମୋଟ୍ ୩୩୨୪.୭୪ ଏକର ଜମିରେ ଉନ୍ନତ ପ୍ରଣାଳୀରେ କରାଯାଇଥିବା ମିଲେଟ୍ ଚାଷ କରାଯାଇ ମୋଟ୍ 101.3525 ଲକ୍ଷ ଟଙ୍କା ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଅଛି, ଉକ୍ତ ଚାଷୀମାନଙ୍କ ନାମ ସହିତ ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି ?

----

## ପୋଖରୀ ଖନନ ସମ୍ପର୍କରେ ବିବରଣୀ ପ୍ରଦାନ

**1980 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ 4 ଗୋଟି ବ୍ଲକର ୬୦ ଗ୍ରାମ ପଞ୍ଚାୟତରେ ଗତ 5 ବର୍ଷରେ 175 ଜଣ ହିତାଧିକାରୀଙ୍କୁ 113.୩୪ ହେକ୍ଟର ପୋଖରୀ ଖନନ ପାଇଁ ଦିଆଯାଇଥିଲା, ସେଥିମଧ୍ୟରୁ କେତେଜଣ ଚାଷୀ ପୋଖରୀ ଖନନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଅଛି, ଚାଷୀମାନଙ୍କର ନାମ ସହିତ କେତେ ଟଙ୍କା ଲେଖାଏଁ ଦିଆଯାଇଛି ତାହାର ତାଲିକା ପ୍ରଦାନ କରିବେ କି ?

----

## ବିଦ୍ୟୁତ୍ କରଣ ପାଇଁ ପଦକ୍ଷେପ

**1981 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲ୍ଲା ନିର୍ବାଚନ ମଣ୍ଡଳୀର କେତେ ସଂଖ୍ୟକ ଗ୍ରାମ ଓ ପଡା (Hamlet) କୁ ଅଦ୍ୟାବଧି ବିଜୁଳି ଯୋଗାଇ ଦିଆଯାଇନାହିଁ, ଯେଉଁ ଗ୍ରାମ/ପଡା ଗୁଡିକୁ ଏପର୍ଯ୍ୟନ୍ତ ବିଜୁଳି ଯୋଗାଇ ଦିଆଯାଇନାହିଁ ସେଗୁଡିକୁ କେବେ ସୁଦ୍ଧା ବିଜୁଳି କରଣ କରାଯିବ ?

----

## ମତ୍ସ୍ୟ ଚାଷ ଏବଂ ପୋଖରୀ ଖନନ ସମ୍ପର୍କରେ

**1982 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବି କଲ୍ୟାଣ ଯୋଜନା (MMKY) ମାଧ୍ୟମରେ ବିଗତ ପାଞ୍ଚବର୍ଷରେ ନର୍ଲ୍ଲା ନିର୍ବାଚନ ମଣ୍ଡଳୀରେ କେତେ ମତ୍ସ୍ୟଜୀବି ଉପକୃତ ହୋଇଛନ୍ତି ତାହାର ବ୍ଲକ ୱାରୀ ବିବରଣୀ ପ୍ରଦାନ କରିବା ସହ ମାଛ ଚାଷ ପାଇଁ ନୂଆ ପୋଖରୀ ଖୋଲା ଯୋଜନାରେ ବିଗତ ୩ ବର୍ଷରେ ନର୍ଲ୍ଲା ନିର୍ବାଚନ ମଣ୍ଡଳୀର କେତେ ଜଣ ଚାଷୀ ଏଥିରେ ଉପକୃତ ହୋଇଛନ୍ତି ତାହାର ବ୍ଲକୱାରୀ ହିତାଧିକାରୀଙ୍କ ନାମ ସହିତ ଏକ ତାଲିକା ପ୍ରଦାନ କରିବେ କି ?

----

## Ration Card ପ୍ରଦାନ

1983 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲ୍ଲା ନିର୍ବାଚନ ମଣ୍ଡଳୀର କର୍ଲ୍ଲାମୁଣ୍ଡା, ମ. ରାମପୁର, ନର୍ଲ୍ଲା ଓ କେସିଙ୍ଗା ବ୍ଲକରେ 2023 ମସିହାରୁ ଅଦ୍ୟାବଧି କେତେଜଣ ହିତାଧିକାରୀମାନଙ୍କୁ ନୂତନ Ration Card ପ୍ରଦାନ କରାଯାଇଛି ତାହା ବ୍ଲକୱାରୀ ନାମ ସହିତ ତାଲିକା ପ୍ରଦାନ କରିବେ କି ?

----

## ଶୀତଳ ଭଣ୍ଡାର ପ୍ରତିଷ୍ଠା

1984 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶାରେ ସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହାର ଅଗ୍ରଗତି କଣ କେବେ ସୁଦ୍ଧା ତାହା କାର୍ଯ୍ୟକାରୀ ହେବ ଏବଂ ଏଥିପାଇଁ ଆର୍ଥିକ ବ୍ୟବସ୍ଥା କଣ କହିବେ କି, (ଖ) ଚଳିତ ଆର୍ଥିକ ବର୍ଷର ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିଭାଗର Action Plan କଣ କେତେ ଅର୍ଥ ବ୍ୟୟରେ କେଉଁ କେଉଁ କାର୍ଯ୍ୟ ଓ କାର୍ଯ୍ୟକ୍ରମ ପାଇଁ ବିଭାଗ ତରଫରୁ ପ୍ରସ୍ତାବ ଦିଆଯାଇଅଛି ?

----

## Input Assistance ପ୍ରଦାନ

1985 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ସମସ୍ତ ଧାନ ବିହନ ଚାଷୀ ମାନଙ୍କୁ Input Assistance କ୍ୱିଣ୍ଟାଲ ପିଛା ୫00/- ମିଳିବାର ପ୍ରତିଶୃତି ଦେବା ପରେ ଗତ 2024-25 ଖରିଫ ଋତୁରେ ପଞ୍ଜୀକୃତ ବିହନ ଚାଷୀ ମାନେ ଧାନ ବିହାନ ଯୋଗାଇବାର ଆଜକୁ ୪ ମାସ ବିତିଯାଇଥିଲେ ସୁଦ୍ଧା ବାରମ୍ବାର ଅନୁରୋଧ ପରେ ମଧ୍ୟ ବାଲେଶ୍ୱର ଶଖାରେ 50 ପ୍ରତିଶତରୁ ଅଧିକ ବିହନ ଚାଷୀ Input Assistance ଏଯାବତ କାହିଁକି ପାଇନାହାନ୍ତି ଏବଂ କେବେ ସୁଦ୍ଧା ପାଇବେ କହିବେ କି ?

----

## ବକେୟା ପ୍ରୋତ୍ସାହନ ରାଶି ପ୍ରଦାନ

1986 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ସରକାର ତୈଳବୀଜ ଓ ଡାଲି ଜାତୀୟ ଫସଲରେ ଯୋଗାଇଦେଇ ଆସୁଥିବା ପ୍ରୋତ୍ସାହନ ରାଶି ଅନେକ ପଞ୍ଜିକୃତ ବିହନ ଚାଷୀ ମାନେ ଗତ 2023-24 ରବି ଋତୁରେ ପାଇନାହାନ୍ତି ପ୍ରାପ୍ୟରୁ ବଞ୍ଚିତ ବିହନ ଚାଷୀ ମାନେ ବକେୟା ପ୍ରୋତ୍ସାହନ ରାଶି ପାଇବା ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ଏବଂ କେନ୍ଦ୍ର ସରକାର ପଞ୍ଜିକୃତ ବିହନ ଚାଷୀ ମାନଙ୍କୁ ଯୋଗାଇ ଆସୁଥିବା ଉକ୍ତ ପ୍ରୋତ୍ସାହନ ରାଶି ତୈଳବୀଜ ଓ ଡାଲି ଜାତିୟ ଫସଲରେ କେଉଁ ମସିହା ପର୍ଯ୍ୟନ୍ତ ପ୍ରଦାନ କରିବେ ?

----

## କ୍ଷତିଗ୍ରସ୍ତ ଚଷୀମାନଙ୍କୁ Insurance Company ମାଧ୍ୟମରେ କ୍ଷତି ପୂରଣ

1987 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ 2024-25 ଖରିଫ ଋତୁରେ ବାଲେଶ୍ୱର ସଦର ବ୍ଲକରେ ଚୁଆଁଳ, ନଗ୍ରମ, ଓଲନ୍ଦା ସାରଗାଁ, ବଇଁଚା, ସିନ୍ଧିଆ, ଓଡଙ୍ଗୀ ଆଦି ଗ୍ରାମ ପଞ୍ଚାୟତରେ ଅକ୍ଟୋବରରେ ଆସିଥିବା ବାତ୍ୟା ଦାନା ପ୍ରଭାବରେ ଅମଳ ହେବାକୁ ଥିବା ଧାନ ଫସଲ ନଷ୍ଟ ହୋଇଯାଇଥିଲା ଉକ୍ତ ବାତ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଗତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ Insurance Company ମାନେ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ଦେଲେ ନାହିଁ ଏବଂ କ୍ଷିତିପୂରଣ ଦେବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ଏବିଷୟରେ ସରକାର ଅବଗତ ଅଛନ୍ତି କି ଯଦି ଅଛନ୍ତି ତେବେ ଏଦିଗରେ କଣ ପଦକ୍ଷେପ ଗ୍ରହଣ କରିବେ କହିବେ କି ?

----

## ସାଇନ୍ସ ପାର୍କ ସ୍ଥାପନ

1988 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱରରେ ସରକାରଙ୍କ ପକ୍ଷରୁ ଏବଂ ସାଇନ୍ସ ପାର୍କ ନାର୍ମଣ କରିବା ପାଇଁ ଯେଉଁ ନିଷ୍ପତ୍ତି ହୋଇଥିଲା ତାହାର ବର୍ତ୍ତମାନ ସୁଦ୍ଧା ସ୍ଥିତାବସ୍ଥା କଣ, ପାର୍କ ନିର୍ମାଣରେ ବାଧା କଣ କଣ ପାଇଁ ଏଯାବତ୍ ତ୍ୱରିତ ପଦକ୍ଷେପ ଗ୍ରହଣ କରିନାହାନ୍ତି କହିବେ କି ?

----

## କର୍ମଚାରୀ ନିଯୁକ୍ତି ସମ୍ପର୍କରେ

1989 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ରାଜ୍ୟ ଖାଉଟି ସମବାୟ ମହାସଂଘ ଲିମିଟେଡରେ 15 ମାର୍ଚ୍ଚ 2023 ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେଜଣ କର୍ମଚାରୀ ନିଯୁକ୍ତି ପାଇଛନ୍ତି ଏବଂ ସେହି ନିଯୁକ୍ତି ସବୁର ଅନୁମୋଦନକାରୀ କିଏ, (କ) ଓଡ଼ିଶା ରାଜ୍ୟ ଖାଉଟି ସମବାୟ ମହାସଂଘ ଲିମିଟେଡ୍, ଭୁବନେଶ୍ୱର କାର୍ଯ୍ୟାଳୟର ମରାମତି ନିମନ୍ତେ 15 ମାର୍ଚ୍ଚ 2023 ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେଉଁ ଅଧିକାରୀଙ୍କ ଅନୁମୋଦନ କ୍ରମେ ଖର୍ଚ୍ଚ ହୋଇଛି, ଓଡ଼ିଶା ରାଜ୍ୟ ଖାଉଟି ସମବାୟ ମହାସଂଘ ଲିମିଟେଡର ପରିଚାଳନା ପରିଷଦର ସଭାପତି ଓ ପରିଚାଳନା ନିର୍ଦ୍ଦେଶକ, ସେମାନଙ୍କର କେଉଁ ଗସ୍ତ ଖର୍ଚ୍ଚ ନିମନ୍ତେ କେତେ ଟଙ୍କା ଅଗ୍ରୀମ ଭାବେ ନେଇଛନ୍ତି ?

----

## ଆଗ୍ରିମ ସୂଚନା ପ୍ରଦାନ ନିମନ୍ତେ ପଦକ୍ଷେପ

1991 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୌସୁମୀ ବର୍ଷାର ଅନୁଧ୍ୟାନରୁ ଜଣାପଡୁଛି, ଜଳବାୟୁରେ ବିରାଟ ପରିବର୍ତ୍ତନ ଆସିଛି, ତେଣୁ ଚାଷ ଓ ଚାଷୀମାନଙ୍କର ଅବଗତି ନିମନ୍ତେ ପାଣିପାଗ ଓ କୃଷି ସମ୍ବନ୍ଧୀୟ ଆଗୁଆ ସୂଚନା ପ୍ରଦାନ ପାଇଁ କଣ ସବୁ ପଦକ୍ଷେପ ନେଉଛନ୍ତି, (କ) ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି, ବିଧି ରକ୍ଷା ନିମନ୍ତେ ଅକ୍ଷୟ ତୃତୀୟାରେ କେବଳ ଅକ୍ଷି ମୁଠି ଆରମ୍ଭ କରି, ଚାଷର ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଖରିଫ୍ ଓ ରବି ଋତୁର ସମୟ ପରିବର୍ତ୍ତନ ନିମନ୍ତେ ଯୋଜନା କରିବେ କି ?

----

## ମାଛ ରପ୍ତାନୀ

1992 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ଆର୍ଥିକ ବର୍ଷ (2024-25) ରେ ଓଡ଼ିଶାରୁ କେତେ ଟଙ୍କାର ମତ୍ସ୍ୟ ବିଦେଶକୁ ରପ୍ତାନି ହୋଇଥିଲା, ଚଳିତ ଆର୍ଥିକ ବର୍ଷ (2025-26)ରେ କେତେ ଟଙ୍କାର ମତ୍ସ୍ୟ, ଓଡ଼ିଶାରୁ ବିଦେଶକୁ ରପ୍ତାନି କରିବାର ଲକ୍ଷ୍ୟ ରଖାଯାଇଛି, ଆମେରିକା ପ୍ରଶାସନର ଟାରିଫ କଟକଣା ଯୋଗୁ ଓଡ଼ିଶାରୁ ମତ୍ସ୍ୟ ରପ୍ତାନି ବାଧାପ୍ରାପ୍ତ ହେଉଛି କି, ଯଦି 'ହଁ', ଏହାର ବିକଳ୍ପ ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାରଙ୍କ ସହ ମିଶି ଓଡ଼ିଶା ସରକାର କିଛି ପଦକ୍ଷେପ ନେଉଛନ୍ତି କି, ଯଦି 'ନାଁ', ତେବେ ନିଜସ୍ୱ ଉଦ୍ୟମରେ ରାଜ୍ୟ ସରକାର କିଛି ବିକଳ୍ପ ଚିନ୍ତା କରିଛନ୍ତି କି ?

----

## ହସ୍ତତନ୍ତର ଉନ୍ନତି

1993 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବୁଣାକାରଙ୍କ ସ୍ୱାର୍ଥ ଦୃଷ୍ଟିରୁ ଓଡିଶାର ହସ୍ତତନ୍ତ ପୋଷାକକୁ ବିଭିନ୍ନ ସରକାରୀ ଅଫିସରେ କର୍ମଚାରୀଙ୍କ ଦ୍ୱାରା ପରିଧାନ କରାଇବାର ବ୍ୟବସ୍ଥା ଆରମ୍ଭ ହୋଇଛି କି, ଯଦି ହଁ, ତେବେ କେଉଁ କେଉଁ ବିଭାଗର କର୍ମଚାରୀ, କେଉଁ ଦିନ ଓଡିଶାର ହସ୍ତତନ୍ତ ପୋଷାକ ପରିଧ୍ୟାନ କରୁଛନ୍ତି ତାହା ଜଣାଇବେ କି, ହସ୍ତତନ୍ତ ଶିଳ୍ପର ଉନ୍ନତି ପାଇଁ ବିଭିନ୍ନ ସରକାରୀ ସ୍କୁଲ ୟୁନିଫର୍ମ, ଓଡିଶାର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ କପଡା ପରିଧାନ ପାଇଁ ବ୍ୟବସ୍ଥା କରାଇବେ କି ?

----

## Quantity of Rabi Paddy Production

1994 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The total quantity of Rabi paddy production as reported by the Agriculture Department in Balangir district for the years 2024-25 and 2025-26 (till date), the total quantity of Rabi paddy procured by the Food & Civil Supplies Department from Balangir district during the same periods, whether there exists any discrepancy between the reported production and actual procurement during these two

years, If so, the reasons therefor and whether the Government has initiated or proposes to initiate any inquiry into such discrepancies in Balangir district, If yes, the details thereof ?

----

**Budget allocation for the year 2025-26**

1995 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What impact has the expansion of the Odisha Fisheries Service cadre had on fish production and farmer outreach (a) Data on new personnel and fish output, (b)How many new farmers were supported and what is the budget allocated for 2025-26 ?

----

**Solar Projects in Odisha**

1996 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Given Odisha's high solar potential, what progress has been made on the proposed solar -parks, particularly the one in [mention specific area, e:g., Balangir], Could the department provide an estimated timeline for commissioning, has the Energy Department conducted feasibility studies on floating solar projects in Odisha's water reservoirs, and if so, what are the findings and plans for implementation ?

----

**Steps Taken to Promote Traditional Handicraft Products of Odisha**

1997 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What measures have been taken by the Odisha government to promote handloom, textile, and handicraft industries in Odisha over the past three years, details on funding, skill development programs, and marketing support initiatives, are there any ongoing or proposed schemes to provide financial aid, raw material support, or improved infrastructure for weavers and artisans in Balangir district, and what steps are being taken to promote Odisha's traditional handloom and handicraft products in national and international markets to boost sales and improve the livelihood of artisans ?

----

## Steps Taken for Promotion of Science and Technology

**1998 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What initiatives has the Odisha government undertaken to promote science and technology in the state, particularly in Balangir district, (a) Are there any dedicated science research centers, innovation hubs, or incubation centers established in Balangir district, (b) What steps are being taken to enhance digital literacy, especially in rural areas, and ensure access to emerging technologies like artificial intelligence, robotics, and biotechnology, has the government introduced any scholarship or skill development programs to encourage students from Balangir district to pursue careers in science and technology ?

----

## କର୍ମଚାରୀଙ୍କ ତଥ୍ୟ ପ୍ରଦାନ

**1999 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାରେ ବିଦ୍ୟୁତ ବିଭାଗରେ କେତେ କର୍ମଚାରୀ ସ୍ଥାୟୀ ଭାବେ ଏବଂ କେତେ କର୍ମଚାରୀ ସବିଶେଷ ବିବରଣୀ ସହିତ ମିଟର ରିଡିଙ୍ଗ, Structure Supervisor ଆଦି post ପାଇଁ କେଉଁ କେଉଁ ସଂସ୍ଥା ନେଇଛନ୍ତି, ସେମାନଙ୍କର ସବିଶେଷ ବିବରଣୀ ଦେବେ କି; (ଖ) କେଉଁ କେଉଁ ସଂସ୍ଥା ଦ୍ୱାରା ଭଦ୍ରକ ବିଦ୍ୟୁତ ବିଭାଗରେ କେତେ ଜଣ ଠିକା କର୍ମଚାରୀ କାହା ନିର୍ଦ୍ଦେଶରେ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ନିଯୁକ୍ତି ପାଇଛନ୍ତି ?

----

## କାମଧେନୁ ଯୋଜନା ସମ୍ପର୍କରେ

**2000 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସରକାରଙ୍କ କାମଧେନୁ ଯୋଜନାରେ କେତେ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଛନ୍ତି ଏବଂ ସେମାନଙ୍କୁ କେଉଁ ଆଧାରରେ ଅନୁଦାନ ସେମାନଙ୍କ Account କୁ ଯାଇଛି; (ଖ) ସରକାରଙ୍କ ତରଫରୁ ଗାଈ କିଣି ହିତାଧିକାରୀଙ୍କୁ ଦେବାର ଯୋଜନା ରହିଛି କି, ଯଦି ହଁ, ତେବେ କେବେ ଠାରୁ କାର୍ଯ୍ୟକାରୀ ହେବ ଜଣାଇବେ କି ?

----

## PACS ଗୁଡ଼ିକୁ digitalisation କରିବାକୁ ପଦକ୍ଷେପ

**2001 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଭଦ୍ରକ ଜିଲ୍ଲାର ପ୍ରାୟ Primary Agricultural Cooperative Society (PACS) ମାନଙ୍କରେ ପ୍ରକୃଷ୍ଟ ଗୋଦାମ ଓ Weight Bridge ର ପ୍ରାବଧାନ ନାହିଁ; ଯାହା ଦ୍ୱାରା ସାଧାରଣ ଚାଷୀ ସାର କିଣିବା ଠାରୁ ଧାନ ବିକ୍ରି ଯାଏଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଥି ନିମନ୍ତେ ସରକାର ବିଶେଷ ବ୍ୟବସ୍ଥା ରଖିବେ କି; (ଖ) PACS ଗୁଡ଼ିକୁ ସଂପୂର୍ଣ୍ଣ digitalisation ସହ core banking solution (CBS) କରିବାକୁ ଯୋଜନା ରଖିଛନ୍ତି କି; ସେଥିପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଯୋଜନା ହୋଇଛି ?

----

## ନୂତନ Ration Card ପାଇଁ ଆବେଦନ

**2002 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବହୁତ ଗରିବ ପରିବାର ଯେଉଁମାନେ କି ଯୋଗ୍ୟ, ସେମାନଙ୍କୁ Ration List ରୁ ବାଦ ଦିଆଯାଇଛି ଏବଂ Digital Mismanagement ଦ୍ୱାରା "ଅଯୋଗ୍ୟ ଲୋକ" Ration ପାଇଛନ୍ତି କି; ଯଦି ହଁ, ଭଦ୍ରକ ଜିଲ୍ଲାର କେତେ ଜଣ ଯୋଗ୍ୟ ଏବଂ କେତେ ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଛି, ତାହାର ଏକ ବିଶଦ ଚିଠା ପ୍ରଦାନ କରିବେ କି; (ଖ) କିଛି ହିତାଧିକାରୀ ଯୋଗ୍ୟ ଥାଇ ମଧ୍ୟ ବାଦ ଦିଆଯାଇଛି; ୨୦୧୬ ମସିହାରୁ ଆଜି ଯାଏଁ ସେମାନଙ୍କର ନୂତନ Ration Card ନିମନ୍ତେ apply କରିପାରୁନାହାନ୍ତି; ଉକ୍ତ ବିଷୟକୁ ହୃଦବୋଧ କରି MI ମାନଙ୍କୁ Modification କରି ନୂତନ Ration Card apply ନିମନ୍ତେ ସୁବିଧା ପ୍ରଦାନ ନିମନ୍ତେ ଯୋଜନା କରିବେ କି ?

----

## ବିହନ ଯୋଗାଣ

**2003 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କୃଷି ବିଭାଗ ତରଫରୁ କେଉଁ କେଉଁ ମଞ୍ଜି ଓ ବିହନ ଚାଷିମାନଙ୍କୁ ପ୍ରଦାନ କରାଯାଉଛି; ଏହାର ଦର ତାଲିକା ସମ୍ପୃକ୍ତ ମଞ୍ଜି, ବିହନ ୱାରୀ ତଥ୍ୟ ପ୍ରଦାନ କରିବେ କି; (ଖ) ଗତ ପାଞ୍ଚ ଆର୍ଥିକ ବର୍ଷରେ ମୁଗ, ବିରି ଏବଂ ଧଣିଚା ଚାଷ ପାଇଁ ଭଦ୍ରକ ନିର୍ବାଚନ ମଣ୍ଡଳୀରେ କେତେ ଚାଷୀଙ୍କୁ ପ୍ରଦାନ କରାଯାଇଛି ?

----

## ପଥର ଶିଳ୍ପ ପାଇଁ ପ୍ରୋତ୍ସାହନ

**2004 ଶ୍ରୀ ମାଧବ ଧଡା (ସୋରୋ)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ ) ପଥର ହସ୍ତଶିଳ୍ପ କାରିଗରମାନଙ୍କ କାର୍ଯ୍ୟର ବଜାର ନିମନ୍ତେ ସୋରୋ ନିର୍ବାଚନ ମଣ୍ଡଳୀ କେଉଁ ଠାରେ ଶିଳ୍ପୀହାଟ ଅଛି କି, ସୋରୋର ଉତ୍ତରଶ୍ୱର ବରଫକଳ ଛକ ନିକଟରେ ନୂତନ ଶିଳ୍ପୀହାଟ (ପଥର ଶିଳ୍ପ) ଉଦ୍ଦିଷ୍ଟ ନିର୍ମାଣ କରିବା ପାଇଁ ସରକାର ପଦକ୍ଷେପ ନେବା ସହିତ ଚଳିତ ଆର୍ଥିକ ବଜେଟରେ ବ୍ୟୟ ବରାଦ କରିବେ କି; (ଖ) ପଥର ଶିଳ୍ପ ଓ ହସ୍ତ ଶିଳ୍ପୀ କାରୀଗର ନିଜର ପରିବାର ପ୍ରତିପୋଷଣ ନିମନ୍ତେ ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ବିଷୟ ସତ୍ୟ କି, ଯଦି ଉତ୍ତର ହଁ ହୁଏ, ସେମାନଙ୍କୁ ଫେରାଇଆଣି ଉପଯୁକ୍ତ କର୍ମ ସଂସ୍ଥା ଯୋଗାଇ ଦେବା ପାଇଁ ଆବଶ୍ୟକ କି କି ସ୍ୱତନ୍ତ୍ର ପଦକ୍ଷେପ ନେବେ, ବାଲେଶ୍ୱର ଜିଲ୍ଲାରୁ କେତେ ଜଣ ଏବଂ କେଉଁ କେଉଁ ରାଜ୍ୟରେ କାର୍ଯ୍ୟ କରୁଛନ୍ତି କହିବେ କି ?

----

## ନୂତନ ବିଦ୍ୟୁତ୍ ଖୁଣ୍ଟ ସ୍ଥାପନ

2005 **ଶ୍ରୀ ମାଧବ ଧଡା (ସୋରୋ)ः**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ ) ସୋରେ ନିର୍ବାଚନ ମଣ୍ଡଳୀ ସମୁଦ୍ର ଉପକୂଳବର୍ତୀ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ଓ ବିଦ୍ୟୁତ୍ ତାର ସବୁ ଲୁଣି ପବନ ଖାଇ ନଷ୍ଟ ହେଉଛି ଏବଂ ଗତ ଦାନା ବାତ୍ୟାରେ ଭାଙ୍ଗି ଉପଡି ପଡ଼ିଥିବା ଇଲେକ୍ଟ୍ରି ଖୁଣ୍ଟିକୁ ପରିବର୍ତ୍ତନ ସହିତ କମ ଉଚ୍ଚତାରେ ବିଦ୍ୟୁତ ତାର ପରିବର୍ତ୍ତନ ପାଇଁ TPNODL ଗତ ଏକ ବର୍ଷ ମଧ୍ୟରେ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ଗ୍ରାମପଞ୍ଚାୟତ ୱାରୀ କାର୍ଯ୍ୟର ବିବରଣୀ ପ୍ରଦାନ କରିବେ କି, ବାକି ଥିବା କାମ କେବେ ସୁଦ୍ଧା ସରିବ; ଗତ ଏକ ବର୍ଷରେ ସୋରୋ ନିର୍ବାଚନ ମଣ୍ଡଳୀରେ କେତେ ଉପଭୋକ୍ତାଙ୍କ ଉପରେ ଚଢ଼ାଉ ହୋଇଛି ଏବଂ କେତେ ଟଙ୍କା ଆଦାୟ ହୋଇଛି ତାହାର ଏକ ଉପୋଭୋକ୍ତାୱାରୀ ତାଲିକା ରଖିବେ କି, ଚଢ଼ାଉ ହେଉଥିବା ସମୟରେ ସମସ୍ତ ଉପଭୋକ୍ତାମାନଙ୍କୁ Enforcement ଅଫିସର ମାନେ ଜୋରିମାନା ସମ୍ବନ୍ଧୀୟ କିଛି ଲିଖିତ ନୋଟିସ ଦେବା ପାଇଁ ନିର୍ଦ୍ଦେଶ ଦେବେ କି ?

----

## ପେଷ୍ଟିସାଇଡର କଳାବାଜାରୀ

2006 **ଶ୍ରୀ ମାଧବ ଧଡା (ସୋରୋ)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ ) ସୋରୋ ନିର୍ବାଚନ ମଣ୍ଡଳୀରେ ଗତ ୩ ବର୍ଷରେ ସମୁଦାୟ କେତେ କୃଷି ଯନ୍ତ୍ରପାତି ଯଥା- ଟ୍ରାକ୍ଟର, ପାୱାର ଟିଲର, ଧାନ ଅମଳ ଯନ୍ତ୍ର, Rotavator, ପାଣି ପମ୍ପ ସେଟ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି କେଉଁ କେଉଁ ଦୋକାନରୁ କେତେ ପରିମାଣର କେଉଁ କେଉଁ ଚାଷୀଙ୍କୁ ଏବଂ କେତେ Subsidy ପ୍ରଦାନ କରାଯାଇଛି ସେଥି ମଧ୍ୟରୁ କେତେ ଚାଷୀ ଉପକୃତ ହୋଇଛନ୍ତି ଏବଂ ସବ୍‌ସିଡି ପାଇଛନ୍ତି; କେଉଁ ଗ୍ରାମପଞ୍ଚାୟତର କେଉଁ ଚାଷୀମାନେ କେଉଁ ଯନ୍ତ୍ରପାତି କେତେ ଅର୍ଥରେ କ୍ରୟକରି କେତେ ଟଙ୍କା ସବ୍‌ସିଡି ଆକାରରେ ପାଇଛନ୍ତି,ତାର ଏକ ଗ୍ରାମପଞ୍ଚାୟତ ୱାରୀ ହିତାଧିକାରୀଙ୍କ ସମସ୍ତ ବିବରଣୀ ପ୍ରଦାନ କରିବେ କି; ଏବଂ କେଉଁ ମାନେ କେଉଁ କାରଣ ପାଇଁ ସେମାନଙ୍କ ସବସିଡି ପାଇ ପାରିନାହାଁନ୍ତି ; (ଖ ) ସୋରୋ ଓ ବାହାନଗା ଅଞ୍ଚଳରେ କେତେ ଫର୍ଟିଲାଇଜର ଏବଂ ପେଷ୍ଟିସାଇଡ ଲାଇସେନ୍ସଧାରୀ ଦୋକାନ ଅଛି, ଅନେକ ଦୋକାନରେ ନକଲି ଫର୍ଟିଲାଇଜର ଏବଂ ପେଷ୍ଟିସାଇଡ ଚଳିତ ବର୍ଷ ସାର କଳାବଜାରି ହେବାର ଅଭିଯୋଗ ହେଉଛି, କେତେ ଦିନ ବ୍ୟବଧାନରେ ଲାବଟେଷ୍ଟ ହେଉଛି ଏବଂ କେତେ ଦୋକାନରେ କଳାବଜାରି ପାଇଁ ଫାଇନ୍ କଟାଯାଇଛି ?

----

## ରାସନ କାର୍ଡରୁ ବାଦ୍ ପଡିଥିବା ହିତାଧିକାରୀଙ୍କ ତାଲିକା

2007 **ଶ୍ରୀ ମାଧବ ଧଡା (ସୋରୋ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ସୋରୋ ନିର୍ବାଚନ ମଣ୍ଡଳୀରେ ପ୍ରଚଳିତ ଖାଦ୍ୟ ସୁରକ୍ଷା ଆଇନ୍ ଅଧିନରେ ମୋଟ କେତେ ପରିବାର AAY/PHH ରାସନ୍ କାର୍ଡ ଦ୍ୱାରା ଉପକୃତ ହେଉଛନ୍ତି ଏବଂ ତନ୍ମଧ୍ୟରୁ ଅଦ୍ୟାବଧି କେଉଁ କେଉଁ କାରଣ ପାଇଁ କେତେ ହିତାଧିକାରୀଙ୍କୁ ଏଥିରୁ ବାଦ୍ ଦିଆଗଲାଣି ଏବଂ ଆଉ କେତେ ପରିବାରକୁ କେଉଁ ଆଧାରରେ କାଟିବାର ଯୋଜନା ରଖୁଛନ୍ତି ତା'ର ଏକ ଗ୍ରାମପଞ୍ଚାୟତ ୱାରୀ ତାଲିକା ପ୍ରଦାନ କରିବେ କି, ସୋରୋ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ହିତାଧିକାରୀମାନେ ଏଥିରୁ ବାଦ ପଡିଛନ୍ତି ସେମାନଙ୍କର ନାମ ଓ ବାଦପଡିବାର କାରଣର ଏକ ତାଲିକା ପ୍ରଦାନ କରିବେ କି; (ଖ) " ଖାଦ୍ୟ ସୁରକ୍ଷା ଆଇନ" ଏକ ନିରନ୍ତର ପ୍ରକ୍ରିୟା ହୋଇଥିବାରୁ ଏଥିରେ କେବେ ନୂତନ ହିତାଧୀକାରୀଙ୍କୁ Addition ଏବଂ ଅଦ୍ୟାବଧି କେଉଁ ବ୍ଲକ୍‌ର କେଉଁ ପଞ୍ଚାୟତର କେଉଁମାନେ ଏହି ରାସନ କାର୍ଡ ଅଦ୍ଦୀସନ ପାଇଁ ଆବେଦନ କରିଛନ୍ତି, ସେହି ଆବେଦନକାରୀମାନଙ୍କ ନାମ ପଞ୍ଚାୟତୱାରୀ ଓ ବ୍ଲକ୍‌ୱାରୀ ଏକ ତାଲିକା ପ୍ରଦାନ କରିବା ସହ ସେମାନଙ୍କୁ କେବେ ସୁଦ୍ଧା ଏଥିରେ ସାମିଲ କରାଯିବ ?

----

## ଧାନ କ୍ରୟର ବିବରଣୀ ପ୍ରଦାନ

2008 **ଶ୍ରୀ ମାଧବ ଧଡା (ସୋରୋ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)2024-25 ଓ 2024-25 ଆର୍ଥିକ ବର୍ଷରେ ସୋରୋ ନିର୍ବାଚନ ମଣ୍ଡଳୀର କେଉଁ PACS ରେ କେତେ ପରିମାଣର ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା, ଅଦ୍ୟାବଧି କେତେଚାଷୀ ଓ କେତେ କ୍ୱିଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିଛନ୍ତି ତାର PACS ୱାରୀ ଗ୍ରାମପଞ୍ଚାୟତୱାରୀ ଚାଷୀମାନଙ୍କର ନାମ ସହ ସମସ୍ତ ବିବରଣୀ ପ୍ରଦାନ କରିବେ କି, ଏବଂ କେତେ ଧାନ କେଉଁ ମଣ୍ଡିରେ ଉଠି ପାରିଲା ନାହିଁ ଚାଷୀ ମାନଙ୍କର ନାମ ସହିତ PACS ୱାରୀ ତଥ୍ୟ ପ୍ରଦାନ କରିବେ କି; (ଖ) ସୋରୋ ନିର୍ବାଚନ ମଣ୍ଡଳୀରେ 2024-25 ଓ 2024-25 ଆର୍ଥିକ ବର୍ଷରେ ସମୁଦାୟ କେତେ ସଂଖ୍ୟକ ଚାଷୀଙ୍କୁ ଧାନ ବିକ୍ରୟ ନିମନ୍ତେ କେତେ ପରିମାଣର ଟୋକନ୍ ଇସ୍ୟୁ କରାଯାଇଛି ଓ ଚଳିତ ୨୦୨୪-୨୫ ଖରିଫ୍ ବର୍ଷରେ ସମୁଦାୟ କେତେ ଧାନ ମଣ୍ଡି ମାଧ୍ୟମରେ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ତା'ର ଏକ PACS ୱାରୀ ବିବରଣୀ ଦେବେ କି, ଇସ୍ୟୁ ହୋଇଥିବା ଟୋକନ୍ ଅନୁଯାୟୀ ସମସ୍ତ ଧାନ କିଣାଯାଇ ଅଛି କି; ଯଦି ନାଁ ତେବେ ବଞ୍ଚିତ ଚାଷୀଙ୍କ ପାଇଁ ସରକାର କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ବିଭିନ୍ନ ସ୍କିମ୍ ବାବଦରେ ବିବରଣୀ ପ୍ରଦାନ

2009 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମ କଟକ ନିର୍ବାଚନ ମଣ୍ଡଳୀରେ ବିଜ୍ଞାନ ଓ କାରିଗରୀ ବିଭାଗ ତରଫରୁ ଉକ୍ତ ଅଞ୍ଚଳ ପାଇଁ କଣ ସବୁ ସ୍କିମ୍ ରହିଛି ?

----

## ସାର ଯୋଗାଣ ସଂପର୍କରେ

2010 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମ କଟକ ନିର୍ବାଚନମଣ୍ଡଳୀରେ ଚଳିତ ବର୍ଷ କେତେ ପରିମାଣର ସାର ଆବଶ୍ୟକ ଥିଲାଏବଂ କେତେ ସାର କେଉଁ ଲ୍ୟାମ୍ପ ରେ କେତେ ସାର ରଖାଯାଇଥିଲା ଏବଂ କେଉଁ ଚାଷୀଙ୍କୁ କେତେ ପରିମାଣରେ ସାର ଯୋଗାଇଛନ୍ତି ତାର ସବିଶେଷ ତଥ୍ୟ ବ୍ଲକୱାରି ଏବଂ ପଂଚାୟତୱାରି ପ୍ରଦାନ କରିବେକି?

----

## ଯୋଜନାର ତଥ୍ୟ

2011 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମ କଟକ ନିର୍ବାଚନମଣ୍ଡଳୀ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧିନରେ କଣ ସବୁ ଯୋଜନା ବିଗତ ଦଶ ବର୍ଷ ମଧ୍ୟରେ ହୋଇଛି ବ୍ଲକ ତଥା ପଂଚାୟତୱାରୀ ଯୋଜନାର ନାମ, ବିବରଣୀ, ମଂଜୁର କରାଯାଇଥିବା ଟଙ୍କା, ଖର୍ଚ୍ଚ ହୋଇଥିବା ଟଙ୍କା, କେତେଜଣ ଏଥିରେ ଉପକୃତ ହୋଇଚନ୍ତି, କେତେଜଣଙ୍କୁ ଋଣ ଦିଆଯାଇଛି, କେତେ ଟଙ୍କା ଋଣ ଦିଆଯାଇଛି, କେତେ ଟଙ୍କା ଛାଡ କରାଯାଇଛି ଏବଂ ଏଗୁଡିକର ପ୍ରଚାର, ପ୍ରସାର, ପ୍ରୋତ୍ସାହନ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ?

----

## ଗୋଦାମ ଗୃହ ରକ୍ଷଣାବେକ୍ଷଣ

2012 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମ କଟକ ନିର୍ବାଚନମଣ୍ଡଳୀର ପଂଚାୟତସ୍ତରରେ ପିଡିଏସ ସାମଗ୍ରୀ ରଖାଯିବା, ଖାଦ୍ୟ ଶସ୍ୟ ରଖାଯିବା ନିମନ୍ତେ ଗୋଦାମ ଗୃହ ଆଦି ରକ୍ଷଣାବେକ୍ଷଣ ସକାଶେ ସରକାରଙ୍କ କୌଣସି ପ୍ରସ୍ତାବ ରହିଛି କି, ଯଦି ହଁ ସମସ୍ତ ବିଷୟର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେକି?

----

## ବିଦ୍ୟୁତ ଆଘାତଜନିତ ମୃତକଙ୍କ ପରିବାରଙ୍କୁ କ୍ଷୟକ୍ଷତି ପ୍ରଦାନ

2013 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଦ୍ୟୁତ୍ ସଂସ୍ପର୍ଶରେ ବିଗତ ଦଶ ବର୍ଷ ମଧ୍ୟରେ କେତେ ବନ୍ୟଜନ୍ତୁ ଏବଂ ଲୋକଙ୍କର ଜୀବନ ହାନି ଘଟିଛି ତାର ପ୍ରତିକାର କଣ କରାଯାଇଛି ଏବଂ ସମ୍ପୃକ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାର ସହାୟତା କେତେଜଣଙ୍କୁ ଦେଇଛନ୍ତି ତାଙ୍କର ନାମ ଠିକଣା ଏବଂ କେତେ ସହାୟତା ପାଇଛନ୍ତି ଯେଉଁ ବିଦ୍ୟୁତ ପୋଲଗୁଡ଼ିକ (ଛଟବଡ) ସାଧାରଣ ଲୋକଙ୍କ ଜମିରେ ବିଦ୍ୟୁତ ବିଭାଗ ତରଫରୁ ସ୍ଥାପନ ହେଉଛି ଉକ୍ତ ଜମିମାଲିକଙ୍କର କ୍ଷତିଭରଣ ପାଇଁ କଣ ପ୍ରାବଧାନ ରହିଛି, ଓଡିଶାରେ ଚଳିତ ବର୍ଷସୁଦ୍ଧା ବିଦ୍ୟୁତ ପ୍ରାଇଭେଟାଇଜସନ କେବେଠାରୁ ହେଲା ଏବଂ ଉକ୍ତ ଭାଗିଦାରୀ ମାଧ୍ୟମରେ ସରକାର କଣ ସବୁ ଲାଭ ପାଇଛନ୍ତି ?

----

### Fishery Tanks

**2014 Shri Rupesh Kumar Panigrahi (Paralakhemundi):**

Will the Minister for **Fisheries & Animal Resources Development** be pleased to state that:- What is the total number of Fishery Tanks identified in Gajapati district and how many beneficiaries have received allotments for Digging Tanks and for Fish Culture, details thereof ?

----

### Installation of Solar Energy

**2015 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Which temples in the Paralakhemundi Constituency have been proposed for the Installation of Solar Energy Systems under the Central Government's SADP Scheme and what measures have been taken to make these systems functional?

----

### Initiatives to develop Horn work

**2016 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Renowned Paralakhemundi Horn work, a traditional craft of Odisha is struggling due to inadequate financial support, shortage of raw materials, limited marketing opportunities and lack of training, what special initiatives has the government undertaken for its preservation and development?

----

### Loan for the establishment of small scale industries

**2017 ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- how many beneficiaries from each Block, Municipality and NAC in Gajapati District have been provided with Loans for the establishment of small scale industries for self-employment from 2023 to 2025?

----

**Establishment of Science Park**

**2018 Shri Rupesh Kumar Panigrahi (Paralakhemundi):**

Will the Minister for **Science and Technology** be pleased to state that:- Whether steps have been taken for the establishment of a Science Park in Paralakhemundi Constituency and if so, at what stage are those steps currently?

----

**Fish Mortality**

**2019 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Fish farming has emerged as a key livelihood activity in Kalahandi, providing income and food security. With Government support through schemes like the Pradhan Mantri Matsya Sampada Yojana (PMMSY) and innovations such as IoT-enabled cage culture at the Indravati Reservoir, local communities, including women-led groups are increasingly participating in aquaculture;However, reports indicate rising incidents of pollution and fish mortality in local farm ponds and reservoirs, affecting production and farmers' incomes. In this context, will the Govt provide, the number of fish ponds developed, quantity of fish produced and beneficiaries covered under PMMSY in Kalahandi during 2024-25; Please provide the number of fish ponds and reservoirs affected by water pollution in Kalahandi during 2024-25 and estimated financial losses incurred by farmers due to this pollution?

----

**Financial Assistant for Development of DHOKRA**

**2020 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Dhokra, the ancient lost-wax metal casting craft, is practiced by artisans in Kalahandi, particularly in Kankeri village but faces challenges such as low profitability, limited market

access, declining youth interest and inadequate financial and technical support. In 2024-25, what specific schemes, such as the Assistance to Individual Artisans, Cluster Development Program and Skill Training on Handicrafts has the Ministry What in implemented to support Dhokra artisans in Kalahandi;What is the number of artisans assisted under each scheme, the number and type of trainings conducted and the toolkits or raw material support provided. Additionally, how many Artisans ID Cards have been issued in total and what specific benefits have these artisans availed through participation in government-sponsored exhibitions, fairs and markets ?

----

**Employment Opportunity in Western Odisha**

**2021 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Western Odisha has significant potential for entrepreneurship through MSMEs. These enterprises play a crucial role in promoting local employment and providing livelihood opportunities, particularly for tribal Fural communities. In recent years, schemes like the Prime Minister's Employment Generation programme (PMEGP) have aimed to enhance access to markets and Technology and promote Interpreneurship among youth. How many MSMEs have been established in Western Odisha under the PM Employment Generation Programme (PMEGP) during 2024-25 and what has been their impact on job in 10 districts of Western Odisha ?

----

**ମତ୍ସ୍ୟଚାଷୀଙ୍କ ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ପଦକ୍ଷେପ**

**2022 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯୁକ୍ତରାଷ୍ଟ୍ର ଆମେରିକାର ନୂତନ ଆର୍ଥିକ ନୀତି ଯୋଗୁଁ ରାଜ୍ୟରେ ସାମୁଦ୍ରିକ ଖାଦ୍ୟ ବ୍ୟବସାୟରେ ସମ୍ପୃକ୍ତ ଥିବା ସଂସ୍ଥାମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି ଏହାର ସିଧା ପ୍ରଭାବ ପଡ଼ିଛି ମତ୍ସ୍ୟ ଚାଷୀ ମାନଙ୍କ ଉପରେ ତେଣୁ ଏହା ସହିତ ସମ୍ପୃକ୍ତ ବ୍ୟବସାୟୀଙ୍କ ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ସ୍ଥାନୀୟ ସ୍ତରରେ ସରକାର କୌଣସି ପଦକ୍ଷେପ ନେବେ କି?

----

**ପ୍ଲାନେଟୋରୀୟମ ପ୍ରତିଷ୍ଠା**

**2024 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚନ୍ଦ୍ରାୟନ ଠାରୁ ଆରମ୍ଭ କରି ମହାକାଶ ଯାତ୍ରା,ସବୁ ମିଶନକୁ ଆମ ଦେଶ ସଫଳତାର ସହ ଅନ୍ତିମ ରୂପ ଦେଇଛି ଓଏହାକୁ ନେଇ ଶିକ୍ଷାର୍ଥିମାନେ ଅନିସନ୍ଧିତ୍ସୁ ହୋଇ ପଡିଛନ୍ତି ଶିକ୍ଷାର୍ଥି ମାନଙ୍କୁ ବିଜ୍ଞାନ ଓ ମହାକାଶ ବିଷୟରେ ଅଧିକ ଜ୍ଞାନ ପ୍ରଦାନ ପାଇଁ ବାଲେଶ୍ୱର ଜିଲ୍ଲାରେ ଏକ ପ୍ଲାନେଟୋରିଅମ ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ କି?

----

## କ୍ଷୀର ଅପମିଶ୍ରଣ ରୋକିବା ପାଇଁ ପଦକ୍ଷେପ

2025 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓମଫେଡ୍ ବ୍ୟତୀତ ସାରା ରାଜ୍ୟରେ ପ୍ୟାକେଟ କ୍ଷୀର ବଣ୍ଟନ କରୁଥିବା ଘରୋଇ କମ୍ପାନୀ ଗୁଡ଼ିକର ସଂଖ୍ୟା କେତେ ; କ୍ଷୀର ଅପମିଶ୍ରଣ ରୋକିବା ଏବଂ ଏହି କମ୍ପାନୀ ଗୁଡ଼ିକ ଦ୍ୱାରା ବଣ୍ଟନ କରାଯାଉଥିବା କ୍ଷୀର ଉତ୍ପାଦର ଗୁଣବତ୍ତା ସରକାର କ'ଣ ପଦକ୍ଷେପ ନେଇଛନ୍ତି?

----

## "କମଳାପୂଜାରୀ" ସହଭାଗିତା ଗବେଷଣା ବୃତ୍ତି ପ୍ରଦାନର ରୂପରେଖ

2026 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୃଷି ଜୈବ ବିବିଧତାର କେନ୍ଦ୍ରସ୍ଥଳ ଭାବେ ପରିଚିତ ରାଜ୍ୟର ୧୫ ଟି ଜିଲ୍ଲାର ୨୫ ଟି ବ୍ଲକରେ ବିଲୁପ୍ତ ପ୍ରାୟ ଶସ୍ୟର ପୁନରୁଦ୍ଧାର ପାଇଁ ସରକାର ପଦକ୍ଷେପ ନେଉଛନ୍ତି ଏହି ତାଲିକାରେ କେଉଁ ଜିଲ୍ଲା ଓ ବ୍ଲକ ସାମିଲ ହୋଇଛି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି; ଏହା ସହ 'କମଳାପୂଜାରୀ ସହଭାଗିତା ଗବେଷଣା ବୃତ୍ତି ପ୍ରଦାନର ରୂପରେଖ କଣ?

----

## Budget Allocation for Science & Technology Deptt

2027 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What was the Budget allocation and actual expenditure of the Science & Technology Department during the last three Financial years, year wise ?

----

## ଅସହାୟ ବିଧବା ମହିଳାଙ୍କୁ ଅନ୍ତୋଦ୍ୟୟ ଯୋଜନାରେ ସାମିଲ

2028 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଯେଉଁ ବିଧବା ମହିଳା ଅଛନ୍ତି, ଯାହାର ସେବା ବା ଭରଣ ପୋଷଣ ପାଇଁ କେହି ପୁଅ / ଝିଅ ନାହାନ୍ତି ଓ ନିଜେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସକ୍ଷମ ନୁହନ୍ତି, ସେମାନଙ୍କୁ ଚିହ୍ନଟ କରି ଅନ୍ତୋଦୟ ଯୋଜନା ମାଧ୍ୟମରେ ମାସକୁ ୩୫ କିଲୋ ଚାଉଳ ଯୋଗାଇ ଦେବାକୁ ବିଚାର କରିବେ କି ?

----

## Insulated ବିଦ୍ୟୁତ ତାର ବ୍ୟବହାର ପାଇଁ ପଦକ୍ଷେପ

2029 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀରେ ରାସ୍ତା କଡ଼ରେ ଟଣା ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ରାସ୍ତା କଡ଼ର ବୃକ୍ଷ ଆସୁଥିବାରୁ , ସେସବୁ ବୃକ୍ଷକୁ ବିଦ୍ୟୁତ ବିଭାଗ କାଟି ଶ୍ରୀହୀନ କରୁଛନ୍ତି, ବୃକ୍ଷ ରାଶି ନଷ୍ଟ ମଧ୍ୟ ହେଉଛି ଏହାର ପ୍ରତିକାର ପାଇଁ ଉକ୍ତ ସ୍ଥାନରେ Insulated ବିଦ୍ୟୁତ ତାର ଟାଣିବାର ବ୍ୟବସ୍ଥା କରିବେ କି ?

----

## Revival of Distressed MSMEs

2030 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many MSME units are presently functioning in Rourkela city and Sundargarh district, Sector, wise ; (b) How many MSME units have become defaulters or have closed down in Sundargarh district during the last three years and the details of the new schemes, policies, or declarations made by the MSME Department in the last 14 months for the promotion of entrepreneurship and revival of distressed MSMEs?

----

## Development of a comprehensive Data Bank

2031 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether the MSME Department maintains any data on the number of Scheduled Caste, Scheduled Tribe, Backward Category, and Women entrepreneurs engaged in the MSME sector in Odisha; (b) if so, with the Government provide the district-wise list, with particular reference to Rourkela city and Sundargarh district; and if such a database is not presently available, whether the Government has any plan to develop a comprehensive data bank of social category and gender-wise participation in the MSME sector in the near future?

----

## କଣ୍ଟାବାଞ୍ଜିରେ ବିଦ୍ୟୁତ କରଣ

2032 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତିକରଣ ହୋଇନଥିବା ଗ୍ରାମ, ପାଲିଗ୍ରାମ ଗୁଡିକୁ ବିଦ୍ୟୁତିକରଣ ପାଇଁ ବିଭାଗ ଦ୍ୱାରା ସର୍ଭେ କରାଯାଇଛି କି; ଯଦି ହଁ ତେବେ କେଉଁ କେଉଁ ଗ୍ରାମ ଓ ପାଲିଗ୍ରାମ ଗୁଡିକୁ ୨୦୨୪-୨୫ ଓ ୨୦୨୫-୨୬ ବର୍ଷରେ ବିଦ୍ୟୁତିକରଣ ପାଇଁ କେଉଁ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଛି, ସେଗୁଡିକର ବର୍ତ୍ତମାନ ସ୍ଥିତି କଣ; (ଖ) ସେହିପରି ୨୦୨୪-୨୫ ବର୍ଷରେ କେଉଁ କେଉଁ ଗ୍ରାମ/ ପଡାରେ ସ୍ଥାପିତ 25 ଓ 63 kv ଟ୍ରାନ୍ସଫରମର ଗୁଡିକୁ Upgrade କରାଯାଇଅଛି ଏବଂ ୨୦୨୫-୨୬ ବର୍ଷରେ Upgrade କରାଯିବା ପାଇଁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଯାଇଛି, ତାହାର ଏକ ତାଲିକା ପ୍ରଦାନ କରିବେ କି; ତୁରେକେଲା ବ୍ଲକ ଅଧିନସ୍ଥ ହିଆଁଲ ଗ୍ରା.ପ ଅନ୍ତର୍ଗତ ଖୁଟୁଲୁମୁଣ୍ଡା ଏବଂ ବୁରୋମାଲ ଗ୍ରା.ପ.ର କୁକୁଡାହାଡ ଗ୍ରାମରେ ସ୍ଥାପିତ 25 KV ଟ୍ରାନ୍ସଫରମରକୁ 63 KV ରେ Upgrade କରିବା ସଙ୍ଗେ ସଙ୍ଗେ ହିଆଁଲ ଗ୍ରାମର ସୁଖବାସି ପଡାକୁ ବିଦ୍ୟୁତିକରଣ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ କି ?

----

## ପୋଖରୀ ଖନନ ପାଇଁ ସହାୟତା

2033 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪-୨୫ ଓ ୨୦୨୫-୨୬ ବର୍ଷରେ ମାଛ ଚାଷ ପାଇଁ ନୂତନ ପୋଖରୀ ଖୋଳା (ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବି କଲ୍ୟାଣ) ଯୋଜନା ଅର୍ନ୍ତଗତ ମତ୍ସ୍ୟ ଚାଷ ପାଇଁ ପୋଖରୀ ଖୋଳିବା ନିମନ୍ତେ ବଲାଙ୍ଗିର ଜିଲ୍ଲାର କେତେଜଣ ଇଚ୍ଛୁକ ହିତାଧିକାରୀଙ୍କ ଅନ-ଲାଇନ୍ କିମ୍ବା ବ୍ଲକ ସ୍ତରୀୟ କାର୍ଯ୍ୟାଳୟ ଜରିଆରେ ଆବେଦନ ପ୍ରାପ୍ତ କରିଛନ୍ତି ; ସେଥିମଧ୍ୟରୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧିନସ୍ଥ କେଉଁ କେଉଁ ଗ୍ରାମର ଚାଷୀଙ୍କୁ ନୂତନ ପୋଖରୀ ଖୋଳିବା ଓ ମତ୍ସ୍ୟ ଚାଷ ପାଇଁ ଆର୍ଥିକ ସହାୟତା ଏବଂ ସବସିଡି ପ୍ରଦାନ କରାଯାଇଛି, ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେକି ?

----

## ନୂତନ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା

2034 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୫-୨୬ ବର୍ଷାରେ ବଲାଙ୍ଗିର ଜିଲ୍ଲାର କେଉଁ କେଉଁ ଗ୍ରାମ ପଂଚାୟତରେ କୃଷିଜାତ ଦ୍ରବ୍ୟକୁ ବିପଣନ ତଥା ସଂରକ୍ଷଣ କରିବା ପାଇଁ ନିୟନ୍ତ୍ରୀତ ବଜାର କମିଟୀ ଦ୍ୱାରା ନୂତନ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା କରିବା ନିମନ୍ତେ ସରକାର ଲକ୍ଷ ରଖିଛନ୍ତି; ଏଥି ସକାଶେ ବିଭାଗ ତରଫରୁ ସର୍ଭେ କିମ୍ବା ସମ୍ଭାବ୍ୟତା ଅଧ୍ୟୟନ କରାଯାଇଛି କି; (ଖ) କଣ୍ଟାବାଞ୍ଜି ନିୟନ୍ତ୍ରିତ ବଜାର କମିଟୀ ଦ୍ୱାରା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଗ୍ରାମ ପଂଚାୟତ ସ୍ତରରେ ନୂତନ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ?

----

## ଧାନ ଖଳା ନିର୍ମାଣ

2035 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବିଗତ ୫ ବର୍ଷରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସ୍ଥାନରେ ଧାନ ଖଳା ନିର୍ମାଣ କରାଯାଇଛି; ଉକ୍ତ ଖଳା ନିର୍ମାଣ ପାଇଁ ପ୍ରକଳ୍ପ ଓ୍ୱାରୀ କେତେ ଅର୍ଥ ପ୍ରଦାନ କରାଯାଇଥିଲା କେଉଁ ବିଭାଗ ଜରିଆରେ କେଉଁ ଠିକାଦାର ବା ବ୍ୟକ୍ତିଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନ କରାଯାଇଛି, ତାହାର ପ୍ରକଳ୍ପ ୱାରୀ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି; (ଖ) ୨୦୨୫-୨୬ ବର୍ଷରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସ୍ଥାନରେ ଧାନଖଳା ନିର୍ମାଣ ପାଇଁ ପ୍ରସ୍ତାବ ପ୍ରାପ୍ତ କରିଛନ୍ତି ?

----

## ସମବାୟ ସମିତିର ସବିଶେଷ ତଥ୍ୟ ପ୍ରଦାନ

2036 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ସମବାୟ ସମିତି (PACS) ବ୍ୟତିତ ସମୁଦାୟ କେତେଗୋଟି ମତ୍ସ୍ୟଜୀବି, ବୁଣାକାର ଓ ଅନ୍ୟାନ୍ୟ ସମବାୟ ସମିତି ପଞ୍ଜିକୃତ ହୋଇଅଛି ଓ ସେଥିରେ ପୃଥକ ପୃଥକ ଭାବେ କେତେ ସଂଖ୍ୟକ ସଭ୍ୟା/ ସଭ୍ୟ ଅଛନ୍ତି ?

----

## Employment Schemes on the State

2037 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- In order to create ample employment opportunity in the State is there any specific schemes, programmes and activities devised for engagement of unemployed youths; if so, will the govt. explain the size of employment to be created under such schemes on activities and by what time ?

----

## 33/11 KV ସବଷ୍ଟେସନ ନିର୍ମାଣ

2038 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲାରେ ବର୍ଦ୍ଧିତ ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ଅନୁଯାୟୀ ଏକ ନୂତନ 33/11 ସବଷ୍ଟେସନ ନିର୍ମାଣ ପାଇଁ ନିଷ୍ପତ୍ତି ନେବେ କି ?

----

## ନୂତନ ବିଦ୍ୟୁତ ସଂଯୋଗ ଖର୍ଚ୍ଚ ବହନ

2039 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂତନ ଜନବସତି କିମ୍ବା ନୂତନ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଦେବା ନିମନ୍ତେ ବିଦ୍ୟୁତ୍ ବିତରକ ସଂସ୍ଥା ଆବଶ୍ୟକୀୟ ବିଦ୍ୟୁତ ଖୁଣ୍ଟ, କଣ୍ଡକ୍ଟର ଇତ୍ୟାଦି ବାବଦକୁ ଖର୍ଚ୍ଚ ନିଜେ ବହନ ନକରି ଉପଭୋକ୍ତାଙ୍କ ଅର୍ଥରେ ଭରଣା ହେଉଥିବାରୁ ଅନେକ ଗରିବଲୋକ ବହୁ ଅସୁବିଧାର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ବିଦ୍ୟୁତ ନେବା ପାଇଁ ନିଜର ଅକ୍ଷମତା ପ୍ରକାଶ କରୁଥିବା ସରକାରଙ୍କ ଦୃଷ୍ଟି ଗୋଚର ହୋଇଛି କି; ପରବର୍ତ୍ତି ସମୟରେ ଉକ୍ତ ଲାଇନ୍ ସରକାର/ ବିତରକ ସଂସ୍ଥାର ସମ୍ପତ୍ତି ଭାବେ ଅଭିହିତ ହେଉଥିବାରୁ ଓ ସେଥିରୁ ମାସିକ ଆୟକରୁଥିବାରୁ ନୂତନ ବିଦ୍ୟୁତ ସଂଯୋଗ ବାବଦକୁ ସମସ୍ତ ଖର୍ଚ୍ଚ ବିତରକ ସଂସ୍ଥା/ସରକାର ବହନ କରିବା ପାଇଁ ବିଚାର କରିବେ କି ?

----

## କୃଷିଜାତ ଦ୍ରବ୍ୟର ସହଜ ବିକ୍ରୀ ପାଇଁ ପଦକ୍ଷେପ

2040 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗହମ, ଡାଲି ଜାତୀୟ ଶସ୍ୟ, ତୈଳବୀଜ ସହିତ ବିଲାତି ପରି କେତେକ କୃଷିଜାତ ଦ୍ରବ୍ୟର ଅଭାବି ବିକ୍ରୀର ଅଭିଯୋଗ ଆସିଥାଏ, ଏହାର ନିରାକରଣ ସକାଶେ ରାଜ୍ୟର ବିଭିନ୍ନ ସ୍ଥାନରେ ମଣ୍ଡି ସ୍ଥାପନ କରି, ସମସ୍ତ କୃଷିଜାତ ଦ୍ରବ୍ୟର ସହଜ ବିକ୍ରି ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ଆବଶ୍ୟକ ସ୍ଥଳେ କ୍ଷତି ଭରଣା ପାଇଁ ସରକାରୀ ପ୍ରୋତ୍ସାହନ ଦେବାକୁ ବିଚାର କରିବେ କି ?

----

## ଶୁକ୍ରାଣୁ ଯୋଗାଣ

2041 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଚ୍ଚମାନର ଶୁକ୍ରାଣୁର ଅଭାବ ପାଇଁ ରାଜ୍ୟରେ ଗାଈ ବନ୍ଧ୍ୟା ହେଉଥିବାର ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି କି ; ଯଦି ହଁ ତାର ପ୍ରତିକାର କରିବା ସାଙ୍ଗକୁ ରାଜ୍ୟର ସମସ୍ତ ଜିଲ୍ଲାକୁ ଆବଶ୍ୟକ ମୁତାବକ ଶୁକ୍ରାଣୁ ପହଁଚାଇବା ପାଇଁ କ'ଣ କ'ଣ ପଦକ୍ଷେପ ନେଇଛନ୍ତି ?

----

## ଉଦ୍ୟୋଗ ପ୍ରତିଷ୍ଠା

2042 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୪ ବର୍ଷ ବେଳକୁ ରାଜ୍ୟର କେଉଁ ସ୍ଥାନରେ କେତୋଟି ମଧ୍ୟମ, କ୍ଷୁଦ୍ର ଓ ସୂକ୍ଷ୍ମ ଉଦ୍ୟୋଗ ଥିଲା ଏବଂ ଇତିମଧ୍ୟରେ ସରକାର ଆଉ କେତେ ନୂତନ ଉଦ୍ୟୋଗ ପ୍ରତିଷ୍ଠା କରିଛନ୍ତି, ତାର ଏକ ଜିଲ୍ଲା, ଅଞ୍ଚଳ ଓ ଉଦ୍ୟୋଗ ୱାରୀ ଏକ ବିବରଣୀ ପ୍ରଦାନ କରିବେ କି, (ଖ) ଏ ସବୁ ଉଦ୍ୟୋଗରେ ପୂର୍ବରୁ କେତେ ନିଯୁକ୍ତି ଦିଆ ଯାଇଥିଲା ଓ ଇତି ମଧ୍ୟରେ କେତେ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି ?

----

## ଧାନ କ୍ରୟ ପାଇଁ ପଦକ୍ଷେପ

**2043 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗତ ବର୍ଷ ପଞ୍ଜିକୃତ ଚାଷୀ ବିକ୍ରି କରିବାକୁ ଚାହୁଁଥିବା ଖରିଫ ଧାନକୁ ପୁରାମାତ୍ରାରେ ସରକାର ନ କିଣିବାରୁ, ଚାଷୀ କ୍ଷତିଗ୍ରସ୍ତ ହେବା ଓ ବାହାର ରାଜ୍ୟକୁ ଧାନ ଚୋରାରେ ବିକ୍ରି ହେବାର ଖବର ଆସିଛି, ଏହାକୁ ସରକାର ସ୍ୱୀକାର କରୁଛନ୍ତି କି, ଯଦି ହଁ ଏପରି ଅବ୍ୟବସ୍ଥା ପାଇଁ ଦାୟୀ କିଏ ଓ ତାଙ୍କ ବିରୁଦ୍ଧରେ କି ପଦକ୍ଷେପ ନେଇଛନ୍ତି, (ଖ) ଏ ସମସ୍ୟାର ପୁନରାବୃତ୍ତି ଯେପରି ନ ହେବ, ସେ ଦିଗରେ ସରକାର କି କି ପ୍ରତିଶେଧକ ବ୍ୟବସ୍ଥା କରିଛନ୍ତି ?

----

## ନୀଳମାଧବ ମନ୍ଦିରର ଆଲୋକିକରଣ

**2044 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର କଣ୍ଟିଲୋ ଠାରେ ଥିବା ଶ୍ରୀ ନୀଳମାଧବ ମନ୍ଦିରରେ ବିଦ୍ୟୁତ୍ ବ୍ୟାହତ ସମୟରେ ଆଲୋକୀକରଣ ସୁବିଧା ପାଇଁ ଓରେଡା (OREDA) ଜରିଆରେ ପଦକ୍ଷେପ ଗ୍ରହଣ କରାଯିବ କି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ କି ?

----

## ମତ୍ସ୍ୟଜିବୀ କଲ୍ୟାଣ ପାଇଁ ପଦକ୍ଷେପ

**2045 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ମତ୍ସ୍ୟଜିବୀମାନଙ୍କ ପାଇଁ କଲ୍ୟାଣକାରୀ ଯୋଜନା ଓ କି କି ସୁବିଧା ପ୍ରଦାନ କରାଯାଇଛି ସୂଚନା ଦେବେ କି, ମତ୍ସ୍ୟ ଚାଷ ଉପରେ ଜୀବିକା ନିର୍ବାହ କରୁଥିବା ଅଧିକାରୀମାନଙ୍କୁ ବିଭାଗୀୟ ସୁବିଧା ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ କି, ଖଣ୍ଡପଡା ରସିଧାମୂଳା, କରବର, କଣ୍ଟିଲୋ, ବାହାଡା, ପଦ୍ମାବତୀ ଅଞ୍ଚଳର ମତ୍ସ୍ୟଜିବୀଙ୍କୁ ସୁବିଧା ପରିସରଭୁକ୍ତ କରାଯାଇଛି କି ?

----

## ବୟନ ଶିଳ୍ପୀଙ୍କ ଥଇଥାନ

**2046 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ତେନ୍ତୁଳିଆପଲ୍ଲୀ, ବାଇଗୁଣିଆଁ, ଜାନୁସାହି, କଇଁଫୁଲିଆ ଗ୍ରାମ ଗୁଡିକରେ ଥିବା ବୟନ ଶିଳ୍ପୀ ମାନଙ୍କୁ ଥଇଥାନ ଓ ସେହି ଶିଳ୍ପର ବିକାଶ ପାଇଁ ବିଭାଗୀୟ ପଦକ୍ଷେପ ନିଆଯିବ କି ?

----

## ଗୋଦାମ ଘରର ପୁନଃରୁଦ୍ଧାର

**2047 ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ସହରାଞ୍ଚଳର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ସମବାୟ ସମିତିର ଗୋଦାମ ଘରଟି ଭାଙ୍ଗି ରୁଜି ଯାଇଥିବାବେଳେ ଏଠାରେ ବାଣିଜ୍ୟିକ ବଜାର ପାଇଁ ନିର୍ମାଣ କରିବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ କି ?

----

## ସମବାୟ ବିଭାଗର କାର୍ଯ୍ୟ

**2048 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନବରଙ୍ଗପୁର ଜିଲ୍ଲାର 13ଟି LAMPS କୁ 2024-25 ଓ 2025-26 ଆର୍ଥିକ ବର୍ଷରେ କେତେ ଟଙ୍କାର ଅର୍ଥ ଓ ସାର କେତେଜଣ ଚାଷୀଙ୍କୁ କାରବାର କରାଯାଇଅଛି ତାହାର ତାଲିକା ଚାଷୀଓ୍ୱାରୀ ପ୍ରଦାନ କରିବେ କି ?

----

## ବୟନ ଶିଳ୍ପ ବିଭାଗର କାର୍ଯ୍ୟ

**2049 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏହି ବିଭାଗଦ୍ୱାରା କେଉଁ କାର୍ଯ୍ୟ ପାଇଁ କେତେ ଅର୍ଥ ଖର୍ଚ୍ଚ କରାଯାଇଅଛି ତାହାର ତାଲିକା ଯୋଜନାଓ୍ୱାରୀ ପ୍ରଦାନ କରିବେ କି ?

----

## ବିଭାଗର ବ୍ୟୟ ବରାଦ

**2050 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏହି ବିଭାଗଦ୍ୱାରା କେତେ ଅର୍ଥ କେଉଁ ବାବଦରେ ଖର୍ଚ୍ଚ ପାଇଁ ବ୍ୟୟ ବରାଦ ହୋଇଅଛି ଓ ତାହାର ସବିଶେଷ ବିବରଣୀ ପ୍ରକଳ୍ପଓ୍ୱାରୀ ପ୍ରଦାନ କରିବେ କି ?

----

## ପ୍ରାଣୀ ସମ୍ପଦ ବିଭାଗର ବ୍ୟୟ ବରାଦ

**2051 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏହି ବିଭାଗଦ୍ୱାରା କେତେ ଅର୍ଥ କେଉଁ ବାବଦରେ ଖର୍ଚ୍ଚ ପାଇଁ ଦିଆଯାଇଥିଲା ତାହା ଶବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଚିଙ୍ଗୁଡି ଉତ୍ପାଦନ

**2052 ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେତେ ମତ୍ସ୍ୟ ଓ ଚିଙ୍ଗୁଡି ଉତ୍ପାଦନ ହୁଏ କେଉଁ କେଉଁ ରାଜ୍ୟକୁ କେତେ ରପ୍ତାନୀ କରାଯାଏ ଓ କେଉଁ କେଉଁ ଦେଶ କୁ କେତେ ରପ୍ତାନୀ ହୁଏ ତାର ବିବରଣୀ ସରକାରଙ୍କ ପାଖରେ ଅଛି କି, ଯଦି ହଁ, ତା ହେଲେ ତଥ୍ୟ ଦେବେ କି, (ଖ) ସାଂପ୍ରତିକ ପରିସ୍ଥିତିରେ ଆମେରିକାକୁ ଯାଉଥିବା ମତ୍ସ୍ୟ ଓ ଚିଙ୍ଗୁଡି ରପ୍ତାନୀ ବନ୍ଦ ହେବା ପରେ କେତେ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି ଓ ବିକଳ୍ପ ବଜାରୀ କରଣ କଣ ପଦକ୍ଷେପ ନିଆଯାଉଛି ?

----

## ଖାଉଟି ଅଦାଲତରେ ପଦବୀ ପୂରଣ

2053 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଥିବା ଖାଉଟୀ ମୀମାଂସ ପୀଠ ଗୁଡିକରେ କେତେ ମାମଲା ପଡିଛି ତାର ସମାଧାନ ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି, (ଖ) ରାଜ୍ୟରେ ଖାଉଟୀ ଅଦାଲତ ଗୁଡିକରେ କେତେ ପଦବୀ ଖାଲି ପଡିଛି ଓ 15 ମାସ ମଧ୍ୟରେ କେତେ ପୂରଣ କରିଛନ୍ତି ତାର ତାଲିକା ପ୍ରଦାନ କରିବେ କି ?

----

## ହସ୍ତତନ୍ତ ଶିଳ୍ପର ପ୍ରଚାର ପ୍ରସାର

2054 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବୟନ ଶିଳ୍ପ, ହସ୍ତତନ୍ତ ଓ ହସ୍ତ ଶିଳ୍ପର ପ୍ରସାର ସହ ଉତ୍ପାଦିତ ସାମଗ୍ରୀର ବଜାରୀକରଣ ପାଇଁ ରାଜ୍ୟ ସରକାର ଚଳିତ ବର୍ଷ କଣ ପଦକ୍ଷେପ ନେଇଛନ୍ତି ତାର ବିବରଣୀ ପ୍ରଦାନ କରିବେ କି ?

----

## ୟୁରିଆ ସାର ଯୋଗାଣ

2055 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେତେ ୟୁରିଆ ସାରର ଆବଶ୍ୟକତା ଅଛି କେତେ ସାର ରାଜ୍ୟରେ ଗଚ୍ଛିତ ଥିଲା ଓ କେତେ ବଣ୍ଟନ କରାଯାଇଛି, ସାରର ଅଭାବ ଦୂର ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି, (ଖ)ସାରର ବ୍ୟାପକ କଳାବଜାରୀ ଓ ଚଢା ଦରରେ ୟୁରିଆ ସାରର ବିକ୍ରୀ ରୋକିବା ପାଇଁ ପଦକ୍ଷେପ ନେଇଛନ୍ତି ?

----

## Free Electricity to Farmers

2056 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Is there any proposal of State Govt. to provide free Electricity up to 300 unit for domestic use, (b) is there any proposal of the State Govt. to provide free electricity to farmers for agricultural

purpose ?

----

## ଖାଲି ପଦବୀ ପୂରଣ

2057 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବିଗତ 15 ମାସ ମଧ୍ୟରେ କୃଷି ବିଭାଗ ତରଫରୁ ଖାଲିଥିବା ପଦବୀ ପୂରଣ କରାଯାଇଛି ଓ କୃଷି ବିଭାଗର ମଞ୍ଜୁରୀ ପ୍ରାପ୍ତ ବିଭିନ୍ନ ବର୍ଗର ପଦବୀ ସଂଖ୍ୟା କେତେ ଓ ବର୍ତ୍ତମାନର ସ୍ଥିତିକଣ ତାର ପଦବୀ ୱାରୀ ତାଲିକା ପ୍ରଦାନ କରିବେ କି ?

----

## Establishment of Agricultural College

2058 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- Is the Govt. aware about the demand for establishment of a Agriculture College and Research Centre in Baleswar And the Baleswar Agriculture College & Research Centre Action Committee is agetating to press this demand, if so, will the Govt. Consider for establishment of Agriculture College & Research centre at Baleswar ?

----

## ଚାଷୀଙ୍କୁ କ୍ଷତି ପୂରଣ

2059 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଗତ 2024 ଡିସେମ୍ବର ମାସରେ ଅଦିନିଆ ବର୍ଷାରେ ଗଞ୍ଜାମ ଜିଲ୍ଲାରେ କେତେ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ, କେତେଜଣ ଚାଷୀ ବୀମା କମ୍ପାନୀ ଦ୍ୱାରା କ୍ଷତିପୂରଣ ରାଶି ପାଇଛନ୍ତି ଓ କେତେ ଜଣ ଚାଷୀ ଏ ପର୍ଯ୍ୟନ୍ତ ବୀମା ରାଶି ପାଇ ନାହାନ୍ତି, ଏବଂ ବଞ୍ଚିତ ଚାଷୀ ମାନଙ୍କ ସହାୟତା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## ଧାନ ବିକ୍ରୟ ସମ୍ପର୍କରେ

2060 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଚଳିତ ବର୍ଷ ଖରିଫ ଧାନ କ୍ରୟ ନିମିତ୍ତ ରାଜ୍ୟର କେଉଁ ଜିଲ୍ଲାରେ କେଉଁ କେଉଁ ଚାଷୀ କେତେ ଧାନ ସମବାୟ ମାଧ୍ୟମରେ ବିକ୍ରୟ କରିବା ପାଇଁ ପଞ୍ଜିକୃତ ହୋଇଛନ୍ତି ତାର ଜିଲ୍ଲାୱାରୀ ସାରଣୀ ପ୍ରଦାନ କରିବେ କି ?

----

## ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ପଦକ୍ଷେପ

**2061 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାରମ୍ବା ଗ୍ରାମବାସୀ ଅନୁରୋଧ ସତ୍ତ୍ୱେ ଦେବଗଡ ଜିଲ୍ଲା ବାରକୋଟ ବ୍ଲକ ବସାଲଇ ପଞ୍ଚାୟତ ଅନ୍ତର୍ଗତ ଅସନନାଳି ଗ୍ରାମ୍ୟ ମଧ୍ୟ ଭାଗରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ଟିକୁ ସ୍ଥାନାନ୍ତରଣ କରାଯାଉନାହିଁ, କେବେସୁଦ୍ଧା ଉକ୍ତ ବିପଦସଙ୍କୁଳ ଅବସ୍ଥାରେ ଗ୍ରାମ ମଧ୍ୟରେ ଥିବା ଟ୍ରାନ୍ସଫର୍ମର ଟିକୁ ସ୍ଥାନାନ୍ତରିତ କରାଯିବ ?

----

## ପ୍ରସ୍ତାବିତ ଫୁଡ୍ ପ୍ରୋସେସିଙ୍ଗ ୟୁନିଟ୍ ର ବର୍ତ୍ତମାନ ସ୍ଥିତି

**2062 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ ଜିଲ୍ଲାରେ ବହୁ ବର୍ଷ ପୂର୍ବରୁ ସରକାରଙ୍କ ଦ୍ୱାରା ଜମି ଚିହ୍ନଟ ହୋଇ ଏକ ମେଗା ଫୁଡ୍ ପ୍ରୋସେସିଙ୍ଗ ୟୁନିଟ୍ ବାରକୋଟ ବ୍ଲକ ଅନ୍ତର୍ଗତ ବଡକୁଦର ଠାରେ ହେବାପାଇଁ ସ୍ଥିରିକୃତ ହୋଇଥିଲା ତା'ର ବର୍ତ୍ତମାନର ସ୍ଥିତି କ'ଣ, ଏବଂ କେବେସୁଦ୍ଧା ତା'ର କାର୍ଯ୍ୟକାରୀ ହେବ ?

----

## ବାଦାମ ଚାଷ ଏବଂ ବିକ୍ରୟ ସମ୍ପର୍କରେ

**2063 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ଦେବଗଡ ଜିଲ୍ଲାରେ କେତେଜଣ ବାଦାମ ଚାଷୀଙ୍କ ଠାରୁ କେତେ ପରିମାଣର ବାଦାମ କ୍ରୟ କରାଯାଇଅଛି, ତା'ର ଚାଷୀଙ୍କ ନାମ ସହ ବିକ୍ରି ପରିମାଣ ପ୍ରକାଶ କରିବେ କି, ଏବଂ ତତ୍ ସହିତ ଅନେକ ଚାଷୀ ବିକ୍ରିରୁ ବଞ୍ଚିତ ହୋଇ କମ୍ ଦାମରେ ବେପାରୀଙ୍କୁ ଦେଇ କ୍ଷତିଗ୍ରସ୍ତ ହୋଇଛନ୍ତି ଏଣୁ ଆସନ୍ତା ବର୍ଷ ପାଇଁ ଯେମିତି ସମସ୍ତ ଚାଷୀ ସରକାରଙ୍କ ଜରିଆରେ ବିକ୍ରି କରି ଲାଭବାନ୍ ହୋଇପାରିବେ ତା ପାଇଁ କ'ଣ ବ୍ୟବସ୍ଥା କରାଯାଉଅଛି ?

----

## Increase Power Generation Capacity

**2064 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether it is a fact that the Government has taken steps to increase the capacity of power generation and strengthen the load flow through the State Grid in Odisha to match the increasing power demand over the next three years; (b) if so, what is the present capacity of power generation in Odisha and the expected increase in power generation in the next three years; and whether the Government has taken adequate steps to encourage and accommodate new private players in power generation in the State, and if so, the details thereof ?

----

## Participation of Women in FPOs

2065 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether it is a fact that Farmer Producers' Organizations (FPOs) perform better under women leadership; if so, the steps taken by the State Government to promote the participation of women in FPOS; (b) The steps taken by the State Government to promote FPOs in general; and the district-wise, Block-wise list of the number of FPOs set up in Odisha ?

----

## Steps Taken for Implementation of Advance Technology

2066 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the details of specific financial allocations made by the State Government towards research and development in emerging technologies such as quantum computing, artificial intelligence (AI), and robotics in the last three years; (b) whether the State Government has established or proposes to establish dedicated research institutions or innovation hubs to focus on the development of quantum computing, AI, and robotics, and if so, the details thereof ; and the support mechanisms provided by the State Government for startups working on innovations in quantum computing, AI, and robotics, including grants, funds, and tax incentives, and the number of such startups that have received Government support in the last three years ?

----

## Horticulture Product in Odisha in 2025

2067 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The details of horticulture crops production in Odisha during 2024-25, district-wise; whether horticulture crop production deceasing in spite of increase in crop area; if so, the reasons there for ; (b) The reasons behind any decrease in production of vegetables in the State compared to Andhra Pradesh, Tamil Nadu, the reasons for decline in onion production in Odisha during the last three years; and the efforts being made by the State Government to enhance horticulture production in Odisha ?

----

## ଫୁଲ ଚାଷୀଙ୍କୁ ପ୍ରୋତ୍ସାହନ

2068 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲାରେ ବାର୍ଷିକ କେଉଁ କିସମର କେତେ ତୈଳବୀଜ ଓ ଡାଲି ଜାତୀୟ ଫସଲ ଚାଷ ହେଉଥିବା ବେଳେ କେତେ ଫୁଲ ଚାଷ ହେଉଛି ପ୍ରକାଶ କରି ଜିଲ୍ଲାରେ ଡାଲି, ତୈଳବୀଜ, ଫୁଲ ଓ ପନିପରିବା ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନିଆଯାଉଅଛି, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଚାଷୀମାନେ ଉପକୃତ ହୋଇଛନ୍ତି ?

----

## ବସ୍ତ୍ର/ ପୋଷାକ ଉତ୍ପାଦନ ସମ୍ପର୍କରେ

2069 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବାର୍ଷିକ କେଉଁ କେଉଁ ପ୍ରକାରର ଓ କି କି ବସ୍ତ୍ର/ପୋଷାକ ସାମଗ୍ରୀ କେତେ ପରିମାଣର ଓ କେତେ ମୂଲ୍ୟର ବ୍ୟବହୃତ ହୋଇଥାଏ ; ସମ୍ପୃକ୍ତ ବ୍ୟବହୃତ ସାମଗ୍ରୀ ମଧ୍ୟରୁ କେତେ ପରିମାଣ ଓ କେତେ ମୂଲ୍ୟର ସାମଗ୍ରୀ ରାଜ୍ୟରେ ଉତ୍ପାଦିତ ହୋଇଥାଏ ଓ କେତେ ରାଜ୍ୟ ବାହାରୁ ଏବଂ ବିଦେଶରୁ ଆମଦାନୀ ହୋଇଥାଏ ସେ ସମ୍ପର୍କୀତ ତଥ୍ୟ ବିଭାଗ ନିକଟରେ ଉପଲବ୍ଧ କି ନାହିଁ ତାହା ପ୍ରକାଶ କରିବେ କି ; ଯଦି ଉପଲବ୍ଧ ତେବେ ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ; ଯଦି ନାହିଁ ତେବେ ବିଭାଗ ନିକଟରେ ଏ ସମ୍ପର୍କୀତ ତଥ୍ୟ ଜାଣିବାର ଆବଶ୍ୟକତା ରହିଛି କି ନାହିଁ ; ଯଦି ଆବଶ୍ୟକତା ରହିଛି ତେବେ ଏ ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ନିମନ୍ତେ ନିର୍ଦ୍ଦିଷ୍ଟ ଭାବେ କି କି ପଦକ୍ଷେପ କେବେଠାରୁ ଗ୍ରହଣ କରାଯାଇଛି ?

----

## ଗୋଶାଳା ନିର୍ମାଣ

2070 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ଜିଲ୍ଲାରେ କେତୋଟି ଗୋଶାଳା ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି ଓ ଏହାର କାର୍ଯ୍ୟକାରୀତା ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଅଛି, ଏହାର ବର୍ତ୍ତମାନ ସ୍ଥିତି କଣ ?

----

## ଲାଭାନ୍ୱିତ ହିତାଧିକାରୀଙ୍କ ନାମ

2071 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୁରଭଞ୍ଜ ଜିଲ୍ଲା CDVO ଙ୍କ ଦ୍ୱାରା ଗତ ୫ ବର୍ଷରେ Training Programme ବାବଦରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ଏବଂ ଏଥିରେ ଲାଭାନ୍ୱିତ ହିତାଧିକାରୀଙ୍କ ନାମ ପ୍ରକାଶ କରିବେ କି ?

----

## ରାସନ କାର୍ଡ ପ୍ରଦାନ

2072 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଅଛି, ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଅଛି, ଅଯୋଗ୍ୟ ହିତାଧିକାରୀ ରାସନ କାର୍ଡ ପାଉଛନ୍ତି କିଭଳି, ଏଥିପାଇଁ ଦାୟି କିଏ, ଦୋଷିଙ୍କ ବିରୁଦ୍ଧରେ ସରକାର ବର୍ତ୍ତମାନ ସୁଦ୍ଧା କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ଫସଲ କ୍ଷୟକ୍ଷତିର ଆକଳନ

2073 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ତୁହାକୁ ତୁହା ଲଘୁଚାପ ଜନିତ ମୌସୁମୀ ବର୍ଷା ଯୋଗୁଁ ରାଜ୍ୟର କେଉଁ କେଉଁ ଜିଲ୍ଲାର କେତେ ହେକ୍ଟର ଚାଷ ଜମି ଉଜୁଡି ଯାଇଛି, ତାହାର ଜିଲ୍ଲାୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ମାଛ ଚାଷୀଙ୍କୁ ପ୍ରୋତ୍ସାହନ

2074 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଉପକୂଳବର୍ତ୍ତି କେଉଁ କେଉଁ ଜିଲ୍ଲାର କେତେ ଜଣ ମତ୍ସ୍ୟ ଚାଷୀ ଚିହ୍ନଟ ହୋଇଛନ୍ତି, ମତ୍ସ୍ୟ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଧାନ ମାନ ନିର୍ଦ୍ଧାରଣ

2075 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସମବାୟ ସମିତି ଅଧିନରେ କେତୋଟି ପ୍ୟାକ୍ସ ଓ ଲ୍ୟାମ୍ପସ୍ ଜରିଆରେ ଧାନ ସଂଗ୍ରହ କରାଯାଉଅଛି, ଗଇଛ ମାନ ନିର୍ଦ୍ଧାରଣ ପାଇଁ କେତୋଟି ଧାନମଣ୍ଡି କେଉଁ ପ୍ରକାର ଯାନ୍ତ୍ରିକ ବ୍ୟବସ୍ଥା ରହିଛି ?

----

## DEO ମାନଙ୍କ ପଦୋନ୍ନତି

2076 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଷୋଡଶ ବିଧାନସଭାର ପଞ୍ଚମ ଅଧିବେଶନରେ ମାନ୍ୟବର ସଦସ୍ୟ ମୁକେଶ ମହାଲିଙ୍ଗଙ୍କ ଅଣତାରକା ପ୍ରଶ୍ନ ସଂଖ୍ୟା- ୧୪୦୫ ର ଉତ୍ତରରେ ମାନ୍ୟବର ମନ୍ତ୍ରୀ ସମବାୟ ସମିତିରେ କାର୍ଯ୍ୟରତ DEO ମାନଙ୍କୁ Asst. Secretary ଭାବରେ କାର୍ଯ୍ୟ କରିବା ପାଇଁ ସମବାୟ ନିବନ୍ଧକଙ୍କ ଚିଠି ସଂଖ୍ୟା ୨୧୨୪୨ ତା.୨୬.୯.୨୦୧୯ ରେ specific ନିର୍ଦ୍ଦେଶ ଥିବା ସ୍ପଷ୍ଟ କରିଥିଲେ, ଏଣୁ ସରକାର ଅନୁଗ୍ରହ କରି କହିବେ କି ଆଜି ପର୍ଯ୍ୟନ୍ତ ରାଜ୍ୟରେ ସମବାୟ ସମିତି ଗୁଡିକରେ କାର୍ଯ୍ୟରତ DEO ମାନଙ୍କୁ Asst. Secretary ପଦବୀକୁ ପଦୋନ୍ନତି ଦିଆଯାଇଛି, ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ କେଉଁ କେଉଁ ଜିଲ୍ଲାରେ ଏହା କେଉଁ କାରଣ ପାଇଁ କାର୍ଯ୍ୟକାରୀ ହୋଇନାହିଁ ?

----

## ବନ୍ଦ ହୋଇଥିବା ରାଇସ ମିଲ

2077 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜିଗତସିଂହପୁର ଜିଲ୍ଲାରେ କେଉଁ ବ୍ଲକରେ କେତେଗୋଟି ରାଇସ ମିଲ ଚାଲୁରହିଛି ସେଥିମଧ୍ୟରୁ କେତୋଟି ବନ୍ଦ ରହିଛି ?

----

## ଗୋମିତ୍ରମାନଙ୍କୁ Attendant ପଦବୀରେ ନିଯୁକ୍ତି

2078 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଭାଗୀୟ ପତ୍ର ସଂଖ୍ୟା 785/F&ARD - VE2-13V005.2018/F&ARD ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ଗୋମିତ୍ରମାନଙ୍କୁ Attendant ପଦବୀରେ ବିଭିନ୍ନ ଜିଲ୍ଲାରେ ଦୁଇଟି phase ରେ ମୋଟ 132 ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ସତ୍ୟ କି, ଯଦି ଉତ୍ତର ହଁ ହୁଏ, ତେବେ ସେହି ଗୋମିତ୍ରମାନଙ୍କ ମଧ୍ୟରୁ ଅନ୍ୟ ଯେଉଁମାନେ Attendant ପଦବୀରେ ନିଯୁକ୍ତି ପାଇବାରୁ ବଂଚିତ ହୋଇଛନ୍ତି ସେମାନଙ୍କ ସଂଖ୍ୟା କେତେ, ଏବଂ ସେମାନଙ୍କର ସମସ୍ୟାକୁ ହୃଦୟଙ୍ଗମ କରି ସେମାନଙ୍କୁ କେବେସୁଦ୍ଧା ଉକ୍ତ ପଦବୀରେ ନିଯୁକ୍ତି ଦେବେ ?

----

## କୃଷି ଯନ୍ତ୍ର ପାତିରେ ରିହାତି ପ୍ରଦାନ

2079 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଏହାର ପ୍ରାୟ ୫୦% ଲୋକ କୃଷି ଉପରେ ନିର୍ଭର କରନ୍ତି, ବିଭିନ୍ନ ସମୟରେ କୃଷି ଯନ୍ତ୍ର ପାତି କ୍ରୟ ଉପରେ ସରକାର ବିଭିନ୍ନ ପ୍ରକାରର ସବସିଡି ଦେଇଥାନ୍ତି, ଏହି କୃଷି ଯନ୍ତ୍ରପାତି ଉପରେ ସରକାର କି କି ପ୍ରକାରର Subsidy ଏବଂ କେଉଁ ଆଧାରରେ ଚାଷୀମାନଙ୍କୁ ଦିଅନ୍ତି ?

----

## ନୂତନ Grid Station ସ୍ଥାପନ

2080 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧର୍ମଶାଳା ବ୍ଲକର ଚଢେଇଧରା ଗ୍ରାମରେ ଏକ ନୂତନ Grid Station ସ୍ଥାପନ ପାଇଁ ସେଠାକାର ଜନସାଧାରଣ ବହୁତ ଦିନରୁ ଦାବୀ କରିଆସୁଛନ୍ତି, ଏହା କାର୍ଯ୍ୟକାରୀ ହେଲେ ଚଢେଇଧରା ଗ୍ରାମବାସୀ ତଥା ଏହାର ଆଖପାଖ ଅଂଚଳର ଜନସାଧାରଣ ବିଶେଷ ଭାବରେ ଉପକୃତ ହେବେ,ଉକ୍ତ ପ୍ରସ୍ତାବ ଉପରେ ସରକାର କି ପଦକ୍ଷେପ ନେଇଛନ୍ତି କିମ୍ବା ଭବିଷ୍ୟତରେ ନେବା ପାଇଁ ସ୍ଥିର କରିଛନ୍ତି?

----

## ବିଦ୍ୟୁତ କାଟ ରୋକିବା ପାଇଁ ପଦକ୍ଷେପ

2081 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାତ୍ରାଧିକ ବିଦ୍ୟୁତ କାଟ ପାଇଁ ଦାୟୀ କିଏ, Electric Transformer upgradation କରିବାର ସରକାରଙ୍କର କଣ formula ଅଛି?

----

## ରେସନ କାର୍ଡ ପ୍ରଦାନର ନିୟମ

2082 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖାଦ୍ୟ ଏ ଯୋଗାଣ ବିଭାଗରେ ବର୍ତ୍ତମାନ ନୂଆ ରେସନ କାର୍ଡ ଦେଇଛନ୍ତି କି ନାହିଁ, ଯଦି ହେଉଛି ତାହା କେବେସୁଦ୍ଧା ହେବ, ଏଥିପାଇଁ ନିୟମ ବା guidelines କଣ ଅଛି?

----

## ନିୟନ୍ତ୍ରିତ ବଜାର କମିଟିର ଗୃହ ନିର୍ମାଣ

2083 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ନିୟନ୍ତ୍ରିତ ବଜାର କମିଟି ଗୃହ ନିର୍ମାଣ ଓ ମରାମତି ବାବଦକୁ 2020 ମସିହାରୁ ଏଯାବତ୍ କେଉଁ ଅର୍ଥ କେବେ ଖର୍ଚ୍ଚ ହୋଇଛି ତାର ବ୍ଲକୱାରୀ ତାଲିକା ପ୍ରଦାନ କରିବେକି, ଏହି ନିୟନ୍ତ୍ରିତ ବଜାର କମିଟି ଗୃହରୁ 2020 ମସିହାରୁ ଭଡାସୂତ୍ରରେ କେତେ ଅର୍ଥ ଆଦାୟ ହୋଇଛି?

----

## Store Agent ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

2084 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେଉଁଝର ଜିଲ୍ଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତଗୁଡ଼ିକୁ ୨୦୨୫ ମସିହାରୁ ଏଯାବତ ରାସନ ସାମଗ୍ରୀ ଯୋଗାଉଥିବା Store Agent ବିରୁଦ୍ଧରେ କୌଣସି ଅଭିଯୋଗ ଆସିଛି କି ; ଏହି ଅନିୟମିତତା ଅଭିଯୋଗରେ ସେମାନଙ୍କ ବିରୁଦ୍ଧରେ ବିଭାଗ ତରଫରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି; ବର୍ତ୍ତମାନ ଜିଲ୍ଲାରେ କାର୍ଯ୍ୟ କରୁଥିବା Store Agent ଙ୍କର ତାଲିକା, ଚୁକ୍ତିନାମାର ଶେଷ ତାରିଖ ଓ ଅନ୍ୟାନ୍ୟ ତଥ୍ୟ ବ୍ଲକୱାରୀ ପ୍ରଦାନ କରିବେ କି ?

----

## ନୂତନ ରେସନ କାର୍ଡ଼ ଗଠନ

2085 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରଙ୍କ ଦ୍ୱାରା ପ୍ରଚଳିତ ଅନ୍ତୋଦୟ ଯୋଜନାରେ ଯେଉଁମାନେ ସାମିଲ ହେଉଥିଲେ ସେମାନେ ପାଇଥିବା କାର୍ଡ଼ରୁ କିଛି ହିତାଧିକାରୀମାନଙ୍କ କାର୍ଡ଼ Online ରେ Show କରୁନାହିଁ କି ସେମାନଙ୍କ ପାଇଁ ନୂତନ କାର୍ଡ଼ର ବ୍ୟବସ୍ଥା ହୋଇପାରୁ ନାହିଁ, ଯେଉଁ ପୁରୁଣା କାର୍ଡ଼ ଲୋକମାନଙ୍କ ପାଖରେ ଅଛି ସେଥିରୁ କେତେଜଣ ଦେହତ୍ୟାଗ କରିଥିବା ସତ୍ତ୍ୱେ ଆଜିପର୍ଯ୍ୟନ୍ତ ସେହି କାର୍ଡ଼ରେ ଚାଉଳ ଉଠା ଚାଲିଛି, ହେଲେ ସେହି କାର୍ଡ଼ର ଚାଉଳ ମଣିଷ ଖାଉଛନ୍ତି କି ଭୂତ ଖାଉଛି, କି ଅଫିସରମାନେ ଖାଉଛନ୍ତି ତାହା ଜଣାପଡୁନି, ବହୁତଗୁଡ଼ିଏ ପଞ୍ଚାୟତରେ କିଛି କିଛି ମାତ୍ରାରେ ଅନ୍ତୋଦୟ କାର୍ଡ଼ ଖାଲି ପଡ଼ିଛି ଯେଉଁଥିପାଇଁ କିଛି ଯୋଗ୍ୟ ହିତାଧିକାରୀ ଏହି କାର୍ଡ଼ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ଏଥିପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ପୋଖରୀ ଖନନ

2086 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ କୃଷି ବିଭାଗ ଦ୍ୱାରା ୨୦୨୪-୨୫, ୨୦୨୫-୨୬ ଆର୍ଥିକ ବର୍ଷରେ କେଉଁ ଯୋଜନାରେ କେଉଁ ବିଭାଗ ଦ୍ୱାରା କେଉଁ ଜିଲ୍ଲାରେ କେତୋଟି ପୋଖରୀ ଖୋଳା ଯାଇଅଛି, ଏହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ଏଥିପାଇଁ କେଉଁ ଯୋଜନା ପାଇଁ କେତେ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ କେତେ ଅର୍ଥ ଖର୍ଚ୍ଚ କରାଯାଇଅଛି, ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି?

----

## ଗୋ ଚାଲାଣ ରୋକିବା ପାଇଁ ପଦକ୍ଷେପ

2087 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଅନ୍ୟରାଜ୍ୟମାନଙ୍କୁ ଗୋ ଚାଲାଣ ରୋକିବା ପାଇଁ ସରକାର ଗୋରକ୍ଷକମାନଙ୍କୁ ସ୍ୱୀକୃତି ପ୍ରଦାନ କରି ସେମାନଙ୍କୁ ପରିଚୟ ପ୍ରଦାନ କରିଛନ୍ତି, ସେଥିପାଇଁ କିଛି ନିୟମାବଳୀ ପ୍ରଣୟନ କରାଯାଇଛି କି ; ସମ୍ପୃକ୍ତ ଗୋରକ୍ଷକମାନେ ବିଗତ ୧ ବର୍ଷରେ କାମଧେନୁ ଯୋଜନାରେ ଆମରାଜ୍ୟକୁ ଗୋରୁ ଆଣି ଆସୁଥିବା ବେଳେ ଗୋ ଚାଷୀମାନଙ୍କୁ କେଉଁ ଜିଲ୍ଲା /ସ୍ଥାନ ମାନଙ୍କରେ ଆକ୍ରମଣ/ ମରଣାନ୍ତକ ଆକ୍ରମଣ କରିଛନ୍ତି ଏବଂ କେତେଜଣ ମୃତାହତ ହୋଇଛନ୍ତି ଏଭଳି ଆକ୍ରମଣରେ ସମ୍ପୃକ୍ତ କେତେଜଣ ଗୋରକ୍ଷକ ଗୋ ମାଫିଆଙ୍କୁ ଗିରଫ କରାଯାଇଛି ଏବଂ କି ଦଣ୍ଡବିଧାନ କରାଯାଇଛି ?

----

## ଅଯୋଗ୍ୟ ହିତାଧିକାରୀଙ୍କୁ ବାହାର କରିବାକୁ ପଦକ୍ଷେପ

**2088 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଇ - କେୱାଇସି ଦ୍ୱାରା 100 % ଅଯୋଗ୍ୟ ହିତାଧିକାରୀ ଜଣାପଡ଼ିବି କି; ଯେଉଁମାନେ ଭୁଲ ତଥ୍ୟ ଦେଇ ଚଞ୍ଚକତା କରି ରାସନ ପାଉଛନ୍ତି ସେମାନେ କିପରି ଧରାପଡ଼ିବେ; ଭୁବନେଶ୍ୱର ସହରରେ କୋଠା, ଛାତପକ୍କା ୩ ବଖରିଆ ଘର, ୨ ଟି ୪ ଚକିଆ ଗାଡ଼ି ଥାଇ ଜମି ପଟ୍ଟାରେ ଗାଁ ଠିକଣା ଥିବ ସେମାନଙ୍କୁ ଧରିବାର ମାଧ୍ୟମ କଣ ;୩ ମାସ ଭିତରେ ଇ-କେୱାଇସି ନ ହେଲେ କେବଳ ରାସନ କାର୍ଡ଼ ସମ୍ପୂର୍ଣ୍ଣ ବନ୍ଦ ହେବ କିମ୍ବା ଗୋପବନ୍ଧୁ ଜନଆରୋଗ୍ୟ କାର୍ଡ଼ ବନ୍ଦ ହେବା ଆଗରୁ ଭୁଲ ତଥ୍ୟ ପ୍ରଦାନକରି ଲୁଟିଥିବା ରାସନ ସାମଗ୍ରୀ ବାବଦରେ କଣ ପଦକ୍ଷେପ ନେବେ ?

----

## ଭିତ୍ତିଭୂମି ଉନ୍ନତିକରଣ ପାଇଁ ଅର୍ଥ ବିନିଯୋଗ

**2089 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ଜାନୁଆରୀ ୨୦୨୧ ଠାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ଟାଟା ପାୱାର ଓଡ଼ିଶା DISCOM କୁ ଭିତ୍ତିଭୂମି ସଜାଡ଼ିବା ପାଇଁ ସରକାର କେତେ ଟଙ୍କା ପ୍ରଦାନ କରିଛନ୍ତି, ଏହା କେଉଁ କେଉଁ କାର୍ଯ୍ୟ ସମ୍ପାଦନ କରିବା ପାଇଁ ପ୍ରଦାନ କରିଛନ୍ତି, ଏହା ବ୍ୟତୀତ Tata Power Odisha Discom ନିଜ ପକ୍ଷରୁ କେତେ ଅର୍ଥ ବିନିଯୋଗ କରିଛି ତାହାର ବିବରଣୀ ଉପସ୍ଥାପନ କରିବେ କି ?

----

## ପାମୋଲିନ ଚାଷ

**2090 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡ଼ା ଜିଲ୍ଲାରେ କେଉଁବର୍ଷଠାରୁ ପାମୋଲିନ ଚାଷ ଆରମ୍ଭ ହୋଇଛି, ଆଜି ସୁଦ୍ଧା କେଉଁ ବ୍ଲକର କେତେ ଚାଷୀ ଉପକୃତ ହୋଇ ପାରିଛନ୍ତି, କେତେ ଜମିରେ ଏହି ଚାଷ କରାଯାଇଛି, ଚାଷୀ ନିଜ ଜମିରେ ନିଜେ କରୁଛନ୍ତି ନା ଲିଜ ସୂତ୍ରରେ ଦେଇଛନ୍ତି, ଚାଷୀଙ୍କୁ କେଉଁଠାରୁ ଚାରା ଯୋଗାଇ ଦିଆଯାଉଛି, ଚାରା ପ୍ରସ୍ତୁତ ପାଇଁ କେଉଁ ଅନୁଷ୍ଠାନ ବା ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ଦିଆଯାଇଛି, ଏହା ସହିତ ପାମୋଲିନ ଚାରା ଓ ଗଛର ବିଭିନ୍ନ ସମସ୍ୟା ସମ୍ପର୍କରେ ସହଯୋଗ କରିବା ପାଇଁ କେଉଁ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି, ଏ ବାବଦରେ ବାର୍ଷିକ କେତେ ଅନୁଦାନ ସରକାରଙ୍କ ପକ୍ଷରୁ ଦିଆଯାଉଛି, ରାୟଗଡ଼ା ଜିଲ୍ଲାରେ ରାଜ୍ୟର ପ୍ରଥମ ପାମୋଲିନ ଅୟେଲ ମିଲର ସ୍ଥିତି କଣ, ଜିଲ୍ଲାରେ ଉତ୍ପାଦିତ ପାମୋଲିନ ମଞ୍ଜିରୁ ତୈଳ ପ୍ରସ୍ତୁତ କରିବା ପାଇଁ ଏହି କଳ କାର୍ଯ୍ୟରେ ଆସୁଛି ନା ଅନ୍ୟ କେଉଁଠି ତୈଳ ପ୍ରସ୍ତୁତ କରାଯାଉଛି, ଏହାର ପରିଚାଳନା ଦାୟିତ୍ୱ କାହା ହାତରେ ରହିଛି, ଏହି ମିଲ କେବେ ନିର୍ମାଣ କରାଯାଇଥିଲା, ଏହିପ୍ରତି ସରକାରଙ୍କ ପକ୍ଷରୁ କେତେ ରିହାତି ଦିଆଯାଇଥିଲା, ଏହି ମିଲ ବାବଦକୁ ସରକାରଙ୍କ ତହବିଲରୁ କେତେଥର କେଉଁ କେଉଁ ବର୍ଷ ଟଙ୍କା ଦିଆଯାଇଛି, କେଉଁ ଜମା ଖାତାକୁ ଦିଆଯାଇଥିଲା ?

----

## ଖଦୀ କର୍ମଶାଳା ଗୃହ ତାଲିକା

2091 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2019-2024 ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର କେଉଁ ଜିଲ୍ଲାକୁ କେତେ ଖଦୀ କର୍ମଶାଳା ଗୃହ ପ୍ରଦାନ କରାଯାଇଥିଲା; ଏବଂ ଏଥିରେ ହିତାଧିକାରଙ୍କ ଚୟନ ପାଇଁ କଣ ନୀତିନିୟମ ଥିଲା; ଏହି ଯୋଜନାରେ କେତେ ହିତାଧିକାରୀ ଉପକୃତ ହେଉଛନ୍ତି ଜଣାଇବା ସହ କଟକ ଜିଲ୍ଲାର ସମସ୍ତ ହିତାଧିକାରୀମାନଙ୍କ ତାଲିକା ପ୍ରଦାନ କରିବେ କି; ଅଦ୍ୟାବଧି ତନ୍ମଧ୍ୟରୁ କେତୋଟି ଘର ସମ୍ପୂର୍ଣ୍ଣ ହୋଇଛି କେତେ ଘର ଆରମ୍ଭ ହୋଇ ଅସମ୍ପୂର୍ଣ୍ଣ ରହିଛି ତାର ଏକ ସୋସାଇଟିଞ୍ଚ ତାଲିକା ପ୍ରଦାନ କରିବେ କି?

----

## ବୁଣାକାରଙ୍କୁ ସହାୟତା ପ୍ରଦାନ

2092 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବରିଷ୍ଠ ବୁଣାକାର ସହାୟତ ଯୋଜନାରେ ଅଦ୍ୟାବଧି କେଉଁ ଜିଲ୍ଲାରେ କେତେ ହିତାଧିକାରୀ ମାସିକ କେତେ ଟଙ୍କା ଭତ୍ତା ପାଉଛନ୍ତି; ତାର ଏକ ତାଲିକା ଦେବା ସହ ଅଦ୍ୟାବଧି ଆଠଗଡ ବୟନ ମଣ୍ଡଳ ଅଧୀନରେ କେତେ ଜଣ ନୂତନ ଭତ୍ତା ପାଇଁ ଆବେଦନ କରିଛନ୍ତିଞ୍ଚ, ଏବଂ ସେଥିମଧ୍ୟରୁ କେତେ ଜଣ ଯୋଗ୍ୟ ଅଟନ୍ତି ତାର ବ୍ଲକୱାରୀ ତାଲିକା ଦେବେ କି ?ଏହି ଭତ୍ତା ପାଇବା ପାଇଁ ସରକାରଙ୍କର ନୂତନ ନିୟମାବଳୀ କ'ଣ ରହିଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି; (ଖ) ବୁଣାକାର ମାନଙ୍କ ପାଇଁ ରାଜ୍ୟ ସରକାର / କେନ୍ଦ୍ର ସରକାରଙ୍କ ଦ୍ୱାରା ଆଉ କି କି ନୂତନ ସହାୟତା ଯୋଜନା ରହିଛି, ଏବଂ ଏଥିପାଇଁ ସରକାର କି ନିୟମ ରଖିଛନ୍ତି ତାହାର ଯୋଜନାୱାରୀ ନିୟମାବଳି ପ୍ରଦାନ କରିବେ କି?

----

## ଖାଲି ପଦବୀ ପୂରଣ

2093 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଢ଼େତିନି ଲକ୍ଷ ଜନସଂଖ୍ୟା ଏବଂ ୫୦ଟି ପଞ୍ଚାୟତ ବିଶିଷ୍ଟ ଭୋଗରାଇ ନିର୍ବାଚନ ମଣ୍ଡଳୀର କୃଷି କାର୍ଯ୍ୟାଳୟରେ କେଉଁ ପଦବରେ କେତେ କର୍ମଚାରୀ ରହିବା କଥା ଏବଂ ସେଥିରୁ କେତେ ପଦଖାଲି ପଡ଼ିଛି; ଖାଲି ପଡ଼ିଥିବା ପଦ ପୂରଣ କରିବାକୁ ପଦକ୍ଷେପ ନେବେ କି ?

----

## କ୍ଷତି ପୂରଣ ପ୍ରଦାନ

2094 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ୨୦୨୨ରୁ ୨୦୨୫ ମଧ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ମୋଟ କେତେ ଚାଷୀ କେତେ ଟଙ୍କା ପ୍ରିମିୟମ ଦେଇଛନ୍ତି, ଏବଂ ଏହି ଚାଷୀମାନେ ବୀମା ଅର୍ଥ ବାବଦରେ କମ୍ପାନି ଗୁଡ଼ିକଠାରୁ କେତେ ଟଙ୍କା କ୍ଷତିପୂରଣ ପାଇଛନ୍ତି ତାହାର ୪ ବର୍ଷର ପୃଥକ ପୃଥକ ଭାବେ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଗହମ ବଣ୍ଟନ

2095 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୧୪ ମାସ ମଧ୍ୟରେ FCI ରାଜ୍ୟ ସରକାରଙ୍କୁ କେତେ ଗହମ ଯୋଗାଇଛି, ସେଥିରୁ କେତେ ପରିମାଣର ଗହମ ଲୋକଙ୍କୁ ବଣ୍ଟାଯାଇଛି ଏବଂ କେତେ ପରିମାଣର ଗହମ କେଉଁ କେଉଁ ଗୋଦାମରେ ମହଜୁଦ ଅଛି; ଗୋଦାମରେ ମହଜୁଦ ଥିବା ଗହମରୁ କେତେ ନଷ୍ଟ ହୋଇଯାଇଛି ଏବଂ ଅବଶିଷ୍ଟ ଗହମ କେବେସୁଦ୍ଧା ବଣ୍ଟା ସରିବ; କେଉଁ ମାସଠାରୁ ହିତାଧିକାରୀଙ୍କୁ ନିୟମିତ ଭାବେ ଗହମ ବଣ୍ଟାଯିବ ?

----

## ଦୁର୍ଘଟଣା ରୋକିବାକୁ ପଦକ୍ଷେପ

2096 **ଶ୍ରୀ କେ. ଅନିଲ କୁମାର (ବ୍ରହ୍ମପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାତୀୟ ରାଜପଥରେ ଗାଇ, ଗୋରୁଙ୍କ ଅବାଧ ପ୍ରବେଶ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ମାନ ଘଟୁଥିବାରୁ ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବେ କି ?

----

## I.T. Parkର ବିକାଶ

2097 **ଶ୍ରୀ କେ. ଅନିଲ କୁମାର (ବ୍ରହ୍ମପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମପୁର ଆମ୍ବପୁଆଠାରେ ପ୍ରସ୍ତାବିତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପାର୍କ (IT Park)ର ବିକାଶର କଣ ଅଗ୍ରଗତି ହୋଇଛି ଓ କଣ ପ୍ରସ୍ତାବ ରହିଛି ?

----

## MSME Park ର ସ୍ଥିତି

2098 **ଶ୍ରୀ କେ. ଅନିଲ କୁମାର (ବ୍ରହ୍ମପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୀତନ୍ଦା ପଲ୍ଲୀ ଠାରେ ପ୍ରସ୍ତାବିତ MSME Park ର ବର୍ତ୍ତମାନ ସ୍ଥିତି କଣ ଅଟେ?

----

## ଧାନ କ୍ରୟ ସମ୍ପର୍କରେ

2099 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ କେଉଁ କୃଷକ ଠାରୁ କେତେ କ୍ୱିଣ୍ଟାଲ ଧାନ କିଣାଯାଇଛି ତାହାର ଏକ ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି ?

----

## ରବି ଫସଲର ସଫଳତା ପାଇଁ ପଦକ୍ଷେ

2100 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ରବି ଫସଲ ପାଇଁ କୃଷକମାନଙ୍କ ସଫଳତା ଓ ଉନ୍ନତି ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଆଗାମି ଦିନରେ କି କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଫଳ ଚାଷ ପାଇଁ ପ୍ରୋତ୍ସାହନ

2101 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ପନିପରିବା ଓ ଫଳଚାଷ ଭିତ୍ତିଭୂମି ଉନ୍ନୟନ ନିମନ୍ତେ ସରକାର କି କି ସ୍ୱତନ୍ତ୍ର ଯୋଜନା କରିଛନ୍ତି ଏବଂ ଆଗାମି ଦିନରେ କି କି ଯୋଜନା କରିବାକୁ ଯାଉଛନ୍ତି?

----

## ନୂତନ ମଣ୍ଡି ସ୍ଥାପନ

2102 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ସମୁଦାୟ ମଣ୍ଡି ସଂଖ୍ୟା କେତେ ତାହାର ବ୍ଲକ ଓ ସ୍ଥାନ ୱାରୀ ସୂଚନା ଦେବେ କି, ଏହି ସବୁ ମଣ୍ଡି ଗୁଡିକରେ କୃଷକ ମାନଙ୍କ ପାଇଁ ଆଶ୍ରୟ ସ୍ଥଳ, ପାନୀୟ ଜଳ, ଛାଉଣି ବ୍ୟବସ୍ଥା ରହିଛି କି, ଏହାର ସ୍ଥାନ ୱାରୀ ବିବରଣୀ ରଖିବେ କି, ନୂତନ ମଣ୍ଡି ସ୍ଥାପନ ପାଇଁ ବିଭାଗ ତରଫରୁ କି ନୀତି ଅବଲମ୍ବନ କରାଯାଉଛି, ଧର୍ମଗଡ଼ ବ୍ଲକ ଡୁମେରଗୁଡ଼ା ଓ ଛଞ୍ଚାଣ ବାହିଲି ଗ୍ରାମ ପଂଚାୟତ ରେ ମଣ୍ଡି ସ୍ଥାପନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## କନିଷ୍ଠ ଯନ୍ତ୍ରୀ ନିଯୁକ୍ତି

2103 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମବାୟ ବିଭାଗର ବିଭିନ୍ନ ନିର୍ମାଣ ପାଇଁ ଟଙ୍କା ଅଭାବରୁ ରାଜ୍ୟରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଖବର ସତ୍ୟ କି, କଳାହାଣ୍ଡି ସମେତ ଚାରିଟି ଜିଲ୍ଲା ପାଇଁ ଜଣେ ମାତ୍ର କନିଷ୍ଠ ଯନ୍ତ୍ରୀ ଥିବା ବେଳେ ଆଉ ଅଧିକ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ କେବେ ନିଯୁକ୍ତି ହେବେ ?

----

## ମୃର୍ତ୍ତିକା ସଂରକ୍ଷଣ ପାଇଁ ଅନୁଦାନ

2104 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ମୃକ୍ତିକା ସଂରକ୍ଷଣ ପାଇଁ ବିଭାଗ ତରଫରୁ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ଓ ଏହି ବାବଦରେ ରାଜ୍ୟ ସରକାରଙ୍କ ତରଫରୁ କେତେ ଅନୁଦାନ ବିଗତ ତିନୋଟି ଆର୍ଥିକ ବର୍ଷରେ ଯୋଗାଇ ଦିଆ ଯାଇଛି ତାହାର ବର୍ଷ ଓ ସ୍କିମ୍ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଖାଣ୍ଡବ ବନ ଧ୍ୟାନପୀଠକୁ ବିଦ୍ୟୁତ୍ ସଂଯୋଗ

2105 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲା ସ୍ଥିତ ବ୍ରହ୍ମଗିରି ବ୍ଲକ ଅର୍ନ୍ତର୍ଗତ ମହାଦେବ ଅର୍ଜୁନ ପୀଠ ଠାରେ ଗ୍ରାମ- କାଳିକା ବାଡି ନିକଟ ଅଭିରାମ ପରମହଂସ ଖାଣ୍ଡବ ବନ ଧ୍ୟାନପିଠଙ୍କୁ କେବେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ କରାଯିବ ?

----

## TATA Power ଉପରେ ଅଙ୍କୁଶ ଲଗାଇବା ପାଇଁ ପଦକ୍ଷେପ

2106 **ଶ୍ରୀ ଛବି ମଲିକ (ନିଆଳି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OERC Complain fine line କୁ TATA Power ଉଲ୍ଲଙ୍ଘନ କରୁଥିବା କଥା ସରକାର ଜାଣନ୍ତି କି ଯଦି ହଁ ତେବେ TATA Power କୁ Fine impose କରିବାର ବିଧି ବ୍ୟବସ୍ଥା OERC ଅଛି କି ନାହିଁ ଯଦି ଅଛି ତେବେ ଆଦି ପର୍ଯ୍ୟନ୍ତ TATA Power ଠାରୁ OERC କେତେ ଟଙ୍କା କେଉଁ ବାବଦରେ କେତେ ତାରିଖରେ ଆଦାୟ ହୋଇଛି ଏବଂ ଉପଭୋକ୍ତାଙ୍କୁ ଗୋଟିଏ Transformer କିମ୍ବା Pole କିଣିବା ପାଇଁ କେଉଁ ଆଧାରରେ ଏହାର ମୂଲ୍ୟାଙ୍କନ କରାଯାଉଛି ଆଗରୁ ଉପଭୋକ୍ତା Consumer ମାନେ meter ନିଜେ ବାହାରୁ କିଣୁଥିବା ବେଳେ ବର୍ତ୍ତମାନ TATA power ତାର ନିଜସ୍ୱ meter ଲଗାଇ ଥିବାର କାରଣ କଣ ଉକ୍ତ meter ବ୍ୟବସ୍ଥାକୁ TATA power ଉପରେ ଅଙ୍କୁଶ ଲଗେଇବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ପେଟ୍ରୋଲ ପମ୍ପର ତଥ୍ୟ ପ୍ରଦାନ

2107 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ଗୋଟି ପେଟ୍ରୋଲ ପମ୍ପ ଅଛି ତାହାର ଜିଲ୍ଲା ଓ ୟୁନିଟ୍ ଅନୁସାରେ ତଥ୍ୟ ପ୍ରଦାନ କରିବେ କି, କେଉଁ କେଉଁ ପେଟ୍ରୋଲ ପମ୍ପ ରେ 0 (ଶୂନ) tolerance ଲିମିଟ/ପାଞ୍ଚ ଲିଟର ରେ ସିଲ କରାଯାଇଛି ଓ କେଉଁ କେଉଁ ପେଟ୍ରୋଲ ପମ୍ପ ରେ ପାଞ୍ଚ ମିଲିଲିଟର ରୁ ଅଧିକ tolerance ଲିମିଟ/ପାଞ୍ଚ ଲିଟରେ ସିଲ କରାଯାଇଛି ଓ କେଉଁ ପେଟ୍ରୋଲ ପମ୍ପ ରେ ଦଶ ମିଲିଲିଟରରୁ ଅଧିକା Tolerance ଲିମିଟ/ପାଞ୍ଚ ଲିଟର ରେ ସିଲ କରାଯାଇଛି ?

----

## ଗୋଦାମ ଗୃହ ବ୍ୟବସ୍ଥା

2108 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାର୍ଷିକ ହାରାହାରି ରାଜ୍ୟରେ କେତେ ଚାଉଳ ଉତ୍ପାଦନ ହେଉଅଛି ସେଥିରୁ ରାଜ୍ୟର ଆବଶ୍ୟକତା କେତେ Food Corporation of India (FCI) ହାରାହାରି କେତେ ଚାଉଳ ସଂଗ୍ରହ କରନ୍ତି ଏବଂ ଚାଉଳ ମହଜୁଦ କରିବାପାଇଁ କେତେ ଗୋଦାମ ଆବଶ୍ୟକ ଏବଂ ବର୍ତ୍ତମାନ ରାଜ୍ୟରେ ଧାନ ଓ ଚାଉଳ ସଂରକ୍ଷିତ ରଖିବାପାଇଁ କେତେ ପରିମାଣ ଗୋଦାମ ବ୍ୟବସ୍ଥା ରହିଅଛି ?

----

## କାଳିଆ ସହାୟତା ପ୍ରଦାନ ସମ୍ପର୍କରେ

2109 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୁନାଗଡ ବିଧାନସଭାର ନିର୍ବାଚନ ମଣ୍ଡଳୀରେ କେତେ କଣିଆ ଓ ସୂକ୍ଷ୍ମ କୃଷକ କାଳିଆ ସହାୟତା ପାଇଛନ୍ତି ଜୁନାଗଡର କୌଣସି ଯୋଗ୍ୟ କୃଷକ ବଞ୍ଚିତ ନ ହୋଇପାରିବେ ବୋଲି ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା

**2110 ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଉଦ ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ କେଉଁ କେଉଁ ପ୍ରକଳ୍ପ ବିଗତ 5 ବର୍ଷରେ କାର୍ଯ୍ୟକାରୀ କରାଯାଇଅଛି ତା'ର ଏକ ତାଲିକା ଉପସ୍ଥାପନ କରିବେ କି, ଏହି ପ୍ରକଳ୍ପ ଗୁଡିକ ଠିକ୍ ଭାବରେ କାର୍ଯ୍ୟକାରୀ ନହେବା ଓ ଲୋକେ ଏହାର ସୁଫଳ ପାଉନଥିବାର ବାରମ୍ବାର ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଅଛି କି, ଏହି ଭ୍ରଷ୍ଟାଚାର ବିରୁଦ୍ଧରେ କି ପଦକ୍ଷେପ ନେବାକୁ ଯାଉଛନ୍ତି?

----

## ଆଳୁ ଉତ୍ପାଦନ ସମ୍ପର୍କରେ

**2111 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟରେ ଚଳିତ ବର୍ଷ ପାଇଁ କେତେ ଚାଷୀଙ୍କୁ ଆଳୁ ଚାଷ ପାଇଁ ପ୍ରୋତ୍ସାହିତ କରାଯାଇଛି, କେତେ ଚାଷୀଙ୍କୁ ଆଳୁ ବିହନ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସହଯୋଗ ପ୍ରଦାନ କରାଯାଇଛି, କେତେ ଆଳୁ ଉତ୍ପାଦନ ହୋଇଛି, ଏହାର ବ୍ଲକୱାରୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି, ଗତ 3 ବର୍ଷରେ ବିଭାଗ ପକ୍ଷରୁ ଉତ୍ପାଦନ ପାଇଁ କେଉଁ ଚାଷ କରାଯାଇଛି, ଏଥିରୁ କେଉଁ ଶସ୍ୟ/ ପରିବା କେତେ ପରିମାଣର ଉତ୍ପାଦନ ହୋଇଛି ଓ ଏହାର ବ୍ରଷୱାରୀ ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଚିଙ୍ଗୁଡି ଚାଷୀଙ୍କ ପାଇଁ ନୂତନ ନୀତି ପ୍ରଣୟନ

**2112 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆମେରିକା ଭାରତ ଉପରେ 50% ଟାରିଫ ଲଗାଇବା ପରେ ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ଚିଙ୍ଗୁଡି ଶିଳ୍ପ ଘୋର ପ୍ରଭାବିତ ହେବାକୁ ଯାଉଛି, ଏଭଳି ସ୍ଥିତିରେ ରାଜ୍ୟ ସରକାର ଓଡିଶାର ଲକ୍ଷାଧିକ ଚିଙ୍ଗୁଡି ଚାଷୀଙ୍କୁ ଏହି ବିପଦରୁ ରକ୍ଷା କରିବା ଲାଗି କିଛି ନୂତନ ନୀତି ପ୍ରଣୟନ କଲେଣି କି, ଏ ନେଇ ରାଜ୍ୟ ସରକାର କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସହ ଯୋଗାଯୋଗ ବା ବୈଠକ କଲେଣି କି ?

----

## କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି

**2113 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଜପତି ଓ ଖୋର୍ଦ୍ଧା ଜିଲ୍ଲାରେ PMEGP ଯୋଜନାରେ ବିଗତ 2 ବର୍ଷରେ କେଉଁ ବ୍ଲକ, ପୌର ସଂସ୍ଥାରେ କେତେଜଣ ହିତାଧିକାରୀ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ଆଳରେ ଆତ୍ମନିଯୁକ୍ତି ନିମନ୍ତେ କେତେ ଋଣ ପ୍ରଦାନ କରାଯାଇଛି ?

----

## ସୋଲାର ଏନର୍ଜି ଉତ୍ପାଦନ

2114 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2023-24 ବର୍ଷ କେଉଁ ଉତ୍ସରୁ କେତେ ବିଦ୍ୟୁତ୍ ଉତ୍ପାଦନ ହୋଇଛି, ବ୍ୟବହାର ବାଦେ କେତେ ବଳକା ହୋଇଛି, କେତେ ବାହାର ରାଜ୍ୟକୁ ବିକ୍ରୟ ହୋଇଛି, ଜାତୀୟ ଗ୍ରୀଡ୍ ରୁ ଆମରାଜ୍ୟ କେତେ ବିଦ୍ୟୁତ୍ କେତେ ଟଙ୍କାରେ ପାଇଛି ; (ଖ) Smart Meter କେତେ ସଂଯୋଗ ହେଲାଣି, ଆଉ କେତେ ସଂଯୋଗ ହେବା ଯୋଜନା ରହିଛି, ଏହାଦ୍ୱାରା ଉପଭୋକ୍ତାଙ୍କର ଲାଭ କ'ଣ ନୀତି କ'ଣ ଜଣାଇବେ, ସୋଲାର୍ ଉତ୍ପାଦନ ରାଜ୍ୟରେ କମ୍ ହେବା କାରଣ କ'ଣ, 2024 ଓ 2025 ବର୍ଷ ସୋଲାର୍ ଏନର୍ଜୀ କେତେ ଉତ୍ପାଦନ ହୋଇଛି, ଆସନ୍ତା ଦୁଇବର୍ଷ ପାଇଁ ଯୋଜନା କ'ଣ?

----

## ଉଦ୍ୟାନ ସାଥିଙ୍କୁ ସ୍ଥାୟୀ ନିଯୁକ୍ତି

2115 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୃଷି ବିଭାଗ ଅନ୍ତର୍ଗତ ଉଦ୍ୟାନ ବିଭାଗରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ପ୍ରତି ଜିଲ୍ଲାରେ ଥିବା ବ୍ଲକ ମାନଙ୍କରେ ଉଦ୍ୟାନ ସାଥୀ ଅଛନ୍ତି କି, ଯଦି ଉତ୍ତର 'ହଁ' ହୁଏ, ତାହେଲେ ଉଦ୍ୟାନ ବିଭାଗରେ ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ବନ୍ଦ କରାଯାଇଛି ତେଣୁ ଉକ୍ତ ଉଦ୍ୟାନ ସାଥୀ (Mate) ମାନଙ୍କୁ ଉଦ୍ୟାନ ବିଭାଗରେ ସ୍ଥାୟୀ ନିଯୁକ୍ତି କରିବା ନିମନ୍ତେ ସରକାରଙ୍କ ତରଫରୁ କୌଣସି ବନ୍ଦୋବସ୍ତ କରାଯାଇଛି କି ?

----

## ରୋ-ପ୍ୟାକସ୍ ଜେଠୀ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

2116 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଜିଲ୍ଲାର ତାଳଚୁଆ ଏବଂ ଭଦ୍ରକ ଜିଲ୍ଲାର କାଳିନାଳିକୁ ସଂଯୋଗ କରୁଥିବା ରୋ-ପ୍ୟାକସ୍-ଜେଠୀ ନିର୍ମାଣ ପାଇଁ କେଉଁ ଆର୍ଥିକ ବର୍ଷରେ କେତେ ଟଙ୍କା ମଞ୍ଜୁର କରାଯାଇଛି, ବର୍ତ୍ତମାନ ଏହି ଜେଠୀର ନିର୍ମାଣ କାର୍ଯ୍ୟ କେଉଁ ସ୍ଥିତିରେ ଅଛି, ଏହାର ନିର୍ମାଣ କାର୍ଯ୍ୟ ମନ୍ଥର ହେବାର କାରଣ କ'ଣ, ଏହା କେବେସୁଦ୍ଧା ନିର୍ମାଣ ଶେଷ ହୋଇ ଜନସାଧାରଣଙ୍କ ସେବାରେ ଲାଗିପାରିବ ?

----

## DEO ମାନଙ୍କର ଚାକିରୀ ନିୟମିତ କରିବାକୁ ପଦକ୍ଷେପ

2117 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟରେ ଥିବା PACS ଏବଂ LAMPS ଗୁଡିକରେ computer ମାଧ୍ୟମରେ ସମସ୍ତ କାର୍ଯ୍ୟ କରିବା ପାଇଁ ସମବାୟ ନବନ୍ଧକଙ୍କ ଚିଠି ସଂଖ୍ୟା ୧୯୩୪, dt. ୧୭.୧୦.୨୦୧୫ ଆଧାରରେ ସମବାୟ ସମିତି ପରିଚାଳନା ପରିଷଦ ଦ୍ୱାରା ନିୟୋଜିତ DEO ମାନେ ଦୀର୍ଘ ୧୦ ବର୍ଷ ହେବ ନୀରବଚ୍ଛିନ୍ନ ଭାବରେ ସଂସ୍ଥାର ୯୦% କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କର Service regularise କରାନଯିବାର କାରଣ କ'ଣ, ସରକାରଙ୍କ ନିୟମ ଅନୁଯାୟୀ ସମାନ କାମକୁ ସମାନ ଦରମା ଆଧାରରେ ସେମାନଙ୍କୁ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## PACS ଗୁଡିକୁ ଧାନ କ୍ରୟ ପ୍ରକ୍ରିୟାରେ ସାମିଲ କରିବାକୁ ପଦକ୍ଷେପ

2118 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ PACS ତଥା ଜଳେଶ୍ୱର PACS, ଡିଗହାଁ ଏବଂ ନୂଆଗାଁ ବ୍ଲକର ନୂଆଗାଁ PACS ଗୁଡିକୁ ଚଳିତ ବର୍ଷ ଖରିଫ ଧାନ କ୍ରୟ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଜିଲ୍ଲା ସ୍ତରରୁ ଆସିଥିବା ପ୍ରସ୍ତାବ ଉପରେ କି ପଦକ୍ଷେପ ନିଆଯାଇଛି ଓ ଚଳିତ ବର୍ଷ ସମ୍ପୃକ୍ତ PACS ସାମିଲ କରିବେ କି ?

----